


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୦୫ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 05 SEPTEMBER 2022
Vol.No. 35 ■ No. 233 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# କଂଗ୍ରେସର 'ହଲ୍ଲା ବୋଲ୍' ରାଲି, ଦରଦାମ୍ ବୃଦ୍ଧିକୁ ପ୍ରତିବାଦ

ନୂଆଦିଲ୍ଲୀ, ୦୪/୦୯ : ଦରଦାମ୍ ବୃଦ୍ଧି ଉପରେ କଂଗ୍ରେସର ହଲ୍ଲା ବୋଲ୍। ଦର ବୃଦ୍ଧି ପ୍ରତିବାଦରେ ବିଜେପିକୁ ଘେରିବାକୁ କଂଗ୍ରେସ କରିଛି ବଡ ଯୋଜନା। ଏଥିପାଇଁ ଆଜି ଦିଲ୍ଲୀର ରାମଲୀଳା ମୈଦାନ୍‌ରେ ମେହେଙ୍ଗାଇ ପର ହାଲ୍ଲା ବୋଲ ରାଲି'ର ଆୟୋଜନ କରିଛି କଂଗ୍ରେସ। ଏହି ରାଲିରେ ବରିଷ୍ଠ କଂଗ୍ରେସ ନେତା ସମେତ ଦଳର ସାଧାରଣ ସମ୍ପାଦକ ଏଆଇସିସି ମୁଖ୍ୟାଳୟରେ ଏକାଠି ହେବେ। ଏହାପରେ ସେଠାରୁ ସମସ୍ତେ ବସ୍‌ରେ ବସି ରାମଲୀଳ ମୈଦାନ ଅଭିମୁଖେ ବାହାରିବେ। ରାହୁଲ ଗାନ୍ଧୀଙ୍କୁ ଏହି ରାଲିକୁ ସମ୍ବୋଧିତ କରିବେ। ଏଥିପାଇଁ ରାମଲୀଳା ମୈଦାନରେ ଶହ ଶହ କଂଗ୍ରେସ କର୍ମୀ ଏକାଠି ହେଲେଣି।




କଂଗ୍ରେସର ରାଲିକୁ ଦେଖି ଦିଲ୍ଲୀ ରାମ ଲୀଳ ମୈଦାନ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଦିଲ୍ଲୀ ପୁଲିସ ପକ୍ଷରୁ ଏକ ଟ୍ରାଫିକ୍ ଆଡ୍‌ଭାଇଜରୀ ମଧ୍ୟ ଜାରି କରାଯାଇଛି। ରାଲି ପାଇଁ କେଉଁ ରାସ୍ତା ସବୁ ବନ୍ଦ ରହିଛି ସେ ନେଇ ଟ୍ୱିଟ୍ କରି ଯାତ୍ରୀଙ୍କୁ ଅବଗତ କରାଇଛି ଦିଲ୍ଲୀ ପୁଲିସ। ଦରଦାମ ବୃଦ୍ଧି ପ୍ରତିବାଦ କେବଳ ଏହି ରାଲିରେ ସୀମିତ ରହିବ ନାହିଁ। ବରଂ ଆଗାମୀ ୭ ତାରିଖରୁ କଂଗ୍ରେସ ଭାରତ ଯୋଡୋ ଯାତ୍ରା ଆରମ୍ଭ କରିବ। କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ଏହି ଯାତ୍ରା ଜାରି ରହିବ ବୋଲି ଦଳର ନେତା କେସି ବେଣୁଗୋପାଳ କହିଛନ୍ତି। ଦରଦାମ ବୃଦ୍ଧି ରୋକିବାକୁ ମୋଦି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି । ସେ କେବଳ ଅନ୍ୟ ଦଳର ବିଧାୟକଙ୍କୁ କିଣିବାରେ ବ୍ୟସ୍ତ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହା ପୂର୍ବରୁ ମଧ୍ୟ କଂଗ୍ରେସ ଦରଦାମ ଓ ଜିଏସ୍‌ଟି ବୃଦ୍ଧିକୁ ନେଇ ଅଗଷ୍ଟ ୫ ତାରିଖରେ ବଡ଼ ଧରଣର ରାଲି କରିଥିଲା। ସୋନିଆ, ରାହୁଲ ଓ ପ୍ରିୟଙ୍କାଙ୍କ ଭଳି ଦଳର ବଡ଼ ନେତାମାନେ ଏହି ରାଲିରେ ଭାଗ ନେଇଥିଲେ।

# ଆଜାଦଙ୍କ ନୂଆ ଦଳର ନାଁ 'ହିନ୍ଦୁସ୍ତାନୀ'

ଶ୍ରୀନଗର, ୦୪/୦୯ (ନି.ପ୍ର): କଂଗ୍ରେସରୁ ଇସ୍ତଫା ଦେବା ପରେ ନୂଆ ଗଠନ କଲେ ବରିଷ୍ଠ ନେତା ଗୁଲାମ ନବୀ ଆଜାଦ। ଜମ୍ମୁରେ ବିରାଟ ରାଲି କରି ସେ ନିଜ ନୂଆ ଦଳର ନାଁ 'ହିନ୍ଦୁସ୍ତାନୀ' ବୋଲି ଘୋଷଣା କରିଛନ୍ତି। ଏହି ଦଳକୁ ସର୍ବ ଧର୍ମ ହିନ୍ଦୁ, ମୁସଲିମ, ଶିଖ ଓ ଖ୍ରୀଷ୍ଟିଆନ ସମସ୍ତେ ବୁଝି ପାରିବେ ବୋଲି ସେ କହିଛନ୍ତି। ସେ କହିଛନ୍ତି, 'ଜମ୍ମୁ କଶ୍ମୀରର ଲୋକମାନେ ଯାହା ନିଷ୍ପତ୍ତି ନେବେ ତାହା ମୋ ଦଳର ନାମ ଏବଂ ପତାକା ହେବ। ମୁଁ ବର୍ତ୍ତମାନ ଦିଲ୍ଲୀରେ ବସି ଆପଣମାନଙ୍କ ପାଇଁ କୌଣସି ଆଦେଶ ଦେବି ନାହିଁ। ମୋ ପାଖକୁ ଅନେକ ନାମ ଆସିଥିଲା କେତେକରେ ଉର୍ଦ୍ଦୁ ଅଧିକ ଥିଲା ତ ଆଉ କେତେକରେ ସଂସ୍କୃତ ଅଧିକ ଥିଲା। ତେଣୁ ସର୍ବଧର୍ମକୁ ବୁଝାଇଲା ଭଳି ମୋ ନା 'ହିନ୍ଦୁସ୍ତାନୀ' ରଖିବାକୁ ନିଷ୍ପତ୍ତି ନିଆଯାଇଛି।' ଦଳର ଏଜେଣ୍ଡା ବିଷୟରେ ଗୁଲାମ ନବୀ ଆଜାଦ କହିଛନ୍ତି ଯେ ମୋର



ବିଧାନସଭାରେ ଲେଫ୍ଟନାଣ୍ଟ ଗଭର୍ଣ୍ଣର ନୁହେଁ ବରଂ ଜଣେ ଗଭର୍ଣ୍ଣର ରହିବେ। ମୋର ପ୍ରଥମ କାର୍ଯ୍ୟ ହେଉଛି ଜମି, ବାସସ୍ଥାନ ଏବଂ ଚାକିରୀ ପାଇଁ ସମ୍ପୂର୍ଣ୍ଣ ରାଜ୍ୟ ଅଧିକାରର ପୁନରୁଦ୍ଧାର। ଜମ୍ମୁ କଶ୍ମୀରରେ କେବଳ ଯୁବପିଢ଼ିଙ୍କୁ ହିଁ ନିଯୁକ୍ତ ମିଳୁ। ବାହାରୁ ଆସି କେହି ଜାମ୍ମୁ କାଶ୍ମୀରରେ ଚାକିରି ପାଇବା ଉଚିତ୍ ନୁହେଁ। କଶ୍ମୀର ଉପତ୍ୟକାରେ କଶ୍ମୀର ପଣ୍ଡିତମାନଙ୍କୁ ପୁନଃ ସ୍ଥାପିତ କରିବା ମଧ୍ୟ ମୋର ଏଜେଣ୍ଡାରେ ସାମିଲ ଅଛି ବୋଲି ଗୁଲାମ କହିଛନ୍ତି। ନିକଟରେ କଶ୍ମୀରରେ କଶ୍ମୀର ପଣ୍ଡିତଙ୍କୁ ଯେଉଁଭଳି ଭାବେ ଟାର୍ଗେଟ୍ କିଲିଂ କରାଯାଉଛି ତାହା ବନ୍ଦ ହେବା ଉଚିତ। ନୂଆ ରୋଜଗାରର ସୁଯୋଗ ସୃଷ୍ଟି କରିବା ଦରକାର। ଜମ୍ମୁକଶ୍ମୀରରେ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି, କିନ୍ତୁ ସେଠାକୁ ଯିବା ପାଇଁ ରାସ୍ତା ନିର୍ମାଣର ଆବଶ୍ୟକତା ଅଛି ବୋଲି ଗୁଲାମ ନବୀ ଆଜାଦ କହିଛନ୍ତି। କେବଳ ସେତିକି ନୁହେଁ ଏହି ରାଲିରେ ଗୁଲାମ ନବୀ ଆଜାଦ କଂଗ୍ରେସ ଉପରେ ପ୍ରବଳ ବର୍ଷି ଛନ୍ତି। ସେ କହିଛନ୍ତି, କଂଗ୍ରେସକୁ ମୁ ରକ୍ତ ଦେଇଛି। କିନ୍ତୁ ମୋ ବଳିଦାନକୁ ▶▶ପୃଷ୍ଠା ୭

# ବିଚାରପତିଙ୍କ ମୃତ୍ୟୁ ଘଟଣା : ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା : ଡିସିପି

କଟକ, ୦୪/୦୯ (ନି.ପ୍ର): ପୋକ୍ସୋ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ସୁବାସ କୁମାର ବିହାରୀଙ୍କ ମୃତ୍ୟୁ ଘଟଣାରେ ଶବ ବ୍ୟବଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ରହସ୍ୟ ଜଣା ପଡ଼ିବ ବୋଲି ସୂଚନା ଦେଇଛନ୍ତି ଡିସିପି ପିନାକ ମିଶ୍ର । ସେ କହିଛନ୍ତି, ମର୍କତନଗର ଥାନା ପୁଲିସ ଦଫା ୩୦୨, ୨୯୪, ୩୨୩, ୩୪ରେ ଏକ ମାମଲା(କେସ୍ ନଂ ୧୬୦) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲୁଛି । ଉଲ୍ଲେଖନୀୟ ଯେ ପୋକ୍ସୋ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ସୁବାସ କୁମାର ବିହାରୀଙ୍କ ଆତ୍ମହତ୍ୟା କରିବାର ଅଭିଯୋଗ ଆସିଥିଲା । ଏହା ପରେ ସୁବାସଙ୍କ ମା ତୁଳସୀ ବିହାରୀ ହତ୍ୟା ଅଭିଯୋଗ ଆଣିବା ପରେ ଘଟଣାଟି ନୂଆ ମୋଡ ନେଇଛି । ତାଙ୍କର ମା ଅଭିଯୋଗ କରିଛନ୍ତି ଯେ ସୁବାସଙ୍କ ପତ୍ନୀ ଓ ଶଳା ସୁବାସଙ୍କୁ ହତ୍ୟା କରି ଟାଙ୍ଗୀଦେଇଥିବା ଅଭିଯୋଗ କରିଛନ୍ତି।

# ଦୁର୍ଘଟଣାରେ ଚାଲିଗଲେ ଟାଟା ଗ୍ରୁପର ପୂର୍ବତନ ଅଧ୍ୟକ୍ଷ

ମୁମ୍ବାଇ, ୦୪/୦୯ : ଦୁର୍ଘଟଣାରେ ଚାଲିଗଲେ ସାଇରସ୍ ମିସ୍ତ୍ରୀ। ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରୀଙ୍କର ଆଜି ପରଲୋକ ଘଟିଛି। ମହାରାଷ୍ଟ୍ର ପାଲଘର ନିକଟରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ସାଇରସ୍ ମିସ୍ତ୍ରୀଙ୍କୁ ମାତ୍ର ୫୪ ବର୍ଷ ହୋଇଥିଲା । ପାଲଘରର ଚାରୋଟି ନିକଟରେ ଏହି ଦୁର୍ଘଟଣା ଘଟିଛି। ସାଇରସ ତାଙ୍କ ମର୍ସଡିଜ୍ କାରରେ ଅହମ୍ମଦାବାଦରୁ ମୁମ୍ବାଇ ଫେରୁଥିଲେ। ବାଟରେ ସୂର୍ଯ୍ୟ ନଦୀରେ ଏହି ଅଘଟଣ ଘଟିଛି। ଏଥିରେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। କାରଟି ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ପୁଲିସ କହିଛି। ଘଟଣାସ୍ଥଳରେ ପୁଲିସି ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ୨୦୧୨ରେ ସାଇରସ ମିସ୍ତ୍ରୀ ଟାଟା ସନ୍ସର ଅଧ୍ୟକ୍ଷ ହୋଇଥିଲେ। କିନ୍ତୁ ୪ ବର୍ଷ ପରେ ନାଟକୀୟ ଢଙ୍ଗରେ



ତାଙ୍କୁ ଏହି ପଦରୁ ବିଦା ହେବାକୁ ପଡିଥିଲା। କମ୍ପାନୀର ଶେୟାରକୁ ନେଇ ଟାଟା ଗ୍ରୁପ ସହ ମିସ୍ତ୍ରୀଙ୍କ ତିକ୍ତତା ସୃଷ୍ଟି ହୋଇଥିଲା ।ସାଇରସ୍ ମିସ୍ତ୍ରୀ ଟାଟା ସନ୍ସର ଷଷ୍ଠ ଚେୟାରମ୍ୟାନ ଥିଲେ। ହେଲେ ୨୦୧୬ ଅକ୍ଟୋବରରେ ତାଙ୍କୁ ଏହି ପଦରୁ ହଟାଇ ଦିଆଯାଇଥିଲା। ଟାଟା ଗ୍ରୁପର ୧୫୦ ବର୍ଷର ଇତିହାସରେ ମିସ୍ତ୍ରୀ ଚେୟାରମ୍ୟାନ ହେବାରେ ଟାଟା ପରିବାରର ଦ୍ୱିତୀୟ ବାହାର ବ୍ୟକ୍ତି ଥିଲେ। ସାଇରସ୍ ହେଉଛନ୍ତି ଭାରତର ପ୍ରଖ୍ୟାତ ନିର୍ମାଣ ଉଦ୍ୟୋଗୀ ପାଲୋନ୍‌ଜୀ ମିସ୍ତ୍ରୀଙ୍କ ସାନ ପୁଅ। ଭାରତର ଶ୍ରେଷ୍ଠ ଧନୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ପାଲୋନ୍‌ଜୀ ମିସ୍ତ୍ରୀ। ସବୁଠାରୁ ବଡ଼ କଥା ହେଲା, ତାଙ୍କ ପରିବାର ପାଖରେ ଟାଟା କମ୍ପାନିର ସର୍ବାଧିକ ୧୮ ପ୍ରତିଶତରୁ ଅଧିକ ସେୟାର ରହିଛି। ସାଇରସ ମିସ୍ତ୍ରୀ ଥିଲେ ଜଣେ ବିଚକ୍ଷଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତି। ସେ ମୁମ୍ବାଇ ▶▶ପୃଷ୍ଠା ୭

# ଚିଲିକାରେ ଡଙ୍ଗା ବୁଡ଼ି ୨ ମୃତ

ବ୍ରହ୍ମଗିରି, ୦୪/୦୯ (ନି.ପ୍ର): ଆଜି ସନ୍ଧ୍ୟାରେ ଚିଲିକାରେ ଡଙ୍ଗା ବୁଡ଼ି ୩ ଜଣ ନିଖୋଜଙ୍କ ଭିତରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ପାଣିରେ ପହଁରୀ ପହଁରୀ କୂଳରେ ସୁରକ୍ଷିତ ପହଞ୍ଚିଛନ୍ତି। ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗମ୍ଭାରୀଗାଁ କାଳିଜାଇକୁଦ ନିକଟରେ ଡଙ୍ଗା ବୁଡ଼ି ଯାଇଥିଲା। ଖବର ପାଇ ଉଦ୍ଧାର ପାଇଁ ଘଟଣାସ୍ଥଳରେ ପହଞ୍ଚିଛି ଅଗ୍ନିଶମ ବାହିନୀ ଯାଇଥିଲା। ଖୋଜାଖୋଜି ପରେ ନିଖୋଜ ଦୁଇଜଣଙ୍କ ମୃତଦେହ ମିଳିଛି। ସୁରକ୍ଷିତ କୂଳରେ ପହଞ୍ଚିଥିବା ବ୍ୟକ୍ତି ଜଣକ ଟୁଆ ଗାଁର ଉଗ୍ରସେନ ଦାସ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, କାଳିଜାଇ କୁଦାକୁ ଭୋଜି କରିବା ପାଇଁ ପୁରୀର କିଛି ଲୋକଙ୍କୁ ନେଇ ଏକ ଡଙ୍ଗା ଯାଇଥିଲା। ଏହି ଡଙ୍ଗାରେ ପ୍ରାୟ ୧୩ ଜଣ ଲୋକ ଥିଲେ। ଭୋଜି କରିସାରି ସଂଧ୍ୟାରେ ଫେରିବା ସମୟରେ ମଝି ଚିଲିକାରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡି ଯାଇଥିଲା। ଘଟଣା ସ୍ଥଳରୁ ୧୦ ଜଣ ଉଦ୍ଧାର ହୋଇଥିବା ବେଳେ ୩ଜଣ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ନିଖୋଜଙ୍କୁ ଠାବ କରିବା ନିମନ୍ତେ ଅଗ୍ନିଶମ ବାହିନୀକୁ ସହାୟତା କରିଥିଲେ।

# କେବଳ ଲଘୁଚାପ ଆସୁଛି : ଆଇଏମଡି

ଭୁବନେଶ୍ୱର,୦୪/୦୯ (ନି.ପ୍ର): ବଙ୍ଗୋପ ସାଗରରେ ବାତ୍ୟା ନୁହେଁ, କେବଳ ଲଘୁଚାପ ଆସୁଛି ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ପଷ୍ଟ କରାଯାଇଛି । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନାହିଁ । କିମ୍ବା ବାତ୍ୟା ସଂପର୍କରେ ଆଇଏମଡି କୌଣସି ସୂଚନା ଜାରି କରିନାହିଁ । ତେବେ ୮ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟିହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ମୌସୁମୀ ନିମ୍ନଚାପ ରେଖା ଉତରରେ ରହୁଛି । ଫଳରେ ୩ରୁ ୪ ଡିଗ୍ରୀ ଅଧିକ ପାରଦ ରହୁଛି । ୨୨ ସହରରେ ତାପମାତ୍ରା ୩୫ଡିଗ୍ରୀ ଉପରେ ରେକର୍ଡ ହୋଇଥିବାବେଳେ ଭୁବନେଶ୍ୱରରେ ୩୫ ଡିଗ୍ରୀ ତାପମାତ୍ରା ସହ ଆର୍ଦ୍ରତା ୬୫ % ରହୁଛି । ଫଳରେ ଏବେ ଗୁଳୁଗୁଳି ଲାଗିରହିଛି । ସେ କହିଛନ୍ତି ଯେ ସୋମବରା ଠାରୁ ବର୍ଷା ହେବା ସହ ୬ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ହେବ । ପ୍ରଥମ ସପ୍ତାହ ଶେଷ ବେଳକୁ ଗୋଟିଏ ଘୂର୍ଣ୍ଣିବଳୟ ଏବଂ ୯ରୁ ୧୫ ତାରିଖ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ଆସିବ । ଫଳରେ ସ୍ୱାଭାବିକ ଠାରୁ ଅଧିକ ବର୍ଷାର ସମ୍ଭାବନା ରହିଛି ।

# ମୁଖ୍ୟମନ୍ତ୍ରୀ ଗ୍ରହଣ କଲେ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମିଳିଛି ଜୀବନବ୍ୟାପୀ ସାଧନା ସମ୍ମାନ। ନୂଆଦିଲ୍ଲୀର କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ତରଫରୁ ନବୀନ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନବିଚାରପତି ଏନ୍. ଭି. ରମନ୍ନାଙ୍କ ହାତରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହି ପୁରସ୍କାର ଓଡ଼ିଶାବାସୀଙ୍କ ଲାଗି ଉତ୍ସର୍ଗୀକୃତ। ମୋ ପ୍ରତି ଥିବା ସେମାନଙ୍କ ବିଶ୍ୱାସ, ବଡ଼ ପ୍ରେରଣା ଆଣିଦେଇଛି ।ଓଡ଼ିଶାକୁ ସଶକ୍ତିକରଣ ପାଇଁ କାମ କରିବାକୁ ଉତ୍ସାହ ଯୋଗାଇଛି।' ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ଏ.କେ.ତ୍ରିପାଠୀ ଅଧ୍ୟକ୍ଷତା




କରିଥିଲେ। ମଙ୍ଗଳବାର ଦିଲ୍ଲୀରୁ ଫେରିବେ ମୁଖ୍ୟମନ୍ତ୍ରୀ। ସେପଟେ କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ତରଫରୁ ସମ୍ମାନ ପାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବାକୁ ବିଜେଡି ବ୍ୟାପକ ଆୟୋଜନ କରିଛି। ଏପଟେ ନବୀନ ପଟ୍ଟନାୟକ ଏ ପୁରସ୍କାର ପାଇବାକୁ ନେଇ ରାଜନୀତି ଜୋର ଧରିଛି। ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନିଜର ବାହାସ୍ଫୋଟ ଦେଖାଇବା ଲାଗି ବିଜେଡି ଏକ ପ୍ରକାର ପଲିଟିକାଲ ଷ୍ଟଣ୍ଟ ଦେଖାଇବାକୁ ଚେଷ୍ଟା କରୁଛି। ଏକଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଝି ପାରୁଥିବେ। ଅଯଥା ଏଭଳି ପ୍ରଚାର କରିବାରୁ ବିଜେଡି ନେତାମାନେ ବିରତ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିବା ଉଚିତ। ଅନ୍ୟପଟେ ବିଜେଡି ଏହାର ଜବାବ୍ ରଖିଛି। ବିଜେଡି ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ୨୫ ବର୍ଷର କାର୍ଯ୍ୟ ସହ ସାଧନା ଲାଗି ଏହି ସମ୍ମାନ ମିଳିଛି। ବିରୋଧୀଙ୍କ କାମ ହେଲେ ବିରୋଧ କରିବା। ଜନସାଧାରଣ ଲଗାଦାର ୫ ଥର ଯେଉଁ ସ୍ନେହ ଦେଖାଉଛନ୍ତି ତାହା ହିଁ ପ୍ରକୃତ ଜବାବ୍ ବୋଲି ସେ କହିଛି।

# ନବମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ବରିକୁଳ ଗାଁରେ ନବମ ଶ୍ରେଣୀ ଛାତ୍ରୀ ଅମ୍ରିତା ଦାସଙ୍କ ମୃତ୍ୟୁ ନେଇ ହଇଚଇ ସୃଷ୍ଟି ହୋଇଛି । ସବୁଦିନ ଭଳି ଶନିବାର ଦିନ ଅମ୍ରିତା ଦାସ ଘର ଠାରୁ କିଛି ଦୂରକୁ ଟିଉସନ ଯାଇଥିଲେ । ହେଲେ ଆଉ ଫେରିନଥିଲେ । ପରିବାର ଲୋକ ଅମ୍ରିତାଙ୍କୁ ଅନେକ ଖୋଜାଖୋଜି କରିଥିଲେ ବି ପାଇନଥିଲେ । ଦୀର୍ଘ ସମୟ ପରେ ଏକ ପୋଖରୀରେ ବ୍ୟାଗ ଭାସୁଥିବାର ଦେଖିବାକୁ ପାଇଥିଲେ । ପରେ ପୋଖରୀରେ ଝିଅ ଭାସୁଥିବା ଦେଖି ପରିବାର ଲୋକ ଉଦ୍ଧାର କରି ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହେଲେ



ଝିଅର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି ପରିବାର ଲୋକ । ପରିବାର ଲୋକଙ୍କ କହିବା ଅନୁସାରେ ନମ୍ରତା ମେଧାବୀ ଛାତ୍ର ଥିଲେ ଓ ବେଶ ଖୁସ ମିଜାଜର ଥିଲେ । ତେଣୁ ତାଙ୍କ ଏଭଳି ଆକସ୍ମିକ ମୃତ୍ୟୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମୃତ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ଅନୁସାରେ-୪ ଦିନ ତଳେ ଝିଅ ଟିଉସନରୁ ଫେରିବାର ସମୟରେ କିଛି ଯୁବକ କମେଣ୍ଟ କରିଥିଲେ । ଯାହାକୁ ନେଇ ଘଟଣା ସ୍ଥଳରେ ଯୁକ୍ତିତର୍କ ହୋଇଥିଲା । ଆଉ ଘଟଣାର ୪ ଦିନ ପରେ ଝିଅର ମୃତଦେହ ଉଦ୍ଧାର ହୋଇଛି । ତେଣୁ ତାଙ୍କୁ ହତ୍ୟା କରି ଫିଙ୍ଗାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି । ଘଟଣା ନେଇ ମଙ୍ଗଳପୁର ଥାନାରେ ପରିବାର ଲୋକ ଏତଲା ଦେଇଛନ୍ତି । କମେଣ୍ଟ ମାରିଥିବା ଯୁବକ ହିଁ ହତ୍ୟା ପଛରେ ଅଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ।

# ଆଇଆଇଟି ଦିଲ୍ଲୀର ହୀରକ ଜୟନ୍ତୀ ସମାରୋହ

## ଆଇଆଇଟି ଦେଶର ଗୌରବ : ମହାମହିମ ରାଷ୍ଟ୍ରପତି

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୪/୦୯ (ନି.ପ୍ର): ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ହେଉଛି ଆମ ଦେଶର ଗୌରବ । ଶନିବାର ଆଇଆଇଟି ଦିଲ୍ଲୀର ହୀରକ ଜୟନ୍ତୀର ଉଦଯାପନ ସମାରୋହରେ ଯୋଗଦେଇ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହା ଉଦବୋଧନ ଦେଇଛନ୍ତି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର କ୍ଷମତାକୁ ଆଇଆଇଟି ଗୁଡ଼ିକ ବିଶ୍ୱ ସମ୍ମୁଖରେ ପ୍ରମାଣିତ କରି ସାରିଛନ୍ତି । ଆଇଆଇଟିର କାହାଣୀ ସ୍ୱାଧୀନ ଭାରତର କାହାଣୀ । ବିଶ୍ୱ ଦରବାରରେ ଭାରତକୁ ଶିଖରରେ ପହଞ୍ଚାଇବାରେ ଆଇଆଇଟି ମାନଙ୍କର ଯୋଗଦାନ ଅତୁଳନୀୟ । ଆଇଆଇଟି ଫ୍ୟାକଲଟି ଏବଂ ଆଲୁମିନାଇ ବିଶ୍ୱକୁ ଆମର



ବୌଦ୍ଧିକ କ୍ଷମତାକୁ ଦେଖାଇଛନ୍ତି । ଆଇଆଇଟିରେ ଅଧ୍ୟୟନ କରିଥିବା ଅନେକ ଛାତ୍ରଛାତ୍ରୀ ଆଜି ବିଶ୍ୱରେ ଡିଜିଟାଲ ବିପ୍ଳବର ନେତୃତ୍ୱ ନେଉଛନ୍ତି । ଏହାବ୍ୟତିତ ଆଇଆଇଟିର ପ୍ରଭାବ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରୁ ବହୁତ ଆଗକୁ ଯାଇଛି ଏବଂ ଆଇଆଇଟିର ଛାତ୍ରଛାତ୍ରୀମାନେ ଶିକ୍ଷା, ଶିଳ୍ପ, ଉଦ୍ୟମିତା, ସମାଜ, ସାମ୍ବାଦିକ, ସାହିତ୍ୟ ଏବଂ ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି ବୋଲି ସେ କହିଛନ୍ତି । ଏହି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ପ୍ରେରଣାଦାୟୀ କଥା ଆମର ଅମୃତ କାଳର ଲକ୍ଷ୍ୟକୁ ହାସଲ କରିବା ଦିଗରେ ଶିକ୍ଷା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି । ସେହିପରି ୬୦ ବର୍ଷର ଗୌରବମୟ ଯାତ୍ରା ପାଇଁ ଆଇଆଇଟି ଦିଲ୍ଲୀକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ଜାତୀୟ ପ୍ରଗତିକୁ ଆଗକୁ ନେବାରେ ଆଇଆଇଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରାଷ୍ଟ୍ରପତିଙ୍କ ଦ୍ୱାରା ଆଇଆଇଟି ଦିଲ୍ଲୀ ଠାରେ ଉଦଘାଟିତ ହୋଇଥିବା ଅନୁସନ୍ଧାନ ଏବଂ ନବସୃଜନ ପାର୍କ ଆଇଆଇଟିରେ ଆର ଏଣ୍ଡ ଡ଼ି ତଦଥା ଗବେଷଣା ଏବଂ ବିକାଶକୁ ତ୍ୱରାନ୍ୱିତ କରିବ । ଗର୍ବର ବିଷୟ ଯେ ଅନେକ ବିକଶିତ ଦେଶ ଆଇଆଇଟିର ଅଫସୋର କ୍ୟାମ୍ପସ ନିଜ ଦେଶରେ ପ୍ରତିଷ୍ଠା କରିବା ପାଇଁ ଇଚ୍ଛାପ୍ରକାଶ କରିଛନ୍ତି । ଏହା ଆମ ସମ୍ମାନଜନକ ଆଇଆଇଟି ଗୁଡ଼ିକର କ୍ଷମତା ଓ ଗୁଣାତ୍ମକ ମାନକୁ ଦର୍ଶାଉଛି । ଭାରତ ଏବେ ନବସୃଜନ କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି । ବିଶ୍ୱରେ ଭାରତରେ ସର୍ବାଧିକ ଡିଜିଟାଲ କାରବାର ହେଉଥିବା ବେଳେ ସ୍ୱଦେଶୀ ପଦ୍ଧତିରେ ବିକଶିତ କରାଯାଉଥିବା ୫ଜି ଟେକ୍ନୋଲୋଜି ଦେଶର ଡିଜିଟାଲ ବିପ୍ଳବକୁ ତ୍ୱରାନ୍ୱିତ କରିବ । ଆଧୁନିକ ଅର୍ଥନୀତିର ଭାରତ କେନ୍ଦ୍ରବିନ୍ଦୁ । ଶିଳ୍ପ ବିପ୍ଳବ ୪.୦ ରେ ଆଇଆଇଟି ଭାରତକୁ ଟେକ୍ନୋଲୋଜିର ପେଣ୍ଟସ୍ଥଳି ଭାବେ ପ୍ରତିଷ୍ଠିତ କରିବା ପାଇଁ ପ୍ରୟାସ କରୁ । ଭବିଷ୍ୟତର ଆହ୍ୱାନକୁ ସମାଧାନ କରିବା ସହ ବିଶ୍ୱର ଦାୟିତ୍ୱ ▶▶ପୃଷ୍ଠା ୭

# କଂଗ୍ରେସକୁ ପୁଣି ଝଟ୍‌କା, ଇସ୍ତଫା ଦେଲେ ଆଉ ଜଣେ ବରିଷ୍ଠ ନେତା

ଶ୍ରୀନଗର, ୦୪/୦୯ : ଦେଶର ସର୍ବପୁରାତନ ଦଳ କଂଗ୍ରେସକୁ ପୁଣି ଝଟ୍ ?କା। ଧୀରେ ଧୀରେ ହାତ ଛାଡୁଛନ୍ତି ଜଣଙ୍କ ପରେ ଜଣେ ନେତା। ବରିଷ୍ଠ ନେତା ଗୁଲାମ ନବୀ ଆଜାଦଙ୍କ ପରେ ନେତାମାନେ କଂଗ୍ରେସ ଠାରୁ ମୁହଁ ଫେରାଉଛନ୍ତି। ଏହି କ୍ରମରେ ଇସ୍ତଫା ଦେଇଛନ୍ତି ଜମ୍ମୁକଶ୍ମୀରର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଅଶୋକ ଶର୍ମା। ସେ ଶନିବାର ହାଇକମାଣ୍ଡଙ୍କ ପାଖକୁ ଏକ ଚିଠି ଲେଖି ନିଜ ଇସ୍ତଫା ଦେଇଥିବା ଜଣାପଡିଛି। ଅଲ ଇଣ୍ଡିଆ କଂଗ୍ରେସ କମିଟିର ଜାତୀୟ ସଂଯୋଜକ 'ବିଚର ବିଭାଗ' ଏବଂ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ଜଣେ ସଦସ୍ୟ କହିଛନ୍ତି ଯେ "ବର୍ତ୍ତମାନର ପରିସ୍ଥିତି ଏବଂ ଅପରିହାର୍ଯ୍ୟ ପରିସ୍ଥିତି" କାରଣରୁ ସେମାନେ ଏହି ମୁସକିଲ୍ ନିଷ୍ପତ୍ତି ▶▶ପୃଷ୍ଠା ୭

# ୱାର୍ଡେନଙ୍କ ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପାଇଁ ପାଚେରି ଡେଇଁ ମାଲକାନଗିରି ଆସିଲେ ଛାତ୍ର

ମାଲକାନଗିରି,୪/୦୯ (ନି.ପ୍ର): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ମାରିୱାଡା ଆଶ୍ରମ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅବ୍ୟବସ୍ଥା ଲାଗି ରହିଛି । ଏ ନେଇ ବିଦ୍ୟାଳୟ କର୍ତୃପକ୍ଷ କିମ୍ବା ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ଅନେକ ଥର ଜଣାଇଲେ ମଧ ସେମାନେ ଶୁଣୁ ନ ଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି । ମାସରେ ଛାତ୍ରଙ୍କ ପାଇଁ ଆସୁଥିବା ଚାଉଳକୁ ହଷ୍ଟେଲର ୱାର୍ଡେନ ବିକ୍ରି କରୁଛନ୍ତି । ଏହା ସହ ୱାର୍ଡେନଙ୍କ ଛୋଟ ଝିଅକୁ ନ ଧରିଲେ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ହଷ୍ଟେଲରେ ପାନୀୟ ଜଳର ସୁବିଧା ନ ଥିବା ବେଳେ ପାଇଖାନା ବ୍ୟବସ୍ଥା ନ ଥିବା ମଧ ଛାତ୍ରମାନେ ଅଭିଯୋଗ କରିଛନ୍ତି । ଛାତ୍ରଙ୍କୁ ଡ୍ରେନ୍ ସଫା ସହ ୱାର୍ଡେନଙ୍କ କାର୍ଯ୍ୟ କରିବାକୁ ପଡୁଛି । ଏଥିରେ ଅତିଷ୍ଠ ହୋଇ ଆଜି ପ୍ରାୟ ୧୫ ରୁ ୨୦ ଜଣ ଛାତ୍ର ହଷ୍ଟେଲର ପାଚେରି ଡେଇଁ ଜିଲାପାଳଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଜଣାଇବା ପାଇଁ ଆସିଥିଲେ । ଏ ବିଷୟରେ ଖବର ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପିଲା ମାନଙ୍କୁ ଭେଟି ତାଙ୍କ ଠାରୁ ସମସ୍ତ ଅଭିଯୋଗ ଶୁଣିବାପରେ ଏହାର ତଦନ୍ତ କରାଯିବ କହି ଛାତ୍ରମାନଙ୍କୁ ଏକ ଗାଡି କରି ବିଦ୍ୟାଳୟକୁ ପଠାଇଥିଲେ । ଜିଲ୍ଲାରେ ମଙ୍ଗଳ ବିଭାଗର ସମସ୍ତ ବିଦ୍ୟାଳୟ ଗୁଡିକରେ ନିଯୁକ୍ତି ପାଇଥିବା ୱାର୍ଡେନ୍ ମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସେମାନେ କାହାରିକୁ ଖାତିର କରୁନଥିବା ଏବଂ ଅଧିକାଂଶ ସମୟରେ ରାତ୍ରରେ ବିଦ୍ୟାଳୟ ହଷ୍ଟେଲରେ ରହୁ ନଥିବା ଅଭିଯୋଗ ହୋଇଆସୁଛି । ଏଠାରେ ପ୍ରଶ୍ନ ଉଠୁଛି, ଏହି ଛାତ୍ର ମାନେ ବିଦ୍ୟାଳୟର ପାଚେରି ଡେଇଁ ମାଲକାନଗିରି ଆସିଗଲେ ଅଥଚ ବିଦ୍ୟାଳୟ କର୍ତ୍ତୁପକ୍ଷ କିପରି ଏ ବିଷୟରେ ଟିକେ ବି ସୁରାକ ପାଇଁ ପାରିଲେନାହିଁ । ପ୍ରଥମେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନସହ ବିଭିନ୍ନ ବିଦ୍ୟାଳୟରେ ବହୁ ବର୍ଷ ଧରି ରହିଥିବା ୱାର୍ଡେନ୍ ମାନଙ୍କ ବଦଳି ପାଇଁ ସାଧାରଣରେ ଦାବୀ ହେଉଛି ।

# କମିବ ମେଡିକାଲ୍ ବୋଝ : ଗାଁରେ ଓପିଡି



ଅନୁଗୁଳ ,୪/୦୯ (ନି.ପ୍ର): ମେଡିକାଲ୍ ଚିକିତ୍ସା ଗାଁକୁ ଲମ୍ବିବ । ଡାକ୍ତରଖାନା ଭଳି ଗାଁରେ ଖୋଲିବ ମେଡିକାଲ୍ ଓପିଡି । ସବୁ ପ୍ରକାର ରୋଗର ଚିକିତ୍ସା ଏବଂ ନିଦାନ ଏଠି କରା ନଗଲେ ବି ଅନ୍ୟୁନ ୫ଟି ରୋଗର ଚିହ୍ନଟ ଏବଂ ନିରାକରଣ କରାଯିବ । ସେଥିପାଇଁ ଜାତୀୟ ସ୍ୱାସ୍ଥ୍ୟ ମିସନ ଯୋଜନାରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଅନୁଗୁଳ ଜିଲ୍ଲାର ମୋଟ୍ ୯୨ଟି ସବ୍ ସେଣ୍ଟରରେ ଏ ପ୍ରକାର ନିଦାନ ଏବଂ ଚିକିତ୍ସା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ଓପିଡି କୌଣସି ଡାକ୍ତରଙ୍କ ଦ୍ୱାରା ନୁହେଁ, ପ୍ରଶିକ୍ଷଣପ୍ରାପ୍ତ କମ୍ୟୁନିଟି ହେଲ୍ଥ ଅଫିସର(ସିଏଚ୍‌ଓ)ଙ୍କ ଦ୍ୱାରା କରାଇବାକୁ ଯୋଜନା ହୋଇଛି । ଯେଉଁ ୫ଟି ରୋଗକୁ ଏଥିରେ ସାମିଲ୍ କରାଯାଇଛି, ସେଗୁଡ଼ିକ ହେଲା ସ୍ତନ କର୍କଟ, ସର୍ଭାଇକାଲ୍ କ୍ୟାନ୍ସର, ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଏବଂ ଓରାଲ୍ କ୍ୟାନ୍ସର । ବର୍ତ୍ତମାନ ସମୟରେ ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ ସାଧାରଣ ରୋଗ ଭାବେ ପରିଗଣିତ ହେଲାଣି । କିନ୍ତୁ ଶରୀରରେ ବିଶେଷ କିଛି ଅସୁବିଧା ନ ହେଲା ଯାଏ, ଲୋକେ ଏ ରୋଗ ପ୍ରତି ସଚେତନ ନୁହନ୍ତି । ପ୍ରାଥମିକସ୍ତରରେ ଏ ରୋଗ ଚିହ୍ନିତ ନ ହେଲେ ଅତ୍ୟନ୍ତ ମାରାତ୍ମକ ହୋଇପାରେ । ରୋଗ ବିସ୍ତାର କରି ମେଡିକାଲ୍ ଯାଏ ଗଲା ବେଳକୁ ରୋଗୀ ମରଣ ମୁହଁରେ ପଡ଼ି ସାରିଥାଏ । ସେତବେଳକୁ ଆଉ କିଛି ନ ଥାଏ । ତେଣୁ ଠିକଣା ସମୟରେ ରୋଗୀର ଏ ସବୁ ରୋଗ ଯେମିତି ଚିହ୍ନଟ ହୋଇପାରିବ ସେଥିପାଇଁ ଗାଁରେ ଏ ପ୍ରକାର ଓପିଡି ବ୍ୟବସ୍ଥା କରାଯାଉଛି । ଅନୁଗୁଳ ଜିଲ୍ଲାର ପ୍ରାୟ ୫ହଜାର ଜନସଂଖ୍ୟାରେ ଗୋଟିଏ ସବ୍ ସେଣ୍ଟର କରାଯାଇଛି । ପ୍ରତି ସବ୍ ସେଣ୍ଟରରେ ଜଣେ ଲେଖାଏ କମ୍ୟୁନିଟି ହେଲ୍ଥ ଅଫିସର ରହିବେ । ବିଭିନ୍ନ ପ୍ରକାର ନିଦାନ(ଟେଷ୍ଟିଂ) ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଇଛି । ମୋଟ୍ ଉପରେ ହେଲ୍ଥ ସେଣ୍ଟରରେ ୧୩ ପ୍ରକାର ପରୀକ୍ଷା କରିବା ପାଇଁ ସେମାନଙ୍କୁ ତାଲିମ୍ ଦିଆଯାଇଛି । ସେଥିପାଇଁ ସ୍ୱତନ୍ତ୍ର ମେସିନ୍ ବି ଯୋଗାଇ ଦିଆଯାଇଛି । ଏହି ମେସିନ୍ ଜରିଆରେ ଘର ଘର ବୁଲି ରୋଗୀଙ୍କର ତିନି ପ୍ରକାର କ୍ୟାନ୍ସର ସ୍କ୍ରିନିଂ କରିପାରିବେ । ଚିକିତ୍ସା ପାଇଁ ସେମାନଙ୍କ ପାଖରେ ୧୦୫ପ୍ରକାରର ଔଷଧ ଉପଲବ୍ଧ କରାଯିବ । କେବଳ ପ୍ରାଥମିକ ଚିକିତ୍ସା ନୁହେଁ, ସେଠାରୁ ମେଡିକାଲ୍‌କୁ ସେମାନେ ରେଫର ବି କରିପାରିବେ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିସନ୍‌ର ଅନୁଗୁଳ ଡିପିଏମ୍ ଦୀପକ ମହାନ୍ତି କହିଛନ୍ତି । ଏଥିପାଇଁ କମ୍ୟୁନିଟି ହେଲ୍ ଅଫିସରମାନଙ୍କୁ ଟ୍ରେନିଂ ଦିଆ ସରିଲାଣି । ଗାଁରେ ଏ ପ୍ରକାର ରୋଗର ଓପିଡି ସେବା ଆରମ୍ଭ ହୋଇଗଲେ, ମେଡିକାଲ ଉପରେ ରୋଗୀଙ୍କ ଚାପ କମିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ପୁରୀ ଜିଲ୍ଲାରେ ବନ୍ୟାରେ ଧୋଇଯାଇଛି ୫୨ଟି ରାସ୍ତା



ପୁରୀ ,୪/୦୯ (ନି.ପ୍ର): ବନ୍ୟା ପାଣି ଛାଡ଼ିଯାଇଛି, କିନ୍ତୁ ଅଲିଭା ଦାଗ ଛାଡ଼ିଦେଇଯାଇଛି । ଘରେ ବନ୍ୟା ପାଣି ପଶିବା ପରେ ଲୋକେ ଏବେ ଘର ସଜାଡ଼ିବାରେ ଲାଗିଛନ୍ତି । ଅଥଚ ଗାଁ’ ରାସ୍ତା ରାସ୍ତାରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଛି । ବନ୍ୟା ଦାଉରେ କିଛି କଲ୍‌ଭର୍ଟ ମଧ ଧୋଇଯାଇଛି । ଯାତାୟାତ ବାଟରେ ଖାଲଖମା ଯୋଗୁ ଟିକେ ଅସାବଧାନ ହେଲେ ଦୁର୍ଘଟଣା ଘଟୁଛି । କେବଳ ନିମାପଡ଼ା, ଗୋପ, ସତ୍ୟବାଦୀ, କାକଟପୁର ଓ ଅସ୍ତରଙ୍ଗରେ ବ୍ଲକ୍‌ରେ ୫୨ଟି ରାସ୍ତା କ୍ଷତିଗ୍ରସ୍ତ ହୋଇଛି । ବନ୍ୟାରେ ୬୮ କିଲୋମିଟର ରାସ୍ତା ଧୋଇଯାଇଛି ଓ ୩ଟି କଲ୍‌ଭର୍ଟ କ୍ଷତିଗ୍ରସ୍ତ ହୋଇଛି । ନିମାପଡ଼ା-ବଳଙ୍ଗା ରୋଡରୁ ଗଡ଼ତୋରିହାଁ ପର୍ଯ୍ୟନ୍ତ ସର୍ବାଧିକ ୪କିମିରୁ ଅଧିକ ରାସ୍ତା ଧୋଇଯାଇଛି । ସେହିଭଳି ପିପିଲି-କୋଣାର୍କ ରାସ୍ତାର ପୁରୁଷଣ୍ଡ ପର୍ଯ୍ୟନ୍ତ ସାଢ଼େ ୩ କିଲୋମିଟର ରାସ୍ତା ଧୋଇ ଯାଇଛି । ସେହିଭଳି ଖେଳାର ରୋଡ୍, ଅଙ୍କୁଶପୁର, ଗୋପାଳପୁରରୁ ମୁରାରିପୁର, ଭୂଆଁରୁ ବଉଳପଡ଼ା, ବାମନାଳରୁ ବଳଙ୍ଗା ରାସ୍ତା ବିଶେଷ ପ୍ରଭାବିତ ହୋଇଛି । ସେହିଭଳି ଗୋପର ଲୁଣାହାର ରାସ୍ତାର ସର୍ବାଧିକ ୩ କିମିରୁ ଅଧିକ ରାସ୍ତା ଧୋଇଯାଇଥିବା ବେଳେ ସୁବର୍ଣ୍ଣପୁରରୁ ଗବକୁଣ୍ଡ ରାସ୍ତା ପାଖାପାଖି ୩ କିମି ରାସ୍ତା କ୍ଷତିଗ୍ରସ୍ତ ହୋଇଛି । ସତ୍ୟବାଦୀର କେତକୀପାଟଣା ଭାୟା ଦେଇ ଯାଇଥିବା ପ୍ରାୟ ସାଢ଼େ ୩ କିମି ରାସ୍ତା ପ୍ରଭାବିତ ହୋଇଥିବା ବଳେ କେତକୀପାଟଣାରୁ ଆଳନ୍ଦପଡ଼ା ଓ କେତକୀପାଟଣାରୁ ଦୁବପାଟଣା ଓ ଓରତଣ୍ଡା ରାସ୍ତା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । କାକଟପୁରର ପାଣିଛତ୍ର, ଅସ୍ତରଙ୍ଗର ତାଳଦା ଓ ରିସୋଲାରେ ରାସ୍ତା ଧୋଇଯାଇଛି । ନିମାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ସୂଚନା ମୁତାବକ, ବନ୍ୟା ପାଣିରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଏହାର ତ୍ୱରିତ ତଥା ପ୍ରାରମ୍ଭିକ ପର୍ଯ୍ୟାୟ ପୁନରୁଦ୍ଧାର ପାଇଁ ପ୍ରାୟ ୩୬ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । ବନ୍ୟା ପରେ ରାସ୍ତା ମରାମତି ଜରୁରୀ ହୋଇ ପଡ଼ିଥିବା ବେଳେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦିଆଯାଇଛି ।

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ମାସିକ ଡିଜିଟାଲ ଇ-ପତ୍ରିକା ଲୋକାର୍ପିତ

ବଲାଙ୍ଗୀର,୪/୦୯ (ନି.ପ୍ର): ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ମାସିକ ଡିଜିଟାଲ ଇ-ପତ୍ରିକା (https//:epatrika.cspursahityasansad.com)ର ତୃତୀୟ ସଂଖ୍ୟା ସେପଟ୍ଟେମ୍ବର ୦୧ ୨୦୨୨ରେ ଓଡିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ଠାରେ ଲୋକାର୍ପିତ ହୋଇଯାଇଛି । ଉକ୍ତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଘନଶ୍ୟାମ ଜୈନ, ମୁଖ୍ୟବକ୍ତା ଭାବେ ଡକ୍ଟର ଯୁଗଳ କିଶୋର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଜ୍ୟୋତିପ୍ରକାଶ ଗଡ଼ତ୍ୟା, ପଂଚାନନ ତାଣ୍ଡି, ଯୋଗେଶ ମିଶ୍ର ଯୋଗଦେଇ ଲୋକାର୍ପଣ ପର୍ବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଇ-ପତ୍ରିକାର ସମ୍ପାଦକ ସରୋଜ କୁମାର ଶତପଥୀ ପତ୍ରିକାର ବିଭିନ୍ନ ଦିଗ ବିଷୟରେ ବର୍ଣ୍ଣନା କରିବା ସହ ପତ୍ରିକାର ୟୁଜର୍ ଇଣ୍ଟରଫେସ୍‌କୁ କେମିତି ବ୍ୟବହାର କରିବେ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଆଗାମୀ ଦିନରେ ଇ-ପତ୍ରିକାର ପ୍ରଚାର ପ୍ରସାର କରିବା ସହ ପତ୍ରିକାର ଉତରୋତର ଉନ୍ନତି ପାଇଁ ଯଥା ସମ୍ଭବ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାପାଇଁ ମୁଖ୍ୟ ଅତିଥି ଡାକ୍ତର ଘନଶ୍ୟାମ ଜୈନ ଏବଂ ଟିଟିଲାଗଡ଼ର ସର୍ବପୂରାତନ ସାହିତ୍ୟ ଅନୁଷ୍ଠାନ “ସାହିତ୍ୟ ସଂସ୍କୃତି”ର ସମ୍ପାଦକ ଜ୍ୟୋତିପ୍ରକାଶ ଗଡ଼ତ୍ୟା ପ୍ରତିଶୃତି ଦେଇଛନ୍ତି । ଉକ୍ତ ଉତ୍ସବରେ ପଂଚାନନ ତାଣ୍ଡି ନିଜସ୍ୱ ସ୍ୱର ସଂଯୋଜନାରେ ଏକ ସୁନ୍ଦର କବିତା ପାଠ କରିଥିଲେ ଓ ଶେଷରେ ଯୋଗେଶ ମିଶ୍ର ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

# ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭଦେଲେ ବିଧାୟକ

ମାଲକାନଗିରି,୪/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ପରକନମାଳା ଗ୍ରାମ ପଂଚାୟତର ସିରିପେଟା ସ୍ଥିତ, ଦୟଣା କ୍ଷେତ୍ର ନାମରେ ପ୍ରସିଦ୍ଧ, ଜଗନ୍ନାଥ ମନ୍ଦିରର ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭ ଦେଇଛନ୍ତି ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା । ସିରିପେଟା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ର ସଭାପତି ସହଦେବ ଶିସା ଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣ କୁ ସମ୍ମାନ ଜଣେଇ ବିଧାୟକ ଶ୍ରୀ ବାକା ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯଥା- ମନ୍ଦିର ପ୍ରାଙ୍ଗଣରେ ପାହାଚ ନିର୍ମାଣ, ପୋଖରୀ ଖନନ,ବଗିଚା ନିର୍ମାଣ ଭଳି କାର୍ଯ୍ୟକୁ ଶିଘ୍ର ତ୍ୱରାନ୍ୱିତ କରିବାକୁ ମତ ପୋଷଣ କରିଛନ୍ତି । ଆଜି ଏହି ଶୁଭ ଉଦଘାଟନ ଅବସରରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଖଇରପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦାରଞ୍ଜନ ସାହୁ, ପରକନମାଳା ସରପଞ୍ଚ ମେନକା ଶିସା , ସମାଜସେବୀ ସାଧୂ ହନ୍ତାଳ, କନିଷ୍ଠ ଯନ୍ତ୍ରୀ ଅନୀଲ ମାଝୀ, କାଳନ୍ଦୀ ଚରଣ ପାତ୍ର, ହେମନ୍ତ କୁମାର ଦାସ, ଭଗବାନ ସାହୁ, ଅର୍ଜୁନ ଓଡି , ଭାଗିରଥି ମୁଦୁଲି , ହୃଷୀକେଶ ସେଠୀ ଓ ଜିଆରଏସ୍ ଦେବେନ୍ଦ୍ର ଖେମୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିର ଟ୍ରଷ୍ଟ କମିଟି ର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ଉନ୍ମୋଚନ ହେବାକୁ ଥିବା ଫଳକ ପାଖକୁ ନେଇଯାଇଥିଲେ ଓ ସେଠାରେ ଦୟଣା କ୍ଷେତ୍ରର ମୁଖ୍ୟ ପୂଜକ ବିଜୟ ପଣ୍ଡା ମନ୍ତ୍ରପାଠ କରିବା ସହ ଉଦ୍ଦିଷ୍ଟ ଫଳକକୁ ବିଧାୟକଙ୍କ କର କମଳରେ ଉନ୍ମୋଚନ କରିଥିଲେ । ଇତି ମଧ୍ୟରେ ବିଧାୟକ ଶ୍ରୀ ବାକା ମନ୍ଦିରର ଚତୁର୍ପାର୍ଶ୍ୱ ବୁଲି ଦେଖିବା ସହ, ଏହାର ପାଚେରୀ ନିର୍ମାଣ, ବୋରୱେଲ୍ ଖନନ ଓ ଶୌଚାଳୟ ନିର୍ମାଣ ସମ୍ପର୍କରେ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ବିଡ଼ିଓ ଙ୍କୁ ଅବଗତ କରାଇଥିଲେ । କାର ?ୟକ୍ରମ ଶେଷରେ ମନ୍ଦିର ଟ୍ରଷ୍ଟ ସଭାପତି ଶ୍ରୀ ଶିଷା ସମସ୍ତ ଅତିଥି ମାନଙ୍କୁ ସେମାନଙ୍କ ଯୋଗଦାନ ପାଇଁ ହୃଦୟରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁଇଟି ମାମଲାରେ ୨ ଅଭିଯୁକ୍ତ ଗିରଫ

ଜୟପୁର,୪/୦୯ (ନି.ପ୍ର): ଦୁଇଟି ମାମଲାରେ ୨ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ଜୟପୁର ମହିଳା ପୋଲିସ । ପୋଲିସ ସୂଚନା ଅନୁଯାୟୀ ଯୁବତୀକୁ ବିବାହର ପ୍ରଲୋଭନ ନନ୍ଦପୁର ଅଂଚଳର ଜଣେ ଯୁବତୀ ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି ଯେ ଗତ ୩ ବର୍ଷ ତଳେ ମେସ୍ତୁଗୁଡାର ରାମ ଚନ୍ଦ୍ର କିର୍ଷାନି ସହ ପ୍ରଥମେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଗତ ଚୈତ୍ର ମାସ ୨୦୨୦ ମସିହାରେ ସମ୍ପର୍କୀୟାକୁ ଘରକୁ ବୁଲାଇ ନେବି କହି ଯୁବତୀର ଅନିଛା ସତ୍ୱେ ଶାରିରିକ ସମ୍ପର୍କ ରଖିଲା । ଯୁବତୀ ଜଣକ ଗର୍ଭବତୀ ହେବା ଜଣି ଗର୍ଭପାତ କରି ଥିଲା । ଏନେଇ ଜୟପୁର ମହିଳା ଥାନାରେ ଅଭି ଯୋଗ କରିବାରୁ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ସାନ ଜିଉନା ଗ୍ରାମର ଜଣେ ଯୁବତୀ ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି । ଏକଯ୍ୟା ଗ୍ରାମର ରାଜେନ୍ଦ୍ର ଟାକରି ଛୁରି ଧରି ଯୁବତୀ ଘରକୁ ଯାଇ ଧମକ ଚମକ ଦେଇ ଶାରିରିକ ସମ୍ପର୍କ ରଖିଥିଲା । ଯୁବତି ଜଣକ ପରେ ବାଧ ହୋଇ ଅଭିଯୁକ୍ତକୁ ବିବାହ କଲେ । ୩ ମାସ ଭଲରେ କଟିଥିବା ବେଳେ ଘରୁ ବାହାର କରିଦେବାରୁ ସେ ମହିଳା ଥାନାରେ ଦ୍ୱାରସ୍ଥ ହୋଇ ଥିଲେ । ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଜୋରଜବରଦସ୍ତ ବିବାହ : ପତ୍ନୀକୁ ପ୍ରତାରଣା ଅଭିଯୋଗ

ଗଞ୍ଜାମ,୪/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ମନ୍ଦାର ଗ୍ରାମର ସରୋଜ ପ୍ରଧାନ ନାମକ ଯୁବକ ତା’ର ମାମୁଁଘର ରାମଚନ୍ଦ୍ରପୁର ପିତଳଛକରେ ଭଡ଼ାଘର ନେଇ ବ୍ୟାପକ ଅନିୟମିତତା କାର୍ଯ୍ୟ ଚଳାଇଥିବା ଅଭିଯୋଗ ହେଉଛି । ସେଠାରେ ସେ ଅଣ୍ଡା ବ୍ୟବସାୟ ଆଳରେ ପିତଳର ଜଣେ ନାବାଳିକା ଘରେ କେହିନଥିବା ବେଳେ ତାକୁ ଦୁଷ୍କର୍ମ କରି ଦୀର୍ଘ ଦୁଇ ବର୍ଷ ଧରି ତାକୁ ଯୌନଶୋଷଣ କରିବା ସହ ପରେ ଏହି ନାବାଳିକା ପ୍ରାପ୍ତ ବୟସ୍କ ହେବା ପରେ ତାକୁ ବିବାହ କରିଥିଲା । ନାବାଳିକା ଓ ତାର ପିତାମାତାଙ୍କୁ ଅଭିଯୁକ୍ତ ସରୋଜ ଭୟଭୀତ କରାଇ ଶେରଗଡ଼ ବ୍ଲକ ମେରେଜ ଅଫିସରଙ୍କ ନିକଟକୁ ନେଇ ପ୍ରତାରଣାମୂଳକ ବିବାହ ସ୍ୱାକ୍ଷର କରାଇନେଇଛି । ସେ ବିବାହ ପରେ ପତ୍ନୀକୁ ଘରକୁ ନେଉନାହିଁ, ତାର ଭରଣପୋଷଣ କରୁନାହିଁ । ବରଂ ପତ୍ନୀ ସିଲେଇ କରି ଯାହା ରୋଜଗାର କରୁଛି ତାହା ନେଇଯାଉଛି ଓ ତାକୁ ମାନସିକ ନିର୍ଯ୍ୟାତନା ଦେଉଛି । ଅନ୍ୟପକ୍ଷରେ ପୀଡିତାଙ୍କ ସମ୍ପର୍କୀୟଙ୍କ ନିକଟକୁ ପତ୍ନୀ ସହ ଅନ୍ତରଙ୍ଗ ମୁହୂର୍ତର ଭିଡିଓ ବାର୍ତ୍ତା ଫୋନରେ ପଠାଇ ବଦନାମ କରିବାକୁ ଉଦ୍ୟମ କରୁଛି । ଏହି ଠକ ଯୁବକ କବଳରୁ ତାଙ୍କୁ ମୁକ୍ତ କରିବା ସହ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡିତା ଗଞ୍ଜାମ ଜିଲା ଏସପି ଓ ହିଞ୍ଜିଳିକାଟୁ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

## ରାଉରକେଲା ଇସ୍ପାତ କାରଖାନା କର୍ମଚାରୀଙ୍କ ଆନ୍ଦୋଳନ

ରାଉରକେଲା,୪/୦୯ (ନି.ପ୍ର): ତୁରନ୍ତ ବୋନସ୍ ଟଙ୍କା ପ୍ରଦାନ ଦାବିରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଦୂର୍ଗାପୂଜା ପୂର୍ବରୁ ସେମାନଙ୍କୁ ବୋନସ୍ ଅର୍ଥ ଦିଆଯାଉ ବୋଲି ଦାବି କରିଛନ୍ତି । ଏଥିସହ ୩୯ ମାସର ବକେୟା ଏରିୟର ଅର୍ଥ ପ୍ରଦାନ କରିବାକୁ ଦାବି ହୋଇଛି । କର୍ମଚାରୀ ସଂଘ ଓ ବିଏମଏସ ଶ୍ରମିକ ସଂଗଠନ ପକ୍ଷରୁ ଆଜି ବିଶ୍ରା ଛକରେ ଅନୁଷ୍ଠିତ ଏହି ପ୍ରତିବାଦରେ ଶତାଧିକ କର୍ମକର୍ତା ସାମିଲ୍ ଥିଲେ ।

# ସାଂସଦ ପ୍ରତିନିଧି, ଅଫିସର ଓ ସାମ୍ବାଦିକଙ୍କୁ ମାଓବାଦୀଙ୍କ ଚେତାବନୀ

କନ୍ଧମାଳ,୪/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ପୁଣି ଲାଗିଛି ମାଓବାଦୀଙ୍କ ହାତ ଲେଖା ପୋଷ୍ଟର । କୋଟଗଡ ଥାନା ଅନ୍ତର୍ଗତ ଜାମଝୋର ଛକରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରତିନିଧି ମନୋଜ ସାବତ, ପୂର୍ବତନ ବିଡ଼ିଓ କୈଳାଶ ଚନ୍ଦ୍ର ମୁର୍ମୁ ଓ୍ ବ୍ଲକ କ୍ୟାସିଅର ଛବି ବାବୁଙ୍କ ନାମରେ ଲାଗିଛି ପୋଷ୍ଟର । ବିଭିନ୍ନ ଦୁର୍ନୀତିରେ ଛନ୍ଦିହୋଇ ସରକାରୀ ଅର୍ଥ ହରିଲୁଟ ଏବଂ ରାଜସ୍ୱ ବିଭାଗକୁ ହାତକରି ଜଙ୍ଗଲ ଜମି ନିଜ ଅକ୍ତିଆରକୁ ନେବା ଭଳି ସଙ୍ଗୀନ ଅଭିଯୋଗ ସତ୍ୱେ ଏମାନଙ୍କୁ ଭିଜିଲାନ୍ସ ବିଭାଗ ଧରୁନଥିବାରୁ ମାଓବାଦୀ ସଂଗଠନ ବିରୋଧ କରୁଛି ବୋଲି ପୋଷ୍ଟରେ ଲେଖାଯାଇଛି । ଜି଼ଲ୍ଲାରେ କିଛି ସାମ୍ବାଦିକ ଶାସକ ଦଳ ଓ୍ ପ୍ରଶାସନର ଗୋଲାମଗିରି କରି ଦୁର୍ନୀତିକୁ ଘଂଟ ଘୋଡାଉଛନ୍ତି, ଆମେ ତାହାର ଖୁଲାସା କରିବୁ । ଭିଜିଲାନ୍ସ ବିଭାଗ ନ ଧରିଲେ ଆମେ ବସନ୍ତ ଭାଟଙ୍କ ପରି ହତ୍ୟା କରିବୁ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି । ସିପିଆଇ ମାଓବାଦୀ ଡିଭିଜନ ବାଘୁନା କମିଟି ଏହି ପୋଷ୍ଟର ଲଗାଇଥିବା ନେଇ ପୋଷ୍ଟରରେ ଉଲ୍ଲେଖ ରହିଛି । ପୋଷ୍ଟର ପରେ ଅଂଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି । ତେବେ ଏହି ପୋଷ୍ଟର ମାଓବାଦୀ ଲଗାଇଛନ୍ତି ନା ଆଉ କେହି ଦୁର୍ବୃତ ମାଓବାଦୀଙ୍କ ନାଁରେ ପୋଷ୍ଟର ଲଗାଇ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛି ତାହା ତଦନ୍ତ ପରେ ଜଣାପଡିବ ।

# ମାଣ୍ଡିଆ ମା’ ସୁବାସ ମହନ୍ତଙ୍କୁ ‘ଏଗ୍‌ଜିଷ୍ଟେନ୍ସ ବେୟାର ଫୁଟ୍’ ସମ୍ମାନ

ଯଶିପୁର/ପଦ୍ମପୁର,୪/୦୯ (ନି.ପ୍ର): ଯଶିପୁର ବ୍ଲକ୍ ସିଙ୍ଗାରପୁର ଗାଁର ମହିଳା ମାଣ୍ଡିଆ ଚାଷୀ ସୁବାସ ମହନ୍ତଙ୍କୁ ‘ଏଗ୍‌ଜିଷ୍ଟେନ୍ସ ବେୟାର ଫୁଟ୍’ ଫେଲୋସିପ୍ ସମ୍ମାନ ମିଳିଛି । ମୟୂରଭଞ୍ଜ ଜିଲ୍ଲାରେ ମିଲେଟ୍ ମିସନ୍‌କୁ ଆଗକୁ ନେବାରେ ଶ୍ରୀମତୀ ମହାନ୍ତ ଝାଳବୁହା ପରିଶ୍ରମ କରିଛନ୍ତି । ସେ ୯ ପ୍ରକାର ମାଣ୍ଡିଆ ଚାଷ କରିବା ସହ ନିଜେ ଆତ୍ମନିର୍ଭରଶୀଳ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।




ସ୍ଥାନୀୟ ଅଞ୍ଚଳରେ ମାଣ୍ଡିଆ ମା’ ଭାବେ ଜଣାଶୁଣା ସୁବାସଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଗତିଶୀଳ ଦୃଷ୍ଟିକୋଣ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ସମ୍ମାନିତ ମଧ କରିଛନ୍ତି । ‘ଏଗଜିଷ୍ଟେନ୍ସ’ର ନିର୍ଦ୍ଦେଶିକା ଡ.ବିଜୟାଶ୍ରୀ ଶତପଥୀ ଯଶିପୁର ଗସ୍ତରେ ଆସି ସୁବାସଙ୍କୁ ଭେଟିବା ସହ ତାଙ୍କୁ ଫେଲୋସିପ୍ ସମ୍ମାନ ବିଷୟରେ ଅବଗତ କରିଥିଲେ ।

# କେନ୍ଦୁଝରରେ ସେପ୍ଟେମ୍ବର ୬ ରୁ ୮ ଜିଲ୍ଲାରେ ଗଡିବ ଅହିଂସା ରଥ : ବାଂଟିବ ଅହିଂସା ଓ ଦେଶ ପ୍ରେମର ବାର୍ତ୍ତା

କେନ୍ଦୁଝର,୪/୦୯ (ନି.ପ୍ର): ଚଳିତ ସେପଟ୍ଟେମ୍ବର ମାସ୬ ରୁ ୮ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ ଗଡିବ ଦୁଇଟି ଅହିଂସା ରଥ । ଏହି ଭ୍ରାମ୍ୟମାଣ ଅହିଂସା ରଥ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକ୍ ଓ ୫ଟି ପୌରାଂଚଳ ପରିକ୍ରମା କରି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅମୋଘ ଅସ୍ତ୍ର ଅହିଂସା ମନ୍ତ୍ରର ପ୍ରଚାର କରିବା ସହ ଦେଶ ପ୍ରେମର ବାର୍ତ୍ତା ବାଂଟିବ । ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ପ୍ରଦର୍ଶନୀ ପଡିଆରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅମୂଲ୍ୟବାର୍ତ୍ତା ବହନ କରୁଥିବା ୪ଟି ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଆଗାମୀ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଉକ୍ତ ଅହିଂସା ରଥ ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରିବ । ଏହିକ୍ରମରେ ଚଳିତ ସେପଟ୍ଟେମ୍ବର ୬ତାରିଖ ମଙ୍ଗଳବାର ଦିନ ସକାଳେ ଦୁଇଟି ଅହିଂସା ରଥ ସୁନ୍ଦରଗଡ ଜିଲ୍ଲାରୁ କେନ୍ଦୁଝର ଜିଲ୍ଲାରେ ପହଚିଂବ । କେନ୍ଦୁଝର ଜିଲ୍ଲାରେ ଅହିଂସା ରଥ ପରିକ୍ରମାକୁ ଶୃଙ୍ଖଳିତ କରିବାକୁ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ୬ତାରିଖ ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତ ଯୋଡାବ୍ଲକ୍ ଅନ୍ତର୍ଗତ ରେଙ୍ଗାଳବେଡା ଗ୍ରାମରେ ଦୁଇଟି ଅହିଂସା ରଥକୁ ସ୍ୱାଗତ କରାଯିବ ଏବଂ ପରେ ପରେ ଦୁଇଟି ଅହିଂସା ରଥ ଭିନ୍ନ ଭିନ୍ନ ରାସ୍ତାରେ ୮ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୧୩ଟି ବ୍ଲକ୍ ଏବଂ ୫ଟି ପୌରାଂଚଳ ପରିକ୍ରମା କରିବା ନିମନ୍ତେ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି । ପ୍ରଥମ ରଥ ସେପଟ୍ଟେମ୍ବର ୬ତାରିଖରେ ବଡବିଲ୍ ମ୍ୟୁନିସିପାଲିଟି,ଯୋଡା ବ୍ଲକ୍ ଅନ୍ତର୍ଗତ ଭଦ୍ରାସାହି ଗ୍ରାମପଂଚାୟତ କାର୍ଯ୍ୟାଳୟ,ଯୋଡା ମ୍ୟୁନିସିପାଲିଟି ବିଲେଇପଦାଛକ,ବାସୁଦେବପୁର, ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କୋଦଗାଡିଆ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଜାମୁଦଲକ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଚମ୍ପୁଆ ବସଷ୍ଟାଣ୍ଡ ଏବଂରିମୁଳି ପରିକ୍ରମା କରିବ । ସେପ୍ଟେମ୍ବର ୭ତାରିଖରେ ଉକ୍ତ ରଥ ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ବାଲିବନ୍ଧ ଗ୍ରାମପଂଚାୟତ କାର୍ଯ୍ୟାଳୟ, ପି.ଏସ୍. ମହାବିଦ୍ୟାଳୟ ଝୁମ୍ପୁରା (ଅର୍ଶଳା), ଝୁମ୍ପୁରା ଦୁର୍ଗା ପଡିଆରେ ଅହିଂସାଓଦେଶ ପ୍ରେମର ବାର୍ତ୍ତା ବାଂଟିବା ପରେ ଅହିଂସା ରଥ ନରଣପୁର ଦେଇ ଘଟଗାଁ ବ୍ଲକ୍‌ର ବସନ୍ତପୁରହାଇସ୍କୁଲ, ପଣ୍ଡାପଡା, ଢେଙ୍କିକୋଟ୍ ଦେଇ ଘଟଗାଁରେ ପହଂଚିବ । ସେପଟ୍ଟେମ୍ବର ୮ତାରିଖ ଗୁରୁବାର ଦିନ ରଥ ଘଟଗାଁରୁ ବାହାରି ପାଟଣା ବ୍ଲକ୍‌ର ମଲ୍ଲୀପଶି ଗ୍ରାମଏବଂଜନତା ହାଇସ୍କୁଲ୍ ମଲ୍ଲୀପଶି, ଜି.ଏନ୍.ହାଇସ୍କୁଲ୍ ପାଟଣାରେ ପହଂଚିବ । ସେଠାରୁ ଅହିଂସାରଥ ସାହାରପଡା ବ୍ଲକ୍ ଅନ୍ତର୍ଗତ କପୁଣ୍ଡିଛକ, ଖଜୁରିଡିହା ହାଇସ୍କୁଲ୍ ଧାନବେଣୀ, ସିଲିପଦା, ଉଦୟପୁର ହାଇସ୍କୁଲ୍,ସାହାରପଡା ହାଇସ୍କୁଲ୍ ପରିକ୍ରମା କରିବ । ସେହିପରି ଦ୍ୱିତୀୟ ରଥ ସେପଟ୍ଟେମ୍ବର ୬ତାରିଖ ମଙ୍ଗଳବାରଦିନ ସଦର ବ୍ଲକ୍ ଅନ୍ତର୍ଗତ ପଳାଶପଙ୍ଗାରୁ ପରିକ୍ରମା ଆରମ୍ଭ କରିବ । ପଳାଶପଙ୍ଗାରୁ ପଦ୍ମପୁର ଛକ,ରାଇସୁଆଁ ହାଇସ୍କୁଲ୍ ପରିକ୍ରମା କରି କେନ୍ଦୁଝର ଜିଲ୍ଲା ସଦରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଂଚିବ । ସେଠାରେ ଅହିଂସା ରଥକୁ ଭବ୍ୟସ୍ୱାଗତ ପରେ ରଥ କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ଥାନା ଛକ,ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ପୁରୁଣାସହର ବଡଦାଣ୍ଡ ପରିକ୍ରମା କରି ବାଂଶପାଳବ୍ଲକ୍ ଅନ୍ତର୍ଗତ ଶୁଆକାଟୀ, ପାଟେଶ୍ୱର କନିଷ୍ଠ ମହାବିଦ୍ୟାଳୟ ଶୁଆକାଟୀ ପରିକ୍ରମା କରି ସାହାରପୁର ଏସ୍.ଏସ୍.ଡି. ହାଇସ୍କୁଲଠାରେ ପହଂଚିବ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ସେପ୍ଟେମ୍ବର ୦୫, ୨୦୨୨

# ଗୁରୁ ଦକ୍ଷିଣା



ପୁଷ୍ପଲତା ମିଶ୍ର



ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ମାଷ୍ଟ୍ରେ ଥିଲେ ସୁଶିକ୍ଷକ, ସୁବକ୍ତା, ସ୍ନେହ ବତ୍ସଳ ନୀତିନିୟମରେ ବନ୍ଧା ଜଣେ ସରଳ ମଣିଷ । ଦୀନବନ୍ଧୁ ବରାଳ ଜଣେ ନ୍ୟାୟ ବନ୍ତପୁରୁଷ ବିଦ୍ୟାଳୟ ବ୍ୟତୀତ ଘରେ ମଧ୍ୟ ବିନା ଦକ୍ଷିଣାରେ ଶିକ୍ଷା ଦିଅନ୍ତି ।

ଏହି କୋମଳମତି ଶିଶୁମାନଙ୍କୁ, ଘରେ ଶିକ୍ଷା ଦେବାରେ ସେ ଯେତିକି ପାରଙ୍ଗମ ତା'ଠାରୁ ତାଙ୍କ ସ୍ତ୍ରୀ ସୁଲୋଚନା ଦେବି ମଧ୍ୟ ପିଲାମାନଙ୍କୁ ବହୁତ ସ୍ନେହ ଆଦର କରନ୍ତି । ନିଜେ ରୋଷେଇ କରି ସମସ୍ତ ପିଲାମାନଙ୍କୁ କୋଳରେ ବସାଇ ଖୁଆଇ ଦିଅନ୍ତି ।

ଦୀନ ବନ୍ଧୁ ମାଷ୍ଟ୍ରେ ବିଦ୍ୟାଳୟ ଯିବା ବାଟରେ ଦେଖନ୍ତି କିଛି ପିଲା ସ୍କୁଲ ହତା ବାହାରେ ଖେଳୁଛନ୍ତି କିନ୍ତୁ ତା ଭିତରୁ ଗୋଟିଏ ପିଲା ନଖେଳି ସ୍କୁଲ ପରିସରକୁ ଏକ ଲୟରେ ଚାହିଁ ରହିଛି ।

ଦିନେ ଦୀନବନ୍ଧୁ ମାଷ୍ଟ୍ରେ ସେ ପିଲା ମାନଙ୍କୁ ଡାକିଲେ ସବୁ ପିଲା ଦୌଡ଼ି ପଳାଇ ଗଲେ। କିନ୍ତୁ ସେ ପିଲା ଟି ନିର୍ଭୀକ ଭାବରେ ଠିଆ ହୋଇ ଥିଲା । ଦୀନବନ୍ଧୁ ମାଷ୍ଟ୍ରେ ସେ ପିଲା ପାଖକୁ ଯାଇ କହିଲେ- ତୁ ସ୍କୁଲ ଆସୁନୁ ତୋର କଣ ପାଠ ପଢିବାକୁ ଇଚ୍ଛା ନାହିଁ ? ଦେଖ ତ ତୋ ପରି କୁନି କୁନି ପିଲା କେମିତି ପାଠ ପଢୁଛନ୍ତି ? ପିଲାଟି କହିଲା ସାର୍ ଆମେ ବହୁତ ଗରିବ ବାପା ମୂଲ ଲାଗି ଯେତିକି ପାରି ଶ୍ରମିକ ଆଣେ ସେତକ ଆମ ପରିବାର କୁ ନିଅଣ୍ଟ ପାଠ କେମିତି ପଢିବି ? ମାଷ୍ଟ୍ରେ କହିଲେ ତୁ ସେଥି ପାଇଁ ଚିନ୍ତା କରିବା ଦରକାର ନାହିଁ କାଲି ମୁଁ ତୋ ବାପା ସହ କଥା ହେବି ତୁ କାଲି ଠାରୁ ସ୍କୁଲ ଆସିବୁ । ସେହି ଦିନ ସନ୍ଧ୍ୟାରେ ମାଷ୍ଟ୍ରେ ଯାଇ ଥିଲେ ଶୁଭକାନ୍ତ ଘରକୁ । ତାର ବାପା ମୁରଲୀ ପ୍ରଧାନଙ୍କୁ ଦେଖା କରି ଶୁଭକାନ୍ତ ସ୍କୁଲ ଯିବା ପାଇଁ ବ୍ୟବସ୍ଥା କଲେ ପ୍ରଥମେ ଶୁଭର ବାପା ରାଜି ନଥିଲେ । ଯିଏ ଓଳିଏ ଖାଇଲେ ଆର ଓଳି ଉପାସ ରହିବାକୁ ପଡୁଛି, ବହି ପତ୍ର ପୋଷାକ କୋଉଠୁ ଯୋଗାଇବ ? ଦିନବନ୍ଧୁ ମାଷ୍ଟ୍ରେ ନଛୋଡବନ୍ଧା କହିଲେ ମୁରଲୀ ତୁ ସେ ପାଇଁ ବିବ୍ରତ ହବା ଦରକାର ନାହିଁ, ସେକଥା ମୁଁ ବୁଝିବି ତୁଳସୀ ଦୁଇ ପତ୍ରରୁ ବସିଲା ପରି ଶୁଭକାନ୍ତ ଶ୍ରେଣୀରେ ହେଲା ସବୁ ପିଲାଙ୍କୁ ପଛରେ ପକାଇ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଓଡ଼ିଶାରୁ ସର୍ବ ପ୍ରଥମ ହୋଇ ଉର୍ତ୍ତିର୍ଣ୍ଣ ହେଇଥିଲା ଶୁଭକାନ୍ତ। ଓଡ଼ିଶା ସରକାରଙ୍କ ଠାରୁ ବୃତ୍ତି ପାଇ ଶୁଭକାନ୍ତ ଯାଏ ଭୁବନେଶ୍ୱର ଉଚ୍ଚ ଶିକ୍ଷା ଗ୍ରହଣ ନିମନ୍ତେ ।

ଦୀନବନ୍ଧୁ ମାଷ୍ଟ୍ରେଙ୍କ ଜୀବନରେ ଘୋଟି ଆସିଲା କଳା ବାଦଲ, ଏକ ମାତ୍ର ପୁତ୍ର ଉଚ୍ଚ ଶିକ୍ଷା ପାଇଁ ବାଙ୍ଗାଲୋରରେ ସଫ୍ଟୱେରରେ ଇଞ୍ଜିନିୟର ଭାବେ କାମ କରି ସେହିଠାରେ ନିଜ ଇଚ୍ଛାରେ ଗୋଟିଏ ଅଲଗା ଜାତିର ଝିଅକୁ ବିବାହ କରି ରହିଗଲା, ପୁଅକୁ କରଜ କରି ପାଠ ପଢ଼େଇ ଥିବା ଦୀନବନ୍ଧୁ ମାଷ୍ଟ୍ରେ କରଜ ଶୁଝି ପାରିଲେ ନାହିଁ ଏଣେ ପେନସନ ବି ହୋଇପାରୁନି। ପେନସନ ଅଫିସକୁ ଦଉଡ଼ି ଦଉଡ଼ି ହାଲିଆ ହୋଇ ପଡିଲେଣି ଦୀନା ମାଷ୍ଟ୍ରେ, ଶେଷରେ ମାଷ୍ଟ୍ରେ ପୂର୍ବ ପୁରୁଷ ଭିଟକ୍ଷ ମାଟି ବିକି କରଜ ସୁଝି ଭୁବନେଶ୍ୱର ପଳେଇ ଆସି ଏକ ବସ୍ତିରେ ରହି ଦିନ ରେ ମୂଲିଆ କାମ ରାତିରେ ବସ୍ତିର କୁନିକୁନି ପିଲାମାନଙ୍କୁ ପାଠ ପଢ଼ାଇ ଜେନ ତେନ ପ୍ରକାରରେ ଦିନ ସରିଯାଏ ମାଷ୍ଟେଙ୍କର 'ସୁନା ମାଟିରେ ମିଶିଲେ ବି ସେ ସୁନା ଉଜ୍ଜ୍ୱଳ ଦିଶିବ'। ଦିନ ବନ୍ଧୁ ମାଷ୍ଟ୍ରେ ବସ୍ତିରେ ଥିବା ପିଣ୍ଡି ଉପରେ ଶରୀରକୁ ଗଡ଼େଇ ଦେଇ କିଛି ପୁରୁଣା କଥା ଭାବି ଚାଲିଛନ୍ତି, କେତେ ପିଲାଙ୍କୁ ମଣିଷ କଲି କିନ୍ତୁ ନିଜ ପୁଅଟି ଆମକୁ ପଚାରିଲା ନାହିଁ ଠକି ଦେଲା ଆମକୁ..........। ଆମେ ବୁଢ଼ା ବୁଢ଼ୀ କେମିତି ଚଳିବୁ ? ଏତେ କରଜ ଥିଲା ବାପା ମାଆ କେମିତି ସୁଝିବେ ଏତେ ପରିବର୍ତ୍ତନ ହେଇଗଲା ? ଭାବନା ଭିତରେ ମାଷ୍ଟ୍ରେଙ୍କର ଆଖି ଲାଗି ଯାଇଛି, କାହାର ସ୍ପର୍ଶରେ ଉଠି ବସି ଦେଖନ୍ତି ତ ବସ୍ତିର ସର୍ଦ୍ଦାର ତାଙ୍କୁ କହୁଛି ସାର ଏଠି ନୂଆ କଲେକ୍ଟର ଆସିଛନ୍ତି ସେ ଘୋଷଣା କରିଛନ୍ତି ଆସନ୍ତା ଗୁରୁ ଦିବସରେ ଅବସର ପ୍ରାପ୍ତ ଶିକ୍ଷକମାନଙ୍କୁ ପେନସନ ସହ ଉପହାର ମଧ ଦେବେ ଆପଣ ଏବେ ଯାଆନ୍ତୁ ଦେଖା କରନ୍ତୁ ସେ ତୁମ କଥା ନିଶ୍ଚିନ୍ତ ଶୁଣିବେ । ମନରେ ଦୃଢ଼ ଆଶାରଖି ମାଷ୍ଟ୍ରେ ଚାଲିଲେ କଲେକ୍ଟର ଅଫିସକୁ, ଅଫିସ ଆଗରେ ଏତେ ଲମ୍ବା ଧାଡ଼ି ଦେଖି ସେଇଠି ବସି ପଡିଲେ ହଉ ଦେଖା ଯାଉ । ସମସ୍ତେ ନିଜ ନାମ କାଗଜରେ ଲେଖି ଦଉଥନ୍ତି ଜଣକ ପରେ ଜଣକ ନାମ ଡକା ହଉଥାଏ ସେମାନେ ଭିତରକୁ ଯାଇଥାନ୍ତି ଆଉ ଖୁସିରେ ଫେରୁ ଥାଆନ୍ତି । ଦୀନବନ୍ଧୁ ମାଷ୍ଟ୍ରେ ନିଜ ନାମ ଲେଖି ସେ ଚପରାସିକୁ ଦେଲେ କିନ୍ତୁ ଚପରାସି ସେ କାଗଜକୁ ଚିରି ଦେଲା ଓ କହିଲା ସାରଙ୍କର ସମୟ ନାହିଁ ଆଜି ଜରୁରୀ କାମରେ ଅଛନ୍ତି।

ଚମ ଲୋଟା କୋଚା ଅପରିଷ୍କାର ବେଶ ପରିପାଟୀ ଦେଖି ଚାପରାସି ଭିତରକୁ ଛାଡ଼ିଲା ନାହିଁ, ଏମିତି ଆଜେ ବାଜେ ଲୋକଙ୍କୁ ଦେଖା କରିବେ ବାହାରି ଯାଆ ଆଉ କେବେ ଆସିବ ।

ମାଷ୍ଟ୍ରେ ଯେତେ କାକୁତି ମିନତି ହେଇ କହିଲେ ମୁଁ ଜଣେ ଶିକ୍ଷକ, କଲେକ୍ଟର ସାହେବଙ୍କୁ ଦେଖା କରିବାକୁ ଆସିଛି ସମସ୍ତେ ହସରେ ଉଡେଇ ଦେଲେ ସବୁ ଲୋକ ଯିବା ପରେ ଯେତେବେଳେ ଭିତରକୁ ଯିବାକୁ ଉଦ୍ୟତ ହୁଅନ୍ତେ ସେମାନେ ତଡି ବିଦା କରିଦେଲେ ଆଉ ଠେଲା ପେଲା ହୋ ହାଲ୍ଲା ଭିତରେ ମାଷ୍ଟ୍ରେ ପଡ଼ି ଯାଇ ତାଙ୍କ ମୁଣ୍ଡ ଫାଟି ଗଲା ମୁଣ୍ଡରୁ ଧାର ଧାର ରକ୍ତ ବୋହି ଚାଲିଛି । ଅଫିସ ବାହାରେ ପାଟି ଶୁଣି କଲେକ୍ଟର ନିଜେ ଉଠି ଆସିଲେ କିଏ ସେ ଲୋକ କାହିଁକି ଗଣ୍ଡ ଗୋଳ କରୁଛ ? କଲେକ୍ଟରଙ୍କୁ ଦେଖି ଲୋକେ ଆଡେଇ ହେଇଗଲେ । ଏ କଣ ଦେଖୁଛନ୍ତି ଦୀନବନ୍ଧୁ ମାଷ୍ଟ୍ରେଙ୍କର ଏ ଅବସ୍ଥା, ଯାହାଙ୍କୁ ଖୋଜିବାକୁ ମତେ ଦୀର୍ଘ ପନ୍ଦର ବର୍ଷ ଲାଗି ଯାଇଛି ଆଉ ଯାହାଙ୍କ ପାଇଁ ମୋର ଏ ଘୋଷଣା । ଏମାନେ କେହି ଚିହ୍ନି ପାରିଲେନି ଅଫିସର ଲୋକମାନଙ୍କୁ କ୍ରୁର ଦୃଷ୍ଟି ଚାହିଁ ମାଷ୍ଟ୍ରେ ଙ୍କୁ ନିଜ ଗାଡ଼ିରେ ବସେଇ ମେଡିକାଲ ନେଇଗଲେ କଲେକ୍ଟର ଶୁଭକାନ୍ତ ଅଫିସର ଷ୍ଟାଫ୍ମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ଗଲେ ।

ମେଡ଼ିକାଲ ବେଡରେ ଶୋଇ ଥାଆନ୍ତି ଦୀନବନ୍ଧୁ ମାଷ୍ଟ୍ରେ ପାଖରେ ବସି ସେବା କରୁଥାନ୍ତି ଶୁଭକାନ୍ତ ! ସାର ମୁଁ ଆପଣଙ୍କ ଶୁଭ, ମାଷ୍ଟ୍ରେ କହୁଥାନ୍ତି ମତେ କେହି ଚିହ୍ନି ପାରିଲେନି। ସାର ଆପଣ କୋଉଠି ଥିଲେ, ମୁଁ ଆଇ.ଏ.ସ ପାଇବା ପରେ ଗାଁ କୁ ଯାଇଥିଲି କିନ୍ତୁ ଆପଣଙ୍କୁ ପାଇଲିନି କି ଗାଁ ରେ କୌଣସି ଲୋକ ଆପଣଙ୍କ ଠିକଣା ବତେଇ ପାରିଲେନି ସାର ! ବାପା ମାଙ୍କ ଦେହାନ୍ତ ପରେ ମୁଁ ଏଇ ଭୁବନେଶ୍ୱର ରେ ରହିଛି, ଅଫିସର ପୁରୁଣା ଫାଇଲ ଦେଖିଲି ତୁମର ପେନସନ ଗଣ୍ଡାକ ମଧ ହେଇନି ତେଣୁ ମୁଁ ଘୋଷଣା କଲି ସମସ୍ତ ଶିକ୍ଷକଙ୍କର ପେନସନ ସହିତ ଗୁରୁଦିବସ ରେ ଉପହାର ଦେବି ! ଜଣ ଜଣ କରି ସବୁ ଶିକ୍ଷକଙ୍କୁ ତାଙ୍କର ନାର୍ଯ୍ୟ ଅଧିକାରକୁ ଦେବା ଭିତରେ ମୁଁ ସେମାନଙ୍କ ଭିତରେ ଖୋଜି ଚାଲୁଥିଲି ମୋର ଅତି ପ୍ରିୟ ଗୁରୁ ଦୀନବନ୍ଧୁ ମାଷ୍ଟ୍ରେଙ୍କୁ.....।

ବାପା ମା'ଙ୍କୁ ହରେଇ ଥିବା ଶୁଭକାନ୍ତ ଆଜି ଅନାଥ ନୁହେଁ ସେ ପାଇ ଯାଇଛି ତାର ପିତୃ ସମ ଗୁରୁ ଦୀନବନ୍ଧୁ ବରାଳଙ୍କୁ......।

ଆସନ୍ତୁ ମାଷ୍ଟ୍ରେ ମୋ ସାଙ୍ଗରେ ଆସନ୍ତୁ ମୋ ବଙ୍ଗଳାକୁ ଯୋଡ ହାତକୁ ମୋ ମୁଣ୍ଡରେ ରଖି ପାଠ ପଢ଼ାଇ ମଣିଷ ଭଳି ମଣିଷଟିଏ ଗଢି ଥିଲେ, ତାକୁ ତାର କର୍ତ୍ତବ୍ୟ କରିବାକୁ ଦିଅନ୍ତୁ।

ମାଷ୍ଟ୍ରେ ଙ୍କ ଆଖି ରୁ ଗଡି ଚାଲିଥିଲା ଅବାରିତ ଲୁହ, ସେ ଲୁହ ଦୁଃଖର ନୁହେଁ ଖୁସିର...। ଶୁଭକାନ୍ତ କହିଲେ ସାର ମୁଁ ଆପଣଙ୍କ ପାଇଁ କିଛି କରି ପାରିଲେ ତାହାହିଁ ହେବ ମୋର 'ଗୁରୁଦକ୍ଷିଣା' ।

♥ ଭୁବନେଶ୍ୱର
ମୋ: ୯୩୩୮୨୯୪୬୫୭

# ଗୁଡୁର ଗୁରୁପୂଜା



ସମର୍ପିତା ପାଣିଗ୍ରାହି

ଶରତ ଆକାଶ। ଫର୍ଚ୍ଚା ଫର୍ଚ୍ଚା ଲାଗୁଛି।ଗରମ ଲେମ୍ବୁପାଣି ପିଉ ପିଉ ଖବର କାଗଜ ଓଲଟାଉଛନ୍ତି ବାପା। ପୂଜାଘରୁ ଘଣ୍ଟି ଶବ୍ଦ ଶୁଭିଲାଣି ଅଥଚ ଗୁଡୁର ନିଦ ଜମାରୁ ଭାଙ୍ଗୁ ନାହିଁ। ବାପା ଡାକ ପକାଇଲେ। ଗୁଡୁ ! ଶୋଇଥିବୁ ନା କଣ ? ସ୍କୁଲ ବନ୍ଦ ହୋଇ ପାଠଶାଠ ତ ଗଲା , ପିଲାଟା ଅଳସୁଆ ହୋଇଗଲା। ବାପା ଗୁଡୁକୁ ହଲେଇ ଦେଇ କହିଲେ, ଗୁଡୁ କହିଲୁ ଆଜି କେତେ ତାରିଖ ? ନିଦୁଆ ଆଖିକି ମଳିମଳି ଗୁଡୁ କହିଲା, ମୁଁ ଜାଣିନି।

ବାପା ତା ମୁହଁ ଧୋଇଦେଇ ବ୍ରସ ଧରାଇ କହିଲେ, ଆଜି ଚାରି ତାରିଖ। କାଲି ପରା ଗୁରୁ ଦିବସ। ତୋ ଗୁରୁମାଙ୍କ ପାଇଁ ଉପହାର ତିଆରି କରିବୁନି।

ପାଟିରୁ ଛେପ ମେଞ୍ଚେ ତଳେ ପକାଇ ଗୁଡୁ କହିଲା, ମୁଁ କୋଉ ସ୍କୁଲ ଯାଉଛି ଯେ, ଉପହାର ଦେବି।

ବାପା କହିଲେ ତାହେଲେ ତୁ କଣ ଗୁରୁପୂଜା କରିବୁ ନାହିଁ? ମୁଁ ଭିଡିଓ କଲ କରିଦେବି ତୁ ପ୍ରଣାମ କରିଦେବୁ। ପରେ ଯେତେବେଳେ ଦେଖିବୁ ସେତେବେଳେ ଉପହାର ଦେଇଦେବୁ। ଆଚ୍ଛା, ଗୁଡୁ କହିଲୁ ତୋର କେତେଜଣ ଗୁରୁ ଅଛନ୍ତି ? ତୁ କାହାଠୁଁ ବେଶୀ ଶିକ୍ଷା ପାଉଛୁ? କିଏ ତୋତେ ଭଲ ଗପ କୁହନ୍ତି, ଗୀତ ଶୁଣାନ୍ତି, ଚିତ୍ର ଶିଖାନ୍ତି, ନାଚ ଶିଖାନ୍ତି, ପାଠ ପଢ଼ାନ୍ତି ଆଉ ତୁ କାହା ସହିତ ବେଶୀ ଖେଳୁ, କିଏ ତୋ ପାଖେ ପାଖେ ବେଶୀ ରୁହନ୍ତି ? ଯାହାକୁ ଦେଖିଲେ ତୁ ବେଶୀ ଖୁସି ହୋଇଯାଉ। ସବୁବେଳେ ତାଙ୍କ ସହିତ ରହିବାକୁ ଚାହୁଁ। ତୁ ତାଙ୍କର ଏକ ଚିତ୍ର ଆଙ୍କି ଦେ, ମୁଁ ତାକୁ କାଲି ମୋବାଇଲରେ ତାଙ୍କ ପାଖକୁ ପଠାଇଦେବି।

ଏଇ ଭିତରେ ବ୍ରସ କରିବା ସାରିଯାଇଥାଏ। ହଁ ବାପା, ମୁଁ କରିବି। ଏତିକି କହି ଗୁଡୁ ଗାଧୋଇବାକୁ ଚାଲିଗଲା। ଗୁରୁମା-ମାନଙ୍କର ନାଁ ମନେ ପକାଇଲା। ନାଆଁ ମନେ ପଡିବ କେମିତି ଏତେ ଦିନ ଛୁଟି ପରେ ମୁହଁ ତ ଝାପ୍ସା ଝାପ୍ସା ଦିଶୁଛି।

ପାଣି ଟ୍ୟାପକୁ ଖୋଲିଦେଇ ଭାବୁଛି ଯେ ଭାବୁଛି ବାପା କହିବା କଥା। କିଏ, କିଏ ମୋତେ ଗୀତ ଶୁଣାନ୍ତି।କାହାଠୁଁ ମୁଁ ଗପ ଶୁଣେ, ନାଚ ଶିଖେ,ଚିତ୍ର ଶିଖେ ? କିଏ ଏବେ ତାକୁ ପାଠ ପଢ଼ାଉଛି ?

ପ୍ରଶ୍ନ ଗୁଡିକ ମୁଣ୍ଡକୁ ଗରମ କରିଦେଲେଣି। ପାଣି ମଗଟେ ଢାଳିଦେଲା ମୁଣ୍ଡଉପରେ ଯେ, ମୁଣ୍ଡଟା ଥଣ୍ଡା ହୋଇଗଲା। ସବୁ ପ୍ରଶ୍ନର ଉତ୍ତର ବି ମିଳିଗଲା।

ଏଇତ ଦିନସାରା ବସି ଗୁଡୁ କାହାର ଗୋଟେ ଚିତ୍ର କରୁଛି। ରଙ୍ଗୀନ କାଗଜ କାଟି ସଜେଇଛି। ହେଲେ ଆସନ୍ତା କାଲି ସରପ୍ରାଇଜ ଦେବ ବୋଲି ସବୁ ଲୁଚେଇ ରଖିଛି।

ପରଦିନ ସକାଳୁ ମାଆଙ୍କର ପୂଜା ଘଣ୍ଟି ଶବ୍ଦ ଶୁଣି ଧଡ଼ କରି ଉଠିଗଲା ଗୁଡୁ। ଚୁଟ୍-କିରେ ସାରିଦେଲା ନିତ୍ୟକର୍ମ। ମାଁ ଠାରୁ ଚନ୍ଦନ ସିନ୍ଦୂର ନେଇ ଆଙ୍କିଥିବା ଫଟୋରେ ଲଗାଇଲା। ରଙ୍ଗୀନ କାଗଜରେ କରିଥିବା ଉପହାରକୁ ପାଖରେ ରଖିଲା। ହାତ ଯୋଡି ପ୍ରାର୍ଥନା କରୁଥିଲା ଗୁରୁବନ୍ଦନା।

ବନ୍ଦନା ଶୁଣି ବାପା ଖବର କାଗଜ ରଖି ଗୁଡୁର ପଢ଼ା ଘରକୁ ଗଲେ। ମୁଣ୍ଡରେ ହାତଦେଇ କହିଲେ, ଗୁଡୁ! ଏ କଣ କରୁଛୁ? ସେ କଣ ତୋର ଗୁରୁ? ଗୁଡୁ ଆଖି ଖୋଲିଲା। ହୃଦୟ ଖୋଲା ହାସଟିଏ ହସି କହିଲା ହଁ ବାପା, ଏ ବର୍ଷ ତ ମୋ ଗୁରୁ ଏ ମୋବାଇଲ।

♥ ସପ୍ତମ ଶ୍ରେଣୀ
ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

# ଗୁରୁ ଦିବସ



ବିଶ୍ୱବିଜୟୀ ଦାଶ

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।

ଭାରତୀୟ ପରମ୍ପରା ରେ 'ଗୁରୁ' ଏକ ପବିତ୍ର ଶବ୍ଦ। ଗୁରୁ.....ଯିଏ ଆମକୁ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାନ୍ତି। ଯାହାଙ୍କ ପ୍ରଦତ୍ତ ଜ୍ଞାନରେ ଆମେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିପାରୁ। କେବେ ଆକଟଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ସାଧାରଣରୁ ଅସାଧାରଣର ମୁକୁଟ ପିନ୍ଧାଏ। ପାଠ ହେଉ କି ସଙ୍ଗୀତ। ଖେଳ ହେଉ କି ନୃତ୍ୟ। ବାଦ୍ୟ ହେଉ କି ବକ୍ତୃତା, ପ୍ରତିଟି କ୍ଷେତ୍ରରେ ଗୁରୁଙ୍କର ମାର୍ଗଦର୍ଶନ କୃତୀ ପ୍ରତିଭାଙ୍କ ପାଇଁ ଆଣି ଦେଇଛି ପ୍ରସିଦ୍ଧି।ଗୁରୁ ହେଉଛନ୍ତି ସାକ୍ଷାତ ପରମବ୍ରହ୍ମ। ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଆମେ ପ୍ରତିବର୍ଷ ଗୁରୁଦିବସ ଭାବେ ପାଳନ କରିଥାଉ। ଜଣେ ଦାର୍ଶନିକ ତଥା ଜଣେ କୁଶଳୀ ରାଷ୍ଟ୍ରନୀତିଜ୍ଞ ଓ ଜଣେ ଆଦର୍ଶ ଶିକ୍ଷକ ଭାବରେ ରାଧାକ୍ରିଷ୍ଣନ ବେଶ୍ ପରଚିତ।

ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଭାରତର ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ଓ ବନ୍ଧୁମାନେ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ। ଏହାକୁ ନେଇ ସେ କହିଥିଲେ, "ତୁମେମାନେ ମୋ ଜନ୍ମଦିନ ପାଳନ କରିବା ଅପେକ୍ଷା, ଯଦି ଏହି ଦିନ ଗୁରୁମାନଙ୍କ ଦିବସ ଭାବରେ ପାଳନ କରିବ ତାହା ମୋ ପାଇଁ ସମ୍ମାନର ପରିଚୟ ହେବ।

ସେହିଦିନଠାରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଗୁରୁଦିବସ ଭାବରେ ସାରାଦେଶରେ ପାଳନ ହୋଇଆସୁଛି। ୧୮୮୮ ମସିହା ସେପଟ୍ଟେମ୍ବର ୫ ତାରିଖରେ ତାମିଲନାଡୁ ମାଡ୍ରାସର ତିରୁତ୍ତାଣି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ। ତାଙ୍କ ପିତାଙ୍କ ନାମ ଥିଲା ସର୍ବପଲ୍ଲୀ ଭୀରାସ୍ୱାମୀ ଆଉ ମାତାଙ୍କ ନାମ ଥିଲା ସର୍ବପଲ୍ଲୀ ସୀତାମା। ତାଙ୍କର ବାଲ୍ୟଜୀବନ ମୁଖ୍ୟତଃ ତିରୁତ୍ତାଣିରେ କଟିଥିଲା। ତାଙ୍କ ପିତା ସ୍ଥାନୀୟ ଜମିଦାରଙ୍କ ପାଖରେ ଅଧସ୍ତନ କର୍ମଚାରୀ ଭାବରେ କାମ କରୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା କେ.ଭି ହାଇସ୍କୁଲରେ ହୋଇଥିଲା।ଏହାପରେ ୧୮୯୬ ମସିହାରେ ସେ ତିରୁପତି ଚାଲିଆସିଥିଲେ ଓ ସେଠାରେ ନିଜର ଉଚ୍ଚଶିକ୍ଷା କରିଥିଲେ। ରାଧାକ୍ରିଷ୍ଣନ ଜଣେ ମେଧାବୀ ଛାତ୍ର ଥିଲେ। ୧୭ ବର୍ଷ ବୟସରେ ମାଡ୍ରାସର ଖ୍ରୀଷ୍ଟିୟାନ୍ କଲେଜରେ ନାମ ଲେଖାଇଥିଲେ। ସେଠାରୁ ସେ ୧୯୦୬ ମସିହାରେ ଗ୍ରାଜୁଏଟ୍ ହୋଇଥିଲେ।

ଗ୍ରାଜୁଏଟ୍ ହେବାପରେ ଅଧ୍ୟାପକ ଭାବରେ କାମ କରିଥିଲେ। ୧୯୩୧ରୁ ୧୯୩୬ ମସିହା ପର୍ଯ୍ୟନ୍ତ ସେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର କୁଳପତି ମଧ ରହିଥିଲେ। ପରବର୍ତ୍ତୀ ସମୟରେ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ରାଧାକ୍ରିଷ୍ଣନ୍? ରାଜନୀତିରେ ପ୍ରବେଶ କରିଥିଲେ। ଭାରତ ସ୍ୱାଧୀନ ହେବାପରେ ସେ ୟୁନେସ୍କୋରେ ଭାରତର ପ୍ରତିନିଧି ହୋଇଥିଲେ। ଏହାପରେ ସେ ସୋଭିଏତ୍ ସଂଘରେ ଭାରତର ଆମ୍ବାସାଡାର ନିଯୁକ୍ତ ହୋଇଥିଲେ। ୧୯୪୯ରୁ ୧୯୫୨ ମସିହା ମଧ୍ୟରେ ସେ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ମଧ ରହିଥିଲେ। ଏହାପରେ ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍?। ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ପରେ ସେ ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହୋଇଥିଲେ।

୧୯୫୪ ମସିହାରେ ରାଧାକ୍ରିଷ୍ଣନ୍ଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା। ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ଥାଏ। ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ' ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ ଜଣେ'। ଗୁରୁ ଓ ରାସ୍ତା ଏକାପରି । ସେମାନେ ଗୋଟିଏ ଜାଗାରେ ଥିବେ, କିନ୍ତୁ ଆଗକୁ ବଢିବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା। ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନଥାଏ। ଗୁରୁ ହିଁ ପ୍ରେରଣାର ଉତ୍ସ। ଯେତେବେଳେ ଆମେ ଜନ୍ମ ନେଉ, ସର୍ବପ୍ରଥମେ ଆମେ ନିଜ ପିତାମାତାଙ୍କଠାରୁ ଜୀବନର ପ୍ରାରମ୍ଭିକ ଶିକ୍ଷା ମିଳେ । ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ। ଶିଶୁଟି ଧରା ଛୁଇଁବା ପରେ ତାକୁ ତା ମାଆ କୋଳେଇ ନିଏ, ତାର ଅଳି-ଅର୍ଦ୍ଦଳି ସବୁ ସହେ। କେମିତି ଚାଲିବ, କେମିତି ଖାଇବ, କେମିତି କଥା କହିବ, କେମିତି ବସିବ ପରି ଅନେକ ଶିଷ୍ଟାଚାର କଥା, ସମାଜରେ ଅନୁରୂପ ବଞ୍ଚିବାର କଳା ଶିଖେଇଥାଆନ୍ତି ପିତା-ମାତା । ବ୍ୟବହାର, ଶୈଳୀ, ଶିଷ୍ଟାଚାର, ଭଦ୍ରାମୀ କଣ ତାହା ଉଭୟ ବାପା-ମାଆ ହିଁ ଶିଶୁଟିକୁ ଜଣାଇଥାଆନ୍ତି। ତେଣୁ ଉଭୟ ତାର ପ୍ରଥମ ଗୁରୁ। ଜଣେ ଶିକ୍ଷକଙ୍କୁ ଯେମିତି ସମ୍ମାନ ଦିଆଯାଏ, ଠିକ୍ ସେହିଭଳି ନିଜ ବାପା-ମାଆଙ୍କୁ ମଧ ସମ୍ମାନ ଦେବା ଉଚିତ୍। ଯିଏ ନିଜ ବାପା-ମାଆଙ୍କୁ ସମ୍ମାନ ଦେଇ ଜାଣେନା, ସେ କାହାକୁ ସମ୍ମାନ କରିବା ଶିଖି ପାରେନା । କାରଣ ଉଭୟ ନଥିଲେ ଜଣେ ଶିଶୁର ଭବିଷ୍ୟତ କେବେ ବି ଉତ୍ତମ ରୂପେ ଗଢା ହୋଇପାରିବ ନାହିଁ । ପିତାମାତାଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି, ସେ ହେଉଛନ୍ତି ଶିକ୍ଷା ଗୁରୁ । ଯିଏ ଆମକୁ ଶିକ୍ଷା ଦାନ କରନ୍ତି ତାଙ୍କ ସ୍ଥାନ ବି ଅପୂରଣୀୟ । ପିଲାର ସମ୍ପୂର୍ଣ୍ଣ ଭବିଷ୍ୟତ ନ୍ୟସ୍ତ ଥାଏ ଜଣେ ଶିକ୍ଷକଙ୍କ ଉପରେ ।ପିଲାଟି ଯେବେ ଖଡି ଧରିବା ଆରମ୍ଭ କରିଥାଏ, ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ। ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ। ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ନୁହେଁ। ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ। ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା।

ମୋ ଜୀବନର ପ୍ରତ୍ୟେକଟି ପାହାଚ୍ରେ ଶିକ୍ଷା ଦେଇ ଆସିଥିବା ସମସ୍ତ ଗୁରୁଙ୍କୁ ପବିତ୍ର ଗୁରୁ ଦିବସ ଉପଲକ୍ଷେ ମୋର ପ୍ରଣାମ।

♥ ଯୁବ ସ୍ତମ୍ଭକାର
ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ଶିକ୍ଷା-ଏକ ମୂଲ୍ୟବୋଧ ଭିତ୍ତିକ ଅନୁଭବ....



ଡି. ଶୁଭମ୍

ପ୍ରତିବର୍ଷ ସେପ୍ଟେମ୍ବର ୫ ଆସିଲେ ଗୁରୁ ଦିବସ କଥା ମନକୁ ଆସେ। ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କଙ୍କ କଥା ଆମକୁ ମନେପଡ଼େ। କିନ୍ତୁ ଏବେ ସମୟ ଆସି ଏମିତି ସ୍ଥାନରେ ପହଁଚିଲାଣି କେତେବେଳ ମାଂସର ଆସର ଜମିବ ସେକଥା ପିଲାମାନେ ଚିନ୍ତା କରୁଛନ୍ତି। ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢ଼ି ମାର୍ଜିତ ବ୍ୟବହାର ବଳରେ ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଲେ ତାହା ହିଁ ଗୁରୁ ଦିବସରରେ ଗୁରୁଙ୍କ ପାଇଁ ଶ୍ରେଷ୍ଠ ଉପହାର । ଆମ ଭିତରେ ମାନବିକ ମୂଲ୍ୟବୋଧର ବିକାଶ କରିବାକୁ ହେବ। କଥା କଥାରେ ଉତ୍ତେଜିତ ନହୋଇ କ୍ରୋଧାନ୍ୱିତ ନହୋଇ ବରଂ ଶାନ୍ତ ଓ ସରଳ ଭାବରେ ଗୁରୁଙ୍କ କଥାକୁ କାର୍ଯ୍ୟରେ ଲଗାଇଲେ ବୋଧ ହୁଏ ଆମର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। କେବଳ ଯେ କ୍ଲାସରୁମର ଶିକ୍ଷକ ହିଁ ଆମର ଗୁରୁ ତାହା ଭାବିବା ଭୁଲ୍। ଆମେ ଯାହା ଠୁ କିଛି ନୂଆ ଜିନିଷ ଜାଣୁ ଯାହା କି ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକ, ସେ ଆମର ଗୁରୁ। ଜମିରେ କୃଷକଟିଏ ଆମକୁ ରୋଇବା ଶିଖେଇବା ହେଉ କି ସାର ବୁଣିବା ଶିଖେଇଲେ ସେ ଚାଷୀ ବି ଆମ ପାଇଁ ଗୁରୁ। ଆମ ଭିତରେ ସେ ମାନସିକତାକୁ ଆଣିବାକୁ ହେବ। ଏ ଶିକ୍ଷା ଆମ ମାନବିକ ମୂଲ୍ୟବୋଧର ପରିମାପକ ହେଉ, ଏହା ଗୁରୁ ଦିବସର ଧ୍ୟେୟ ବାକ୍ୟ ହେବା ଆବଶ୍ୟକ।

ଗୁରୁ ଓ ଶିକ୍ଷା ଏ ଦୁଇଟା ଶବ୍ଦ ସହ ପ୍ରାୟ ସମସ୍ତେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ମଣିଷ ଛୋଟରୁ ବଡ଼ ହେବା ସମୟର ପ୍ରତ୍ୟେକଟି ସୋପାନରେ କାହାଠୁ କିଛି ନା କିଛି ଶିଖେ। ଯାହା ଠାରୁ କିଛି ଆମେ ଶିଖୁ ଆଉ ସେ ଶିକ୍ଷାକୁ ଜୀବନରେ ଉପଯୋଗ କରୁ , ସେ ଆମର ଗୁରୁ। ଗୁରୁର କୌଣସି ସଂଜ୍ଞା ନଥାଏ। ଗୁରୁ ନିଜେ ନିଜର ପରିଚୟ। ତାଙ୍କ ପରିଚିତି ପାଇଁ କୌଣସି ଅଳଙ୍କାର ବା ସାବଲୀଳ ଭାଷାର ଆବଶ୍ୟକତା ଦରକାର ପଡ଼େନି। ବରଂ ଯଦି ଆମେ ଗୁରୁଙ୍କ ବାଣୀକୁ, ଗୁରୁଙ୍କ ଉପଦେଶକୁ ନିଜ ଜୀବନରେ ବିନିଯୋଗ କରି ଆମେ ଆଗକୁ ବଢ଼ିପାରିଲେ, ତାହା ହିଁ ଗୁରୁଙ୍କ ପାଇଁ ଶ୍ରେଷ୍ଠ ଉପହାର ହୋଇପାରିବ। ସେତେବେଳର ଏକଲବ୍ୟ, ଆରୁଣିଙ୍କ ପରି ଶିଷ୍ୟ ଏବେ ଆମ ନଜରରେ ଶହେରୁ ଜଣେ ଥିବେ କି ନାହିଁ ସନ୍ଦେହ। ଶ୍ରେଣୀଗୃହର ଶିକ୍ଷା ସରିଲା ପରେ ସେହି ପିଲା ସେହି ଗୁରୁଙ୍କୁ ବଜାରରେ ଦୁର୍ବ୍ୟବହାର କରୁଛନ୍ତି। ଏସବୁ ମାନବିକ ମୂଲ୍ୟବୋଧର ଅଭାବ ପାଇଁ ଘଟୁଛି। ମଣିଷ ଯେତେ ପାଠ ପଢୁ, ଯେତେ ଟଙ୍କା ରୋଜଗାର କରୁ, ଯଦି ଅଚାରବିଚାର ବ୍ୟବହାରରେ ପରିବର୍ତ୍ତନ ନଆସିଲା, ସେ ପାଠପଢାର ମୂଲ୍ୟ କ'ଣ ? ଟଙ୍କାସର୍ବସ୍ୱ ପାଠପଢ଼ାର ମୂଲ୍ୟ ଟଙ୍କା ଆସିବା ସରିଗଲେ ବନ୍ଦ ହୋଇଯାଏ। କିନ୍ତୁ ବ୍ୟବହାର ଆଉ ମୂଲ୍ୟବୋଧ ଜଣେ ବ୍ୟକ୍ତିକୁ ତା ବ୍ୟକ୍ତିତ୍ୱର ଅନୁଭବ କରାଏ।

କୁହାଯାଏ ଶିକ୍ଷା - ଅମାନିଆ ମନର ମୋହ ଭାଙ୍ଗେ, ସଂକୁଚିତ ମନର ପ୍ରାଚୀରକୁ ଭାଙ୍ଗି ଏକ ବୃହତ୍ତର ପରିବେଶ ଯୋଗାଇଦିଏ। ହୃଦୟର ସକଳ ଦ୍ୱାରର ଉନ୍ମୋଚନ କରିଦିଏ, ବଞ୍ଚିବାର ରାହା ଯୋଗାଏ, ମାନବିକ ମୂଲ୍ୟବୋଧର ଆଦର୍ଶରେ ଉଦୀୟମାନ କରେ ଆଉ ଯିଏ ଅଳ୍ପଭିତରୁ ବହୁତକୁ ବାଟ ଦେଖାଏ। ଶିକ୍ଷା ମଣିଷକୁ ଆଗକୁ ଯିବାପାଇଁ ପ୍ରେରଣା ଦିଏ। ଅନ୍ଧାରରୁ ଆଲୋକକୁ ବାଟ ଦେଖାଏ। ମାୟା ମୋହର ଯାବତୀୟ ବନ୍ଧନର ଦ୍ୱାରକୁ ଭାଙ୍ଗି ଏକ ନୂତନତାର ସ୍ୱର୍ଶ ଦେଖାଏ। ସା ବିଦ୍ୟା ଯା ବିମୁକ୍ତୟେ - ଅର୍ଥାତ ବିଦ୍ୟା ତାହା ଯିଏ ମୁକ୍ତି ପ୍ରଦାନ କରେ। ତେବେ ଶିକ୍ଷା ସମ୍ବନ୍ଧରେ ଏତେକଥା ଜାଣିଲା ପରେ ମଧ୍ୟ ଏହାର ଗୁରୁତ୍ୱକୁ କେହି ଉପଲବ୍ଧ କରି ପାରିନାହାନ୍ତି। ପାଠ ପଢି ପାସ କରିଦେଲେ ଯେ ଶିକ୍ଷାର ଅବଧି ସମାପ୍ତ ହୋଇଯାଏ, ଏହା ଏବେବି ଅନେକଙ୍କ ମନର କଳ୍ପନା ଭାବେ ବସା ବାନ୍ଧିଛି। କ୍ଷୁଦ୍ରତାର ମୋହକୁ ପରିତ୍ୟାଗ କରିବାର ଅର୍ଥ ମଧ ଏବେ ଅନେକ ବୁଝିପାରନ୍ତିନି।

ଏକବିଂଶ ଶତାବ୍ଦୀର ପାଦଦେଶରେ ଆଜିର ମନୁଷ୍ୟ ସମାଜ। କଥାରେ ଅଛି ଅଳ୍ପବିଦ୍ୟା ଭୟଙ୍କରୀ ସତରେ ସେହି ଅଳ୍ପ ବିଦ୍ୟା ଭିତରେ କେବେ ଦିବ୍ୟ ସନ୍ତୋଷକୁ ଦେଖିହୁଏନାହିଁ । ନା ଥାଏ ଶ୍ରଦ୍ଧା, ନା ଥାଏ କିଛି ଜାଣିବାର ଅଦମ୍ୟ ଇଚ୍ଛା । କହିବାର ତାତ୍ପର୍ଯ୍ୟ ଏହା କି ଆଜିର ସମାଜରେ ଶିକ୍ଷାକୁ ଗୁରୁତର ସହ ନିଆଯାଉନାହିଁ । ପରୀକ୍ଷାରେ ପାସ କରି ଡିଗ୍ରୀ ହାସଲ କରିଦେଲେ ଶିକ୍ଷାର ଅନ୍ତ ଘଟିଲାପରି ମନେହୁଏ । ଆଜିର ଶିକ୍ଷା ବ୍ୟବସ୍ଥା ମଣିଷକୁ ଅମଣିଷରେ ରୂପାନ୍ତରିତ କରିଛି । ତେଣୁ ଶିକ୍ଷିତ ସମାଜ ଦେଶ ଜାତି ପ୍ରତି ତାର କର୍ତ୍ତବ୍ୟ ଭୁଲିଯାଉଛି । ଧର୍ମ ନିରପେକ୍ଷ ରାଷ୍ଟ୍ରର ନାଗରିକ ହୋଇ ଧର୍ମାନ୍ଧତାର ଭାଷଣ ଦେଉଛି । ନକ୍ସଲବାଦ ଓ ମାଓବାଦଙ୍କ ହାତବାରିସୀ ସାଜି ଗୋଷ୍ଠୀ କନ୍ଦଳରେ ଲିପ୍ତ ହେବା ସହିତ ତାଙ୍କ ଲୋଭରେ ବେକ କାଟିବାକୁ ମଧ ପଛାଉନାହିଁ ।

ଏବର ଶିକ୍ଷା ସମାଜ ପାଇଁ ଏକ ସ୍ୱାର୍ଥକୈନ୍ଦ୍ରିକ ଶ୍ରେଣୀ ସୃଷ୍ଟି କରୁଛି। ସ୍ୱାର୍ଥ ସାଧନା ପାଇଁ ବ୍ୟସ୍ତ ରହୁଥିବା ଯୁବ ସମାଜ ଆଜି ପରିବାର ସହ ମଧ ସମ୍ପର୍କ ଛିନ୍ନ କରୁଛି। ନିଜର କୁତ୍ସିତ କାମନା କୁ ଚରିତାର୍ଥ କରିବା ପାଇଁ ଲାଞ୍ଚ ମିଛ ଓ କଳାବଜାରୀ କାମରେ ଲିପ୍ତ ଆଜିର ଯୁବ ସମାଜ। ଏସବୁ ଭିତରେ ଆଉ ଗୋଟେ କଥା ଆସେ ମାନବିକ ମୂଲ୍ୟବୋଧ। ସେ ପୁଣି କ'ଣ ? ମାନବିକ ମୂଲ୍ୟବୋଧ ଶିକ୍ଷାର ଏକ ସମନ୍ୱୟ ଅଂଶ। ଗୋଟିଏ ବିନା ଆଉ ଗୋଟେ ଅସହାୟ। ମୂଲ୍ୟବୋଧ ସଦାବେଳେ ବିବେକର ସକଳ ଦ୍ୱାରକୁ ଉନ୍ମୋଚନ କରି ଏକ ଯତାର୍ଥ ମାନବିକତାର ସ୍ୱପ୍ନ ଦେଖାଇଥାଏ। ଶିକ୍ଷା ସହ ମୂଲ୍ୟବୋଧର ସମନ୍ୱୟ ସତରେ ନିଆରା। ହେଲେ ଆଜି ସେ ସାମାଜିକ କର୍ତ୍ତବ୍ୟ ବୋଧ, ନୈତିକତା ସବୁ ଚୂଲିମୁଣ୍ଡକୁ ଗଲାଣି। ମୂଲ୍ୟବୋଧର ଅର୍ଥ ଆଜିବି କେହି ବୁଝିନଥିବେ। ଯିଏ ବିଶ୍ୱଭାତୃତ୍ୱକୁ ସମ୍ମାନ ଦିଏ, ବସୁଧୈବ କୁଟୁମ୍ବକମର ବାର୍ତ୍ତା ଗାଇଉଠେ। ଆଜି ସେ ନୈତିକ ମୂଲ୍ୟବୋଧ ନଷ୍ଟ ପ୍ରାୟ। ଏପରିସ୍ଥଳେ ଶିକ୍ଷା ପଦ୍ଧତିରେ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାର ସମନ୍ୱୟ ଘଟିଲେ ଯୁବସମାଜ ସାତମାର୍ଗରେ ପରିଚାଳିତ ହେବାସହିତ ଦେଶର ସ୍ଥିତି ଗୌରବ ଫେରାଇ ଆଣିବାକୁ ସାମର୍ଥ୍ୟ ହୋଇପାରିବ। ଏହି ଲକ୍ଷ ପାଇଁ ଏକ ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ମନୋଭାବ ପରୋପକାର ସେବା ତ୍ୟାଗ କର୍ତ୍ତବ୍ୟନିଷ୍ଠା ଭଳି ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଏକାନ୍ତ ଅପରିହାର୍ଯ୍ୟ।

♥ ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର, ଭଦ୍ରକ
ମୋ- ୯୪୩୮୪୬୭୦୭୯

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅର୍ଥନୈତିକ ଅଭିବୃଦ୍ଧି...

ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରେ ସରକାରଙ୍କ ପାଇଁ ନିକଟରେ ପ୍ରକାଶିତ ଏପ୍ରିଲରୁ ଜୁନ୍ ତ୍ରୈମାସିକ ଅବଧିରେ ଏହା ବୃଦ୍ଧି ପାଇଛି ୧୩.୫ ପ୍ରତିଶତକୁ ଅର୍ଥାତ୍ ୩୬.୮୫ ଲକ୍ଷ କୋଟି ଟଙ୍କାକୁ। ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହି ତିନି ମାସରେ ଅଭିବୃଦ୍ଧି ୧୬.୨ ପ୍ରତିଶତ ହେବ ବୋଲି ଯେଉଁ ଭବିଷ୍ୟବାଣୀ କରିଥିଲା, ଏହା ତା'ଠାରୁ ୨୭ ପ୍ରତିଶତ ପଏଣ୍ଟ କମ୍ ଅଭିବୃଦ୍ଧି ହାରରେ ଯେଉଁ ହ୍ରାସ ଦେଖିବାକୁ ମିଳିଛି, ତା'ର ଏକ ଛୋଟ ଅଂଶ ପୂର୍ବ ବର୍ଷର ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯିବା କାରଣରୁ ହୋଇଛି ବୋଲି କୁହାଯାଇପାରେ । ତଥାପି ଏହାଦର୍ଶାଇଛି ଯେ ଦେଶର ଅର୍ଥନୀତି ଏବେ ବି ଦୃଢ଼ ଭାବରେ ପାଦ ଥାପିବା ପାଇଁ ଶକ୍ତ ମାଟିର ସନ୍ଧାନରେ ରହିଛି । ଏହି ଅଭିବୃଦ୍ଧି ହାରରୁ ନିଆଯାଇ ପାରିବା ଭଳି ତିନିଗୋଟି ପ୍ରମୁଖ ଉପାଦାନ ହେଉଛି- ଉତ୍ପାଦନ କ୍ଷେତ୍ରରେ କେବଳ ସମ୍ପର୍କ ସ୍ଥାପନ କରିବା ଭଳି ହୋଟେଲ ଏବଂ ବାଣିଜ୍ୟ ବ୍ୟବସାୟକୁ ବାଦ୍ ଦେଲେ ସବୁ ଉଦ୍ୟୋଗ ପ୍ରାକ୍-ମହାମାରୀ ସ୍ତରକୁ ଅତିକ୍ରମ କରିଛନ୍ତି, ଯାହାର ପରିଣତିରେ ଜିଡିପି ମଧ୍ୟ ପ୍ରାକ୍-ମହାମାରୀ ସ୍ତରଠାରୁ ଉର୍ଦ୍ଧ୍ୱରେ ରହିଛି । କୋଭିଡ୍-୧୯ ମହାମାରୀ ଅର୍ଥନୀତି ପ୍ରତି ଭୀଷଣ ଆଘାତ ପହଞ୍ଚାଇ ଥିଲା, ଯେଉଁଥିରୁ ଏହା ଏବେ ମୁକୁଳି ପାରିଛି, କିନ୍ତୁ ନିବିଡ଼ ସମ୍ପର୍କ ସ୍ଥାପନ ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକରେ ପୁନରୁଦ୍ଧାର ଏବେ ସୁଦ୍ଧା ପଛରେ ପଡ଼ିଛି । ବିନିର୍ମାଣ କ୍ଷେତ୍ରରେ ମାତ୍ର ୪.୮ ପ୍ରତିଶତ ବୃଦ୍ଧି ଘଟିଛି । ଏହା ନିରୁତ୍ସାହଜନକ ଏବଂ ଏହାର ସମ୍ଭାବ୍ୟ କାରଣ ଭାବରେ ଗ୍ରହଣ କରାଯାଇପାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ, ଯାହା ସମଗ୍ର ବିଶ୍ୱରେ ଅର୍ଥନୀତିକ ଗତିଶୀଳତା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ଆଉ ଏସବୁ ଅର୍ଥନୀତିକୁ ଗୋଟିଏ ପଟେ ଅଭିବୃଦ୍ଧି କ୍ଷେତ୍ରରେ ଅଧିକ ନିମ୍ନଗାମୀ କରାଇବାର ସମ୍ଭାବନା ବହନ କରୁଥିବା ବେଳେ ଅନ୍ୟ ପକ୍ଷରେ ଗ୍ରହଣୀୟଠାରୁ ଅଧିକ ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଥିବା ମୁଦ୍ରାସ୍ଫୀତି ଖାଉଟିମାନଙ୍କ ଭରସାକୁ କମାଇ ଚାଲିଛି । ଜିଡିପି ତଥ୍ୟର ଏକ ସମ୍ଭାବନାପୂର୍ଣ୍ଣ ଉଜ୍ଜ୍ୱଳତମ ବିନ୍ଦୁ ହେଉଛି ଘରୋଇ ଉପଭୋଗ ବା କଞ୍ଜମରସନ୍ ଯାହା ଏପ୍ରିଲରୁ ଜୁନ୍ ତ୍ରୈମାସିକ ଅବରେ ୨୨.୦୭ ଲକ୍ଷ କୋଟି ଟଙ୍କା ହୋଇଥିବାକୁ ଦର୍ଶାଇଛି । ଏହା ପ୍ରାକ୍ ମହାମାରୀ କାଳରେ ସମାନ ତ୍ରୈମାସିକୀରେ ରେକର୍ଡ କରାଯାଇଥିବା ପରିମାଣଠାରୁ ଢେର୍ ଅଧିକ । କିନ୍ତୁ ଅନୁକ୍ରମିକ ଭାବରେ ଦେଖାଗଲେ ଏହା ତା'ର ପୂର୍ବ ତ୍ରୈମାସିକୀ ଅପେକ୍ଷା ୨.୪ ପ୍ରତିଶତ କମ୍ । ଆଉ ଉଭୟ ସରକାରୀ ବ୍ୟୟ ଓ ମୋଟ ସ୍ଥାୟୀ ଆର୍ଥିକ ଗଠନ, ଯାହାକୁ ଘରୋଇ ପୁଞ୍ଜିନିବେଶ ପାଇଁ ଏକ ଛାୟାରୂପ ଭାବରେ ଦେଖା ଯାଇଥାଏ, ତାହା ତ୍ରୈମାସିକ ପରେ ତ୍ରୈମାସିକରେ ସଂକୁଚିତ ହୋଇ ଯଥାକ୍ରମେ ୧୦.୪ ଏବଂ ୬.୮ ପ୍ରତିଶତରେ ପହଞ୍ଚି ସାମଗ୍ରିକ ଉତ୍ପାଦନର ହାର ସ୍ୱଳ୍ପ ହୋଇଥିବା ଦର୍ଶାଇଛି । ତେବେ ଏଥିପାଇଁ କେତେକ ପ୍ରତିକୂଳ ଉପାଦାନ କାର୍ଯ୍ୟ କରିବାକୁ ମଧ୍ୟ ଗ୍ରହଣ କରାଯାଇପାରେ, ଯେପରି ଅଶୋଧିତ ତୈଳର ଦରରେ ବୃଦ୍ଧି ପାଇବା । ଭାରତର ଅଶୋଧିତ ତୈଳ କ୍ରୟ କରିବା ବିଗତ କେତେ ସପ୍ତାହ ଭିତରେ ୧୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି ଯାହାର ମୂଲ୍ୟ ଅଗଷ୍ଟ ୩୦ ତାରିଖରେ ବ୍ୟାରେଲ ପିଛା ୧୦୨ ଡଲାର ଥିଲା । ଜିଡିପି ଅନୁକ୍ରମିକ । ଭାବରେ ବସ୍ତୁତଃ ୯.୬ ପ୍ରତିଶତ ହ୍ରାସ ପାଇବା ନୀତି ନିର୍ଦ୍ଧାରକମାନଙ୍କ ନିମନ୍ତେ ଏକ ଚିନ୍ତାର କାରଣ ହେବା ସ୍ୱାଭାବିକ । ବର୍ତ୍ତମାନ ମୌସୁମୀ ଋତୁ ଚାଲିଥିଲେ ସୁଦ୍ଧା ଚଳିତ ବର୍ଷ ମୌସୁମୀର ଗତି ଅତ୍ୟନ୍ତ ଚିନ୍ତାଜନକ ହୋଇଛି । ଚଳିତ ବର୍ଷ ଏହା ଦେଶରେ ବିକ୍ଷିପ୍ତ ଭାବରେ ବର୍ଷା କରାଇ ଥିବା ବେଳେ କେତେକ ଭାଗରେ ଅତି ଭୀଷଣ ବର୍ଷା କରାଇ ଜଳ ପ୍ରଳୟ ଭଳି ସ୍ଥିତି ସୃଷ୍ଟି କରାଇଛି । ପରିଣତିରେ ସେହିସବୁ ଅଞ୍ଚଳରେ ଖରିଫ ଫସଲର ବ୍ୟାପକ କ୍ଷୟକ୍ଷତି ଘଟିବା ସହିତ ଲୋକମାନଙ୍କ ବାସଗୃହ ମଧ୍ୟ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି । ଅପର ପକ୍ଷରେ ଉତ୍ତର ଏବଂ ପୂର୍ବ ଭାରତରେ ପ୍ରମୁଖ ଫସଲ ଭାବରେ ଧାନ ଏବଂ ଡାଲିଜାତୀୟ ଫସଲ ପାଇଁ ଆବଶ୍ୟକୀୟ ଆର୍ଦ୍ରତାର ଅଭାବ ଏସବୁର ଆଶାନୁରୂପ ଉତ୍ପାଦନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିବା ଆପାତତଃ ଜଣା ପଡୁଛି । ଏହାଦ୍ୱାରା ଦେଶର ଗ୍ରାମାଞ୍ଚଳ ଓ ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ଉଭୟ କୃଷି କ୍ଷେତ୍ରର ଉତ୍ପାଦନ ଓ ଖାଉଟିମାନଙ୍କ ବ୍ୟୟ ପ୍ରତିକୂଳ ଭାବରେ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଗୋଟିଏ ପଟେ ବିଶ୍ୱର ଉନ୍ନତ ଅର୍ଥନୀତିଗୁଡ଼ିକରେ ମାନ୍ଦାବସ୍ଥା ବଜାୟ ରହିଥିବା କାରଣରୁ ବିଶ୍ୱସ୍ତରୀୟ ବାଣିଜ୍ୟ ବ୍ୟବସାୟ ଏକ ପ୍ରକାର ସ୍ଥିର ଅବସ୍ଥାକୁ ପରିଲକ୍ଷିତ କରୁଥିବା ବେଳେ ଦେଶର ବାଣିଜ୍ୟିକ କାରବାର ଅଧିକ ଦୁର୍ବଳ ହେବା ଆଶା କରାଯାଉଛି । ଏଭଳି ପରିପ୍ରେକ୍ଷୀରେ ତେଣୁ ଆରବିଆଇ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଉପରେ ଧାନ କେନ୍ଦ୍ରିତ କରିବା ସହିତ ଦେଶର ଆର୍ଥିକ କର୍ତ୍ତୃପକ୍ଷମାନେ ଘରୋଇ ଉପଭୋଗ ଏବଂ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଯୋଗାଇବା ଭଳି ପଦକ୍ଷେପମାନ ନେବାର ଆବଶ୍ୟକତା ରହିଛି ।

# ପରମ୍ପରାରେ ଗୁରୁ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



ଡକ୍ଟର ଲକ୍ଷ୍ମଣ ସାହୁ

'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର/ ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ'।

ଭାରତୀୟ ପରମ୍ପରାରେ 'ଗୁରୁ' ଏକ ପରମ ପବିତ୍ର ଶବ୍ଦ । ଗୁରୁ, ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାଇଥାନ୍ତି । ଯାହାଙ୍କ ପ୍ରଦତ୍ତ ଜ୍ଞାନର ଦାନରେ ସାଧାରଣ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିବାରେ ସହଜ ହୁଏ । କେବେ କେବେ ତାଙ୍କର ଆକଟଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ସାଧାରଣରୁ ଅସାଧାରଣର ମୁକୁଟ ପିନ୍ଧାଏ । ଶିକ୍ଷା କ୍ଷେତ୍ରରେ ପାଠ ହେଉ କି ସଙ୍ଗୀତ, ଖେଳ ହେଉ କି ନୃତ୍ୟ, ବାଦ୍ୟ ହେଉ କି ବକ୍ତୃତା, ପ୍ରତିଟି କ୍ଷେତ୍ରରେ ତାଙ୍କର ମାର୍ଗଦର୍ଶନ କୃତୀ ପ୍ରତିଭାଙ୍କ ପାଇଁ ଆଣି ଦିଏ ଅଜସ୍ର ଖ୍ୟାତି, ଯଶ, ପ୍ରସିଦ୍ଧି । ସେ ହେଉଛନ୍ତି ସାକ୍ଷାତ ପରମବ୍ରହ୍ମ । ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିରୁ କୁହାଯାଇଛି, ଯେପରି କ୍ଷୀର ବିନା ଗାଈ, ଫୁଲବିନା ଲତା, ଚରିତ୍ର ବିନା ସ୍ତ୍ରୀ, ପଦ୍ମବିନା ଜଳ, ଶାନ୍ତି ବିନା ବିଦ୍ୟା, ଅଧିବାସୀ ବିନା ନଗର ଶୋଭାପାଏ ନାହିଁ, ସେହିପରି ଗୁରୁ ବିନା ଶିଷ୍ୟର କୌଣସି ସ୍ଥିତି ନାହିଁ ।

ଗୁରୁଙ୍କ ସାନ୍ନିଧ ବିନା କେବେ ଗୁଣବାନ, ତତ୍ତ୍ୱଦର୍ଶୀ, ନିଖୁଣ କର୍ମକାରୀ, ଅଭିଜ୍ଞ ଏପରିକି ପବିତ୍ର ହୋଇପାରିବ ନାହିଁ । ଭଗବାନ ଶ୍ରୀକୃଷ୍ଣ ଷୋହଳ କଳା ନେଇ ଜନ୍ମ ହୋଇଥିଲେ ମଧ ତାଙ୍କୁ ଗୁରୁ କରିବାକୁ ପଡ଼ିଥିଲା । ମହାନ୍ ଶିଖ୍ ଧର୍ମଗୁରୁ ଅମର ଦାସ ଗୁରୁ କରିନଥିଲେ ବୋଲି, ଆତିଥ୍ୟ ପ୍ରଦାନର ପୁଣ୍ୟ କରିବାକୁ ତାଙ୍କୁ ସୁଯୋଗ ମିଳିନଥିଲା। ତାଙ୍କ ଗୃହକୁ ଆସିଥିବା ଆଗନ୍ତୁକ ତାଙ୍କୁ କହିଥିଲେ, 'ପ୍ରଥମେ ଯାଆନ୍ତୁ ଗୁରୁ କରି ନିଜ ଦେହମନକୁ ପବିତ୍ର କରିବେ, ତା'ପରେ ଆତିଥ୍ୟ ପ୍ରଦାନ କରି ପୁଣ୍ୟ ଅର୍ଜିବେ ।' ସେଦିନ ଆଗନ୍ତୁକ ଧର୍ମଗୁରୁ ଅମର ଦାସଙ୍କ ଆତିଥ୍ୟ ପ୍ରତ୍ୟାଖ୍ୟାନ କରି ଫେରିଯାଇଥିଲେ ।

ଭାରତୀୟ ପରମ୍ପରାରେ ଗୁରୁଙ୍କର ଶିଷ୍ୟକୁ ଶିକ୍ଷାରୂପକ ମହାଦାନ ପ୍ରଦାନ କରୁଥିବାରୁ, ତାଙ୍କୁ ଈଶ୍ୱରଙ୍କ ସହ ତୁଳନା କରାଯାଏ ଏବଂ ପୂଜା କରାଯାଏ । ଭାରତୀୟ ସଂସ୍କୃତିରେ ଏହି ଗୁରୁ ପୂଜନର ପରମ୍ପରା ବହୁ ପ୍ରାଚୀନ । ସବୁଦିନ ପ୍ରତ୍ୟେକ କିଛି ନା କିଛି ଶିକ୍ଷା ଲାଭ କରିଥାଏ । ତେଣୁ ପ୍ରତ୍ୟେକ ଦିନ ପାଇଁ ଗୁରୁଙ୍କର ଦିନ । ମାତ୍ର ଗୁରୁଙ୍କର ସମ୍ମାନାର୍ଥେ ଦୁଇଟି ସମ୍ପୂର୍ଣ୍ଣ ଦିନ ପ୍ରଦାନ କରିବା ଆମ ଭାରତୀୟ ସଂସ୍କୃତିର ବଳିଷ୍ଠତାକୁ ପ୍ରମାଣ କରେ । ଆଦିଗୁରୁ ମହର୍ଷି ବ୍ୟାସଙ୍କ ଜନ୍ମତିଥିକୁ 'ଗୁରୁପୂର୍ଣ୍ଣିମା' ଭାବରେ ପାଳନ କରାଯାଏ । ଏହାକୁ ବ୍ୟାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ବେଦ ପରି ବୃହତ୍ ଗ୍ରନ୍ଥକୁ ସେ ଋକବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ ଏହିପରି ଚାରୋଟି ଭାଗ (ବ୍ୟାସ) କରିଥିବାରୁ ତାଙ୍କୁ ବେଦବ୍ୟାସ ରୂପେ ନାମିତ କରାଯାଇଛି । ଆଷାଢ଼ ମାସ ପୂର୍ଣ୍ଣିମା ଦିନ ଏହା ପଡ଼ିଥାଏ । ବେଦ, ବେଦାନ୍ତ, ଗୀତା ଓ ଉପନିଷଦର ଭାଷ୍ୟକାର ତଥା ମହାକାବ୍ୟ ଯୁଗର ମହାଭାରତ, ଅଷ୍ଟାଦଶ ପୁରାଣ, ଶ୍ରୀମଦ୍ ଭାଗବତ, ବ୍ରହ୍ମସୂତ୍ର, ମୀମାଂସା ପ୍ରଭୃତିର ପ୍ରଣେତା ମହର୍ଷି ବ୍ୟାସଦେବଙ୍କ ଜନ୍ମତିଥି । ସେ ମଧ ବେଦାନ୍ତ ଦର୍ଶନ ଏବଂ ଅଦ୍ୱୈତବାଦର ସଂସ୍ଥାପକ । ତାଙ୍କୁ ବ୍ରହ୍ମା ବା ବିଷ୍ଣୁଙ୍କର ଅବତାର ବୋଲି ବିଶ୍ୱାସ ରହିଛି । ସେହି ଗୁରୁକୁଳ ପରମ୍ପରା ଅନୁସାରେ- ଗୁରୁମାନେ ତାଙ୍କ ଶିଷ୍ୟମାନଙ୍କୁ ଅନ୍ଧକାରରୁ ଜ୍ଞାନର ଆଲୋକ ପ୍ରଦର୍ଶନ କରିଥାନ୍ତି । ତେଣୁ ଶାସ୍ତ୍ରରେ କୁହାଯାଇଛି - 'ଗୃଳାରୋଦ୍ଧନ୍ଦରାରସ୍ତୁ ରୁ କାରସ୍ତ ନିବର୍ତ୍ତକଃ।


ଅନ୍ଧକାର ନିବୃତ୍ୟାତୁ ଗୁରୁତିତ୍ୟରି ଧୀୟତେ ।'

'ଗୁ' କହିଲେ ଅନ୍ଧାର ଏବଂ 'ରୁ'ର ଅର୍ଥ ଅଜ୍ଞାନ। ଅର୍ଥାତ୍ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଆଲୋକ ପ୍ରଦର୍ଶନ କରନ୍ତି । ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି। ଗୁରୁ ଅର୍ଥରେ ସେ ମହାମହିମ। ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଗୁରୁଙ୍କର ମହତ୍ତ୍ୱ ଅକଳ୍ପନୀୟ, ସମୁଦ୍ର ଭଳି ଗଭୀର ଓ ଆକାଶ ଭଳି ପରିବ୍ୟାପ୍ତ । ଯାହାଙ୍କର କୌଣସି କଳନା ନାହିଁ । ଗୁରୁଙ୍କ ସାନ୍ନିଧ ଓ ଶିକ୍ଷା ଦ୍ୱାରା ଜଣେ ସାଧାରଣରୁ ନିଖୁଣ ହୋଇପାରେ । ପିତାଗୁରୁ, ମାତାଗୁରୁ, ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କଠାରୁ ଚଳଣି, ଶିକ୍ଷାଗୁରୁଙ୍କ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ ଠାରୁ ବିଦ୍ୟା, ଦୀକ୍ଷାଗୁରୁଙ୍କ ଠାରୁ ସିଦ୍ଧି ପ୍ରାପ୍ତ ହେଲେ ବି; ଜଣେ ମାଟି, ଜଳ, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ବୃକ୍ଷ, ଜୀବଜଗତଙ୍କଠାରୁ ଅନେକ କିଛି ଶିଖେ । ନିଜେ କଟେଇଥିବା ସମୟଠାରୁ ଅଭିଜ୍ଞତା ଗ୍ରହଣ କରିବି ଜଣେ ଏହି ସଂସାର ପଥ ଅତିକ୍ରମ କରିବାକୁ ଶିକ୍ଷାଲାଭ କରେ । ଏଣୁ ସାମଗ୍ରିକ ଦୃଷ୍ଟିରୁ ଗୁରୁଶବ୍ଦର ଏକ ମହାବ୍ୟାପ୍ତିତାକୁ ଅନୁଭବ କରି ହୁଏ । ତେଣୁ ଶାସ୍ତ୍ର ମତରେ ଗୁରୁ ସର୍ବବ୍ୟାପ୍ତି, ସର୍ବ ଶକ୍ତିମାନ ଓ ସର୍ବ ଜ୍ଞାତ୍ୱା ର ଆଧାର । ପ୍ରାକୃତିକ ଶକ୍ତିର ଗୁଣ ତାଙ୍କ ଭିତରେ ସମାହିତ । ଏଣୁ ଦର୍ଶାଇ ଦିଆଯାଇଛି- 'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ / ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ' ।

ସାଂପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ପ୍ରତ୍ୟେକ ମୁହୂର୍ତ୍ତରେ ରହିଛି । ଶିକ୍ଷା ବିନା ମାନବ ଜୀବନ ନିରର୍ଥକ ପାଲଟି ଯାଏ, ଦେଶର ବିକାଶ ଘଟିପାରେ ନାହିଁ । ତେଣୁ ଶିକ୍ଷା ପ୍ରଦାନ କରୁଥିବା ଗୁରୁଙ୍କର ମହତ୍ତ୍ୱ ସେହିପରି ସବୁ ସମୟରେ ଅଛି । ଆଜିର ସମୟକୁ ବି ଦେଖିଲେ ଯିଏ ଯେଉଁକ୍ଷେତ୍ରରେ ବି ଯାଉ, ସେହି କ୍ଷେତ୍ରରେ ପାରଙ୍ଗମ ହେବା ପାଇଁ ଜଣେ ସଦ୍ ଗୁରୁ, ବା ଶିକ୍ଷକ ବା ପରାମର୍ଶଦାତା ବା କୋଚ୍ ବା ମେଣ୍ଟରଙ୍କର ନିହାତି ଆବଶ୍ୟକତା ରହିଛି । ତାଙ୍କର ଅବର୍ତ୍ତମାନରେ କୌଣସି ପ୍ରକାର ଆଗକୁ ଆଗେଇବା ସମ୍ଭବ ନୁହେଁ । ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାହିଁ ଅନୁଭବ କରିଥିଲେ । ତେଣୁ ଗୁରୁଦିବସ ବା ଶିକ୍ଷକ ଦିବସ ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଏହା ଏକ ବିଶେଷ ଦିବସ । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବା ସମ୍ପ୍ରଦାୟରେ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ମାନ ଦେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥାଏ ।

ଊନବିଂଶ ଶତାବ୍ଦୀରେ ଅନେକ ଦେଶରେ ଶିକ୍ଷକ ଦିବସ ପାଳନ କରିବାର ଧାରଣା ଆରମ୍ଭ ହୋଇଥିଲା । କହିବାକୁ ଗଲେ ଅଧିକାଂଶ କ୍ଷେତ୍ରରେ ଜଣେ ସ୍ଥାନୀୟ ଶିକ୍ଷାବିତ୍ କିମ୍ବା ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ଅବଦାନକୁ ପାଳନ କରାଯାଇଥାଏ । ଏହି ପ୍ରାଥମିକ କାରଣରୁ ବିଭିନ୍ନ ଦେଶ ଏହି ଦିନକୁ ବିଭିନ୍ନ ତାରିଖରେ ପାଳନ କରିଥାନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ (ସେପଟ୍ଟେମ୍ବର ୫) ଜନ୍ମଦିନ ୧୯୬୨ ପରଠାରୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଆଗରୁ ସୂଚିତ କରିଥିବା ପାରମ୍ପାରିକ ଭାବରେ ହିନ୍ଦୁମାନଙ୍କ ଦ୍ୱାରା ଗୁରୁମାନଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଏ । ଆର୍ଜେଣ୍ଟିନା ୧୯୧୫ ମସିହାରୁ ସେପଟ୍ଟେମ୍ବର ୧୧ରେ ଡୋମିଙ୍ଗୋ ଫାଉଷ୍ଟିନୋ ସାର୍ମିଏଣ୍ଟୋଙ୍କ ମୃତ୍ୟୁ ଦିବସକୁ ଶିକ୍ଷକ ଦିବସ ଭାବରେ ପାଳନ କରିଆସୁଛି । ୧୯୯୪ରେ ୟୁନେସ୍କୋଦ୍ୱାରା ସ୍ଥାପିତ ବିଶ୍ୱ ଶିକ୍ଷକ ଦିବସ ସହିତ ମିଳିତ ଭାବରେ ଅନେକ ଦେଶ ଅକ୍ଟୋବର ୫ ତାରିଖରେ ସେମାନଙ୍କର ଶିକ୍ଷକ ଦିବସ ପାଳନ କରିଥାନ୍ତି ।

ସେଭଳି ଭାରତୀୟମାନେ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ପ୍ରତିବର୍ଷ ଗୁରୁଦିବସ ଭାବେ ପାଳନ କରିଆସୁଛନ୍ତି । ଜଣେ ଦାର୍ଶନିକ ତଥା ଜଣେ କୁଶଳୀ ରାଷ୍ଟ୍ରନୀତିଜ୍ଞ ଓ ଜଣେ ଆଦର୍ଶ ଶିକ୍ଷକ ଭାବରେ ରାଧାକ୍ରିଷ୍ଣନ୍ ବେଶ୍ ପରିଚିତ । ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଭାରତର ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ଓ ବନ୍ଧୁମାନେ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ । ଏହାକୁ ନେଇ ସେ କହିଥିଲେ, ତୁମେମାନେ ମୋ ଜନ୍ମଦିନ ପାଳନ କରିବା ଅପେକ୍ଷା, ଯଦି ଏହି ଦିନ ଗୁରୁମାନଙ୍କ ଦିବସ ଭାବରେ ପାଳନ କରିବ ତାହା ମୋ ପାଇଁ ସମ୍ମାନର ପରିଚୟ ହେବ । ସର୍ବପଲ୍ଲୀ ରାଧାକ୍ରିଷ୍ଣନ ୧୮୮୮ ମସିହା ସେପେଟମ୍ବର ୫ ତାରିଖରେ ତାମିଲନାଡୁ ମାଡ୍ରାସର ତିରୁତ୍ତଣି ଗ୍ରାମରେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତାଙ୍କ ନାମ ଥିଲା ସର୍ବପଲ୍ଲୀ ଭୀରାସ୍ୱାମୀ ଆଉ ମାତାଙ୍କ ନାମ ଥିଲା ସର୍ବପଲ୍ଲୀ ସୀତାମାଆ । ତାଙ୍କର ବାଲ୍ୟଜୀବନ ମୁଖ୍ୟତଃ ତିରୁତ୍ତଣିରେ କଟିଥିଲା । ତାଙ୍କ ପିତା ସ୍ଥାନୀୟ ଜମିଦାରଙ୍କ ପାଖରେ ଅଧସ୍ତନ କର୍ମଚାରୀ ଭାବରେ କାମ କରୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା କେ.ଭି ହାଇସ୍କୁଲରେ ହୋଇଥିଲା । ପରେ ସେ ୧୮୯୬ ମସିହାରେ ତିରୁପତି ଚାଲିଆସିଥିଲେ ଓ ସେଠାରେ ନିଜର ଉଚ୍ଚଶିକ୍ଷା କରିଥିଲେ । ରାଧାକ୍ରିଷ୍ଣନ ଜଣେ ମେଧାବୀ ଛାତ୍ର ଥିଲେ । ୧୭ ବର୍ଷ ବୟସରେ ମାଡ୍ରାସର ଖ୍ରୀଷ୍ଟିୟାନ୍ କଲେଜରେ ନାମ ଲେଖାଇଥିଲେ । ସେଠାରୁ ସେ ୧୯୦୬ ମସିହାରେ ଗ୍ରାଜୁଏଟ୍ ହୋଇଥିଲେ ।



ଗ୍ରାଜୁଏଟ୍ ପରେ ଅଧ୍ୟାପକ ଭାବରେ କାମ କରି ଶେଷରେ ୧୯୩୧ରୁ ୧୯୩୬ ମସିହା ପର୍ଯ୍ୟନ୍ତ ସେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ପରବର୍ତ୍ତୀ ସମୟରେ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ରାଧାକ୍ରିଷ୍ଣନ୍ ରାଜନୀତିରେ ପ୍ରବେଶ କରିଥିଲେ । ଭାରତ ସ୍ୱାଧୀନ ହେବାପରେ ସେ ୟୁନେସ୍କୋରେ ଭାରତର ପ୍ରତିନିଧି ହୋଇଥିଲେ । ଏହାପରେ ସେ ସୋଭିଏତ ସଂଘରେ ଭାରତର ଆମ୍ବାସାଡାର ନିଯୁକ୍ତ ହୋଇଥିଲେ । ୧୯୪୯ ରୁ ୧୯୫୨ ମସିହା ମଧ୍ୟରେ ସେ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ମଧ ରହିଥିଲେ । ଏହାପରେ ସେ ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ । ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ପରେ ସେ ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହୋଇଥିଲେ । ୧୯୫୪ ମସିହାରେ ରାଧାକ୍ରିଷ୍ଣନ୍ଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା । ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ଥାଏ । ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଆଦର୍ଶ ଗୁରୁ ହୋଇଥାନ୍ତି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ' ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ ଜଣେ' । ଗୁରୁ ଓ ରାସ୍ତା ଏକାପରି । ସେମାନେ ଯେକୌଣସି ଜାଗାରେ ଥାଇ ମଧ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହା ହିଁ ତ ଗୁରୁଙ୍କ ମହାନତା । ଗୁରୁଙ୍କ ଉପରେ ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ । କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢ଼ିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନାହିଁ । ଗୁରୁ ହିଁ ସର୍ବ ପ୍ରେରଣାର ଉତ୍ସ । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଓଡ଼ିଶା ସରକାର ଏବଂ ଜିଲ୍ଲା ପ୍ରଶାସନ ଭୁଲିଗଲେ ବାଲେଶ୍ୱର ଝିଅ ପଦ୍ମିନୀ ଟୁଡୁଙ୍କୁ





ସୁବ୍ରତ କର

ଏବେ ଆସିବା ପଦ୍ମିନୀ ଟୁଡୁ ହେଉଛନ୍ତି ଜଣେ ୧୩ବର୍ଷର ଦୃଷ୍ଟିବାଧିତ ଝିଅ । ଘର ଭୋଗରାଇ ବ୍ଲକ୍‌ରେ ଏବଂ ସୁକୁଲ ଟୁଡୁ ଆଉ ବାଦଲ ଟୁଡୁଙ୍କର ଗୋଟାଏ ମାତ୍ର କନ୍ୟା । ସେ ରାଜଣୀପାଟଣା ସ୍ଥିତ ଦୃଷ୍ଟିବାଧିତ ସ୍କୁଲରେ ପାଠ ପଢ଼ିବା ପାଇଁ ୨୦୧୪ ମସିହାର ନାମ ଲେଖାଇଥିଲେ । ଏବେ ଅଷ୍ଟମ ଶ୍ରେଣୀର ଛାତ୍ରୀ । ଜଗନ୍ନାଥ ଝିଅଟିକୁ ସବୁ ପ୍ରକାରର ଗୁଣରେ ଭରି ଦେଇଛନ୍ତି । ଖେଳ, ନାଚ, ପାଠପଢ଼ା, ଏପରିକି କଥା କହିବାରେ ମଧ ଧୁରନ୍ଧର । ସର୍ବଗୁଣ ସମ୍ପର୍ଣ୍ଣ ।

ପ୍ରଥମେ ଆସିବା ନାଚରେ କେତେ ପାରଦର୍ଶିତା ହାସଲ କରିଛନ୍ତି । ସେ ଏତେ ସୁନ୍ଦର ନାଚନ୍ତି ଯେ ୨୦୧୮ ଏବଂ ୨୦୧୯ ମସିହାରେ ଦିଲ୍ଲୀଠାରେ ହୋଇଥିବା ଆନ୍ତର୍ଜାତିକ ପି.ଡବ୍ଲ୍ୟୁ.ଡି ମାନଙ୍କ ପ୍ରତିଯୋଗିତାରେ ଭାଗ ନେଇ ବିଶେଷ ଆୱାଡ୍ ନେଇଆସି ନିଜ ସ୍କୁଲକୁ ଗୌରାବାନ୍ୱିତ କରିଥିଲେ । ଥରେ ନୁହଁ ଦୁଇଦୁଇଥର ଏହି ସମ୍ମାନ ପାଇବାର ହକ୍‌ଦାର ହୋଇଥିଲେ । ପରବର୍ତ୍ତୀ ବର୍ଷଗୁଡ଼ିକରେ କୋଭିଡର ପ୍ରକୋପ ପାଇଁ ଏହି ପ୍ରତିଯୋଗିତା ହୋଇପାରି ନାହିଁ । ଏହି ପ୍ରତିଯୋଗିତାର ପୃଷ୍ଠପୋଷକ ହେଉଛନ୍ତି ବାଲେଶ୍ୱରର ଝିଅ ଆଲ୍ପନା ନନ୍ଦୀ ଏବଂ ଏହା ତାଙ୍କରି ନାମରେ ହୋଇ ଆସୁଛି ।

ଏବେ ତାଙ୍କର ଅତି ପ୍ରିୟ କ୍ରୀକେଟ ଖେଳ । ସେ ଜଣେ ଉଚ୍ଚକୋଟୀରର କ୍ରିକେଟ ଖେଳାଳୀ । ଆନ୍ତରାଜ୍ୟ ଦୃଷ୍ଟି ବାଧିତ କ୍ରିକେଟ ଖେଳରେ ବରାବର ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଆସିଛନ୍ତି ଏବଂ ରାଜ୍ୟ ପାଇଁ ଇତିହାସ ରଚିବାରେ ସଫଳ ହୋଇଛନ୍ତି । ସେ ଏହି ଦୃଷ୍ଟିବାଧିତ ଝିଅମାନଙ୍କ କ୍ରିକେଟ ଖେଳ ପାଇଁ ରାଜ୍ୟରୁ ବାରମ୍ବାର ପ୍ରତିନିଧିତ୍ୱ କରି ଦିଲ୍ଲୀ, ଡେରାଡୁନ, ବାଙ୍ଗାଲୋର ଏବଂ ରାଞ୍ଚିଠାରେ ହୋଇଥିବା ଖେଳ ମାନଙ୍କରେ ଭାଗ ନେଇ ଆସୁଛନ୍ତି । ଏହାକୁ ଛାଡ଼ି ତାଙ୍କର ସବୁଠୁ ପ୍ରିୟ ଖେଳ ହେଉଛି ଫୁଟବଲ । ସେ ଏହି ଖେଳରେ ମଧ୍ୟ ଅତି ପାରଙ୍ଗମ । ସେ ଏବେ ଏବେ କେରଳର କୋଚିନଠାରେ ହୋଇଥିବା ଫୁଟବଲ ଖେଳରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଦେଶପାଇଁ ଖେଳିବା ଲାଗି ବଛା ହୋଇଛନ୍ତି । ସେ ଆମ ରାଜ୍ୟରୁ ଏକମାତ୍ର ଖେଳାଡ଼ୀ । ଦେଶପାଇଁ ବଛା ହୋଇଥିବା ଦୃଷ୍ଟି ବାଧିତ ୧୬ ଜଣ ଖେଳାଡ଼ୀ ମଧ୍ୟରୁ ଜଣେ । ଏହି ଖେଳ ଗତ ଅଗଷ୍ଟ ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ପୁଣି ସେପ୍ଟେମ୍ବର ମାସର ମଝାମଝିରେ ବିଶେଷ ତାଲିମ ପାଇଁ ମହାରାଷ୍ଟ୍ରର ପୁନେକୁ ଯିବେ । ସେହିଠାରେ ଦେଶ ପାଇଁ ବଛା ପାଇଥିବା ଦୃଷ୍ଟିବାଧିତ ଖେଳାଳୀମାନେ ଅଭ୍ୟାସ ମେଚ ଖେଳିବେ ଏବଂ ପରେ ଆମ ଦେଶକୁ ପ୍ରତିନିଧିତ୍ୱ କରି ଅନ୍ୟ ଦେଶ ସହିତ ଫୁଟବଲ ଖେଳି ଆମ ଜିଲ୍ଲା, ରାଜ୍ୟ ଏବଂ ଦେଶପାଇଁ ଗୌରବ ଆଣିବେ ବୋଲି ଆମେ ଆଶା ରଖିଛୁ । ଏହି ସବୁ ଜାଣିଲା ପରେ କେହି ପଦ୍ମିନୀ ଟୁଡୁଙ୍କୁ ଏଡ଼େଇ ଦେଇ ପାରିବେ । ରାଜ୍ୟର ସବୁ ଖେଳ ଜଗତର ପ୍ରତିଷ୍ଠିତ ଏବଂ ଖେଳ ସହିତ ଜଡ଼ିତ ଥିବା ସମସ୍ତଙ୍କ ଆମର ମୁଖ୍ୟମନ୍ତ୍ରୀ ଲକ୍ଷଲକ୍ଷ ଟଙ୍କା ନେଇ ସମ୍ମାନୀତ କରିଲେ କିନ୍ତୁ କେହି ହେଲେ ପଦ୍ମିନୀ ଟୁଡୁଙ୍କ କଥା ଉଠେଇ ନାହାନ୍ତି । ରାଜ୍ୟ ନୁହ ଜିଲ୍ଲା ମଧ ଏପର୍ଯ୍ୟନ୍ତ ସମ୍ମାନିତ କରିନାହିଁ । ଦେଖିବାକୁ ରହିଲା ଏହି କାର୍ଯ୍ୟକ୍ରମଟି କେବେ ହବ ?



## ପୂଜ୍ୟ ଗୁରୁ

### ବୈଷ୍ଣବ ମେହେର

ତୁମକୁ ଚିହ୍ନିବାର ଢେର ପୂର୍ବରୁ
ମୋ ଅନ୍ତର୍ହିତ ଶୂନ୍ୟତା ଭିତରେ
ଭରି ଦିଅ...
ଗଦାଗଦା ଜ୍ଞାନର ଆୟୁଷ
ମୁଠାମୁଠା ଅନ୍ଧାର ଭିତରୁ
ମୁକ୍ତି ଦେବାକୁ
ସ୍ୱଇଚ୍ଛାରେ ଢାଲିପାର
ଜୀବନର ଦୀପ୍ତିମନ୍ତ ଆଭା
ପରିଣାମ ...
ବିସ୍ଥାପିତ ହୁଅନ୍ତି ଅଜ୍ଞତା
ବିସ୍ତାରିତ ହୁଏ ଅଭିଜ୍ଞତା ।

ମୋ ଅନ୍ତରାତ୍ମାରେ
ତୁମେ ଭରିଥିବା ସଂଜୀବନୀରେ
ସଜାଡ଼ିଛି ଜୀବନର ସୂର
ତୁମେ ଖୋଲିଥିବା ଜ୍ଞାନର
ଅସରା ଭଣ୍ଡାରରେ ଭରିଛି
ମୋ ଗର୍ଭସ୍ଥ ଶୂନ୍ୟତା

ସ୍ୱୟଂସିଦ୍ଧ ହେବାର
ଜୀବନ ନିର୍ଯ୍ୟାସରେ
ନିନାଦିତ ଏବେ...
ମୋ ସର୍ବାଙ୍ଗ ସତ୍ତା

ତୁମ ସାନ୍ନିଧ୍ୟରେ କରି ହୁଏ
ବିଶୁଦ୍ଧ ସଙ୍କଳ୍ପ
ଭାରି ସହଜ ହୁଏ
ଜୀବନର ମହାମଂତ୍ରରେ
ହେବାକୁ ଦୀକ୍ଷିତ !

ସଂସାରର ତ୍ରିଶଙ୍କୁ ଭିତରେ
ଯେତେଥର ବି ହଜିଛି
ପ୍ରତିଥର ନିଜକୁ ଖୋଜି ପାଇବାରେ
ତୁମ ଅଙ୍ଗୁଳି ହିଁ ସାଜିଛି
ମୋର ଭାଗ୍ୟ ବିଧାତା ।

♥ ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ଗୁରୁ

### ପ୍ରଶାନ୍ତ କୁମାର ଦାଶ

ସାଗରର ଗଭୀରତା
ଆକାଶର ଅସୀମତା
ଆଉ ସୂର୍ଯ୍ୟର ପ୍ରଚଣ୍ଡତାଠାରୁ
ମହାନ୍ ଯିଏ ସେ ହିଁ ଗୁରୁ
ଫୁଲର କୋମଳତା
ମହୁର ମଧୁରତା
ଆଉ ଚନ୍ଦନର ଶୀତଳତାଠାରୁ
ସ୍ନିଗ୍ଧ ଯିଏ ସେ ହିଁ ଗୁରୁ
ସେ ହିଁ ଅସମାହିତ
ଗଣିତର ସହଜ ସୂତ୍ର
ଆଉ ଅବୁଝା କବିତାରେ
ସରଳ ସାହିତ୍ୟ
ବ୍ଲାକବୋର୍ଡରେ ଉଦୟ ହୁଅନ୍ତି
କେତେ ଚନ୍ଦ୍ର କେତେ ସୂର୍ଯ୍ୟ
ତାଙ୍କ ଚକଖଡ଼ି ସ୍ପର୍ଶରେ
ସର୍ବଦା ନିଷ୍ପ୍ରଭ ସବୁ
ସ୍ମାର୍ଟଫୋନର ଆଲୋକ
ଯୋଉ ଚକ୍ ଗାରର ରଙ୍ଗରେ !

♥ ଜଗନ୍ନାଥ ପ୍ରଧାନ
କେଳାକଟା, ବୌଦ୍ଧ

## ଗୁରୁ ତୁମେ ପ୍ରାଣର ସ୍ପନ୍ଦନ

### ସୁଭାଷ ଚନ୍ଦ୍ର ଭୂତିଆ

ଆହେ ଗୁରୁ ତୁମେ ପ୍ରାଣର ସ୍ପନ୍ଦନ
ଆନନ୍ଦ ଉଲ୍ଲାସ ପ୍ରୀତି ଶ୍ରୀହରଣ ।
ଶୂନ୍ୟ ପାତ୍ରେ ଦେଇ ଚିର ବିଶ୍ୱାସ
ଜୀବନ ସଜାଡି କରିଛ ଉଶ୍ୱାସ ।
ଅତୀତେ ଅରଣ୍ୟେ କରି ବାସସ୍ଥାନ
ଗଢ଼ିଥିଲ କେତେ ନବ କୀର୍ତ୍ତିମାନ ।
ସମାଜର ଶିକ୍ଷା ଅବା କର୍ମ ଦୀକ୍ଷା
ଦେଇଣ ଧରାକୁ କରିଥାଅ ରକ୍ଷା ।
ସେହି ଗୁରୁକୂଳ ଏବେ ବିଦ୍ୟାଳୟ
ଜ୍ଞାନ ପାଏ ଶିଶୁ ଦୂରେ ତେଜି ଭୟ ।
ଶ୍ରେଷ୍ଠ ସ୍ଥାନେ ସଦା ତୁମେ ବିରାଜିତ
ତୁମ କୃପା ରହେ ମୋ ପ୍ରାଣ ସହିତ ।
ମାନସ ପଟରେ ତୁମ ପ୍ରତିଛବି
ଶକ୍ତି ଦେଇଥାଏ ଯେହ୍ନେ ହୋଇ ରବି ।
ତୁମରି ସ୍ମରଣେ ସମସ୍ୟା ହଟଇ
ପଥ ମିଳେ ଯେହ୍ନେ ଅଜ୍ଞାତ ବାଟୋଇ ।
ତୁମ ପାଦ ପାଇଁ ପ୍ରସ୍ତୁତ ମୋ ଶିର
ସେବିବାକୁ ସଦା ହୁଏ ଆଗଭର ।
ତୁମରି ଅଶିଷେ ପୁଲକିତ ଧରା
ଆନନ୍ଦ ଉଲ୍ଲାଶେ ଦିଶୁଥାଏ ତୋର ।

♥ ଡିହତୋଳ, ଢେଙ୍କାନାଳ

## ପାଳିବା ଆସ ଗୁରୁଦିବସ

### ପ୍ରଦୀପ୍ତ କୁମାର ଦାସ

ପାଳିବା ଆସ ଗୁରୁଦିବସ
ଭକତି ଭାବ ନେଇ
ଲଭିବା ଆସ ଗୁରୁ ଆଶିଷ
ତାଙ୍କ ସୁଗୁଣ ଗାଇ,
ପିତାମାତାଙ୍କ ପରି ପୂଜିବା
ତାଙ୍କୁ ଦେବତା ମଣି
ରହିବା ଆମେ ସାରା ଜୀବନ
ତାଙ୍କରି ପାଶେ ଋଣୀ,
ସବୁରି ମନେ ଭରିବା ଖୁସି
ଉତ୍ତମ ଛାତ୍ର ହୋଇ
ପାଠରେ ହେବା ଜଗତ ଜିତା
ତାଙ୍କଠୁ ଜ୍ଞାନ ନେଇ,
ଆଜି ଅଟଇ ରାଧାକ୍ରିଷ୍ଣନଙ୍କ
ଶୁଭ ଜନମ ଦିନ
ସେଇଥି ପାଇଁ ମହାଭାବରେ
ଉଛୁଳି ପଡ଼େ ମନ,
ତାଙ୍କରି ପରି ବିଖ୍ୟାତ ଗୁରୁ
ନାହାଁନ୍ତି ଜଗତରେ
ବାଢ଼ିବା ଆସ ପ୍ରଣତି ଆମେ
ତାଙ୍କରି ଚରଣରେ ।

♥ କଣ୍ଟାବଣିଆ,
ଯାଜପୁର-୭୫୫୦୧୩
ମୋ : ୮୫୯୪୮୮୫୮୯୮

## ଗୁରୁଦିବସ

### କମଳ ଲୋଚନ ପଣ୍ଡା

ଗୁରୁ ବ୍ରହ୍ମା ଗୁରୁଦେବ
ଗୁରୁ ହିଁ ମହେଶ୍ୱର
ସେ ଏକା ଆମ ପାଇଁ ସାକ୍ଷାତ୍ ଈଶ୍ୱର
ଅଜ୍ଞାନ ଅନ୍ଧାରକୁ
ତୁମେ ଦୂର କରିଅଛ,
ଜ୍ଞାନର ଆଲୋକ ଦେଇ ଶିକ୍ଷିତ କରିଛ
ଗୁରୁ ବିନା ବିଦ୍ୟା ପରାହୁଏ ଅପୁରଣ
ସବୁଦିନ ପୂଜୁଥିବା ଗୁରୁଙ୍କ ଚରଣ
ତୁମେ ଗୁରୁ ତୁମେ ଜ୍ଞାନ ଦାତା
ସର୍ବତ୍ର ପୂଜିତ ତୁମେ ଜଗତ ଜିତା
କଞ୍ଚା ମାଟିକୁ ତୁମେ ଗଢ଼ିଛ
ମୂର୍ତ୍ତି କରି ସାରା ଜଗତ ପାଇଁ

ତୁମେ ଜ୍ଞାନର ଡ଼ୋରି
ଗୁରୁ ପରା ଆମ ପାଇଁ ସବୁଠୁ ମହାନ
ତାଙ୍କ ପାଇଁ ଆମେ
ହେଉ ପାଠରେ ତେଜିଆନ
ତୁମେ ଆଦର୍ଶରେ ଗଢା
ଆମ ଏ ଜୀବନ
କଣ୍ଟକିତ ପଥେ ତୁମେ ଫୁଟାଇଛ ସୁମନ
ଗୁରୁ ପରା ଆମ ପାଇଁ ଅଟନ୍ତି ମହାନ
ସାରା ଜଗତରେ ସିଏ
ଆମ ଭଗବାନ।

♥ ନୀଳଗିରି, ବାଲେଶ୍ୱର
ମୋ : ୭୩୨୭୦୨୮୯୭୮

## ପାଳିବା ଆସ ଗୁରୁଦିବସ

### ଜୟନ୍ତ କୁମାର ମଲ୍ଲିକ୍

ପାଳିବା ଆସ ଗୁରୁଦିବସ
ସଭିଏଁ ମିଳିମିଶି-
ଗାଇବା ଆସ ଗୁରୁ ବନ୍ଦନା
ଗୁରୁଙ୍କ ପାଶେ ବସି,
ମନରେ ଭରି ଶ୍ରଦ୍ଧା ଭକତି
ହୋଇଣ ଶୁଦ୍ଧପୁତ
ପୂଜିବା ଆସ ଗୁରୁଙ୍କୁ ଆମେ
ଭାବିଣ ଦେବଦୂତ,
ସେ ଆମ ପିତା ସେ ଆମ ମାତା
ସେ ଆମ ବିଦ୍ୟାଦାତା-
ତାଙ୍କ ଆଶିଷ ଲଭିଲେ ଆମେ
ହେବା ଜଗତ ଜିତା,
ସର୍ବପଲ୍ଲୀ ରାଧାକ୍ରିଷ୍ଣନ
ଥିଲେ ଯେ ଶ୍ରେଷ୍ଠ ଗୁରୁ
ତାଙ୍କ ଜନ୍ମଦିନରେ
ଗୁରୁଦିବସ ପାଳନ କରୁ,
ଥିଲେ ସେ ଜଣେ ଅଧ୍ୟାପକ
ଥିଲେବି ଦାର୍ଶନିକ-
ପ୍ରଥମ ଉପ ରାଷ୍ଟ୍ରପତି ଭାବେ
ରଖିଥିଲେ ସେ ଟେକ,
ତାଙ୍କ ସମ୍ମାନ ରଖି ଅମ୍ଳାନ
ପାଳୁତ ଏହି ଦିବସ
ଆମ ଗୁରୁଙ୍କୁ ବରଣ କରି
ଲଭୁ ତାଙ୍କରି ଆଶିଷ।

♥ ଶୂରଡିହ, ନନ୍ଦିପୁର,
ଦଶରଥପୁର,
ଯାଜପୁର-୭୫୫୦୦୬
ମୋ : ୯୪୩୭୮୬୫୭୨୭

ଗଳ୍ପ ମାଳା ୫

ସାପ୍ତାହିକ ଗଳ୍ପ ଫର୍ଦ୍ଦ


ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ସୋମବାର, ୦୫ ସେପ୍ଟେମ୍ବର ୨୦୨୨

# ମା ' ଡାକୁଛି ଆ



ନିରଞ୍ଜନ ସାହୁ



ଦିବାକର ବାବୁ ବସିଥିଲେ ଛାଇଛାଇକା ରସାଳ ତୋଟା ଭିତରେ । ଫଗୁଣରେ ଆମ୍ବ ବଉଳର ବାସ୍ନାରେ ବିଭୋର ହେଉହେଉ ସେ ଯେତିକି ଆନନ୍ଦ ଅନୁଭବ କରୁଥିଲେ ତତୋଧିକ କୁହୁତାନରେ ତାଙ୍କର ଏକଲା ପଣ ଧୀରେଧୀରେ ଭାଙ୍ଗି ଯାଉଥିଲା । ନୂଆନୂଆ କରି କଷିକଷି ଆମ୍ବମାନେ ମଳୟର ହିଲ୍ଲୋଳରେ ଦୋଳାୟମାନ ସହକାର ଡାଳମାନଙ୍କରେ ଆନନ୍ଦରେ ନୃତ୍ୟ କରୁଥିଲେ। ଗୋପାଳ ବାଳକମାନେ ଗାଈଗୋଠ ତୋଟା ମଧ୍ୟରେ ଛାଡି ମନଖୁସିରେ ବଂଶୀବାଦନ କରୁଥିଲେ । ପଳାଶ ଗଛ ସବୁଜ କିଶଳୟ ବିମଣ୍ଡିତ ହୋଇ ପୁଷ୍ପ ମଣ୍ଡିତ ହୋଇ ମନୋରମ ଦିଶୁଥିଲେ ।

ଦିବାକର ବାବୁ ଭାବୁଥିଲେ କେଡେ ସୁନ୍ଦର ସତରେ ପଲ୍ଲୀ ପ୍ରକୃତି । ଏଇଠି ଅନୁଭବ କରିହୁଏ ଋତୁମାନଙ୍କର ରାଜତ୍ୱ ପଣକୁ । ଏଇଠି ପାଳନ କରିହୁଏ ବାର ମାସରେ ତେର ପର୍ବକୁ । ଏଇଠି ଧାଡି ଧାଡି ଚାଳଘର ଡିବିରି ଆଲୁଅ ଭିତରେ ମାଟିର ମଣିଷ ବଞ୍ଚିରହି ଦୁନିଆକୁ ଆହାର ଯୋଗାଏ। ଏଇଠି ବ୍ରାହ୍ମ ମୁହୂର୍ତ୍ତରେ ହରି ମଉସାଙ୍କ ମନବୋଧ ଚଉତିଶାର ଗାୟନ 'କହଇ ମନ ଆରେ ମୋ ବୋଲକର' ଭିତରେ ପହଁଚି ଯାଏ ସକାଳ। ଶମ୍ଭୁ ମନ୍ଦିରର କମ୍ବୁ ଧ୍ୱନିରେ ଉଦୟରାଗ ସୂର୍ଯ୍ୟଙ୍କ ଉପସ୍ଥିତି ହରି ମନ୍ଦିରର ଗୀତା ଶ୍ଳୋକରେ ଭକ୍ତିମୟ ପରିବେଶ ସୃଷ୍ଟି କରେ। ମୁଣ୍ଡ ଉପରେ ଖରା ଆସିଗଲେ ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ ବାସ୍ନା ବିଭୋର କରେ ଭକ୍ତଜନଙ୍କୁ । ଗାୟତ୍ରୀ ମନ୍ତ୍ରର ଓଁକାର ଧ୍ୱନି ଭିତରେ ଦେବାର୍ଚ୍ଚନା ଚାଲୁଚାଲୁ ମଧ୍ୟାହ୍ନ ଭୋଜନର ବିରତି କର୍ମକ୍ଲାନ୍ତ ମଣିଷର କ୍ଷୁଧା ଦୂର କରିଦିଏ । ଗୋଧୂଳି ଲଗ୍ନର ଅଳସ ଅପରାହ୍ନ ଗଡି ଯାଉଯାଉ ଅସ୍ତରାଗରେ ସନ୍ଧ୍ୟାର ଆଗମନରେ କୁଳବଧୂମାନଙ୍କର ଚଉଁରା ମୂଳେ ସଞ୍ଜବତୀ ପ୍ରଦାନ ସରୁସରୁ ଭାଗବତ ଗାଦୀରୁ ଭଜନ କୀର୍ତ୍ତନ ସହ ଭାସିଆସେ ଭାଗବତ ପାଠର ପବିତ୍ର ନବାକ୍ଷରୀ ଛନ୍ଦ ' ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ ।' କର୍ମକ୍ଲାନ୍ତ ପଲ୍ଲୀ ମଣିଷ ରାତି ଭୋଜନ ସାରି ଟିକିଏ ବିଶ୍ରାମ ଲୋଡୁଲୋଡୁ ଗାଆଁର କେଉଁ ସାହିରୁ ଡ଼ାକବାଜି ଯନ୍ତ୍ରରେ ଶୁଭୁଥାଏ କେଉଁଠି ହେଉଥିବା ପାଲା , ଦାସକାଠି , ସୁଆଙ୍ଗ ।

ଇଏ ଗାଆଁ ......... ମାଟି ମାଆ। ଏଇଠି ବୈଶାଖରେ ଶୁଭେ ଘଣ୍ଟପାଟୁଆଙ୍କର ନାଚ କିମ୍ବା ଦଣ୍ଡନାଚ । ଏଇଠି ଜ୍ୟେଷ୍ଠରେ ଶୁଭେ ରଜ ଦୋଳି ଗୀତ 'ବନସ୍ତେ ଡାକିଲା ଗଜ ।' ଏଇଠି ଆଷାଢ଼ରେ ଶୁଭେ ଘୋଷଯାତ୍ରାର ଡାହୁକ ପଦ ' ହୋ ଭକତେ।' ଶ୍ରାବଣ ମାସରେ ଏଇଠି କାଉଡ଼ିଆ ଭକ୍ତମାନଙ୍କ କୋଳାହଳରେ ଶୁଭେ ' ବୋଲବମ ପାର କରେଗା ।' ଭାଦ୍ରବ ମାସରେ ଏଇଠି କୁମାରୀମାନଙ୍କ ଖୁଦୁରୁକୁଣୀ କୋଠିରୁ ଶୁଭେ ସମ୍ମିଳିତ ସ୍ୱର 'ବନ୍ଦଇ ଦେବ ଜଗନ୍ନାଥ ।' ଆଶ୍ୱିନ ମାସରେ କୁମାରୀମାନଙ୍କ ସମ୍ମିଳିତ କଣ୍ଠରୁ ଏଇଠି ଶୁଭେ 'କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ । ' ଏଇଠି କାର୍ତ୍ତିକ ମାସର ଦୀପାବଳିରେ ଶୁଭେ' ବଡବଡୁଆ ହୋ ଅନ୍ଧାରରେ ଆସିଥିଲ ଆଲୁଅରେ ଯାଅ ' ଓ ବୋଇତବନ୍ଦାଣରେ ଶୁଭେ' ଆ -- କା -- ମା -- ବୈ । ' ମାର୍ଗଶିର ମାସର ମାଣବସାରେ ଏଇଠି ଶୁଭେ' ନମସ୍ତେ କମଳେ ମାଗୋ ସାଗର ଦୁଲଣି। ' ପୁଷମାସରେ ଏଇଠି ରାମ ମନ୍ଦିରରେ ପୁଷ୍ୟାଭିଷେକ ଅବସରରେ ଶୁଭେ' ଓଁ ରାମାୟ ରାମ ଭଦ୍ରାୟ । ' ମାଘ ମାସରେ ଏଇଠି ଦେବୀ ବୀଣାପାଣିଙ୍କ ଆରାଧନାରେ ଶୁଭେ' ଶାରଦେ ବରଦାୟିନୀ । ' ଫଗୁଣରେ ଏଇଠି ହୋଲି ଖେଳରେ ଶୁଭେ' ଆଉ ରଙ୍ଗ ମାରନା । ଚଇତରେ ଏଇଠି ଘୋଡାନାଚ ଗୀତରେ ଶୁଭେ 'ନମସ୍ତେ ବାସୁଳି ମାତ ।'

ଏଇଠି ଶଗଡ଼ିଆ ଗାଏ ' ରାମ ହୋ ଲଇଖଣ ଯେ । ' ଏଇଠି ସ୍ୱାରୀ ବାହକ ଗାଏ' ହାକୁମ ଧାବଲ । ' ଏଇଠି ନାଉରିଆ ଗାଏ' ଗଲାଣି ତ ଗଲା କଥାରେ ସଙ୍ଗାତ ।' ଏଇଠି ଯୋଗୀ କେନ୍ଦରା ସୁରରେ ଗାଏ ଟୀକା ଗୋବିନ୍ଦ ଚନ୍ଦ୍ରର ପଦ ' ଭଜୁ କିନା ରାମ ନାମରେ କୁମର । ' ଏଇଠି ଚକୁଳିଆ ପଣ୍ଡା କଣ୍ଠରୁ ଶୁଭେ ' ଏହି ଘର ବୋହୁ ଦେଲା ସେହି ଘର ଦେଲା । ' ଏଇଠି ସଂକୀର୍ତ୍ତନରେ ଶୁଭେ ' ହରେ କୃଷ୍ଣ ହରେ କୃଷ୍ଣ ।'ଏଇଠି ସାପୁଆ କେଳା ସାପ ଖେଳାଇ ଗାଏ' କାହାଳୀରେ ବନମାଳିରେ। ଏଇଠି ଝିଅ ବିଭାଘରରେ ଶୁଭେ କାନ୍ଦଣା ଲହରୀ । ଏଇଠି ସ୍ୱଜନଙ୍କ ମୃତ୍ୟୁରେ ଶୁଭେ ବୁକୁଫଟା ଚିତ୍କାର । ଏଇଠି ମୁଣ୍ଡପୋତା କେଳା ଅବା ବାଉଁଶରାଣୀ ଖେଳରେ ଗୀତ ଗାଇ ଗାଇ ଦେଖାନ୍ତି ତାଙ୍କ ଖେଳର କରାମତି । ଏଇଠି ନଦୀ କଳକଳ ହୋଇ ଗୀତ ଗାଏ । ଝରଣା କୁଳୁକୁଳୁ ହୋଇ ଗୀତ ଗାଏ। ପବନ ସନସନ କରି ସଙ୍ଗୀତ ଶୁଣାଏ ।

ଇଏ ମାଟିମାଆ ଗାଆଁ ...... ଏଇଠି ବୈଶାଖରେ ଫୁଟେ ମଲ୍ଲୀ , ଜ୍ୟେଷ୍ଠରେ ଫୁଟେ କିଆ , ଆଷାଢ଼ରେ ଫୁଟେ କଦମ୍ବ , ଶ୍ରାବଣରେ ଫୁଟେ ମାଳତୀ , ଭାଦ୍ରବରେ ଫୁଟେ ରଂଗଣୀ , ଆଶ୍ୱିନରେ ଫୁଟେ ନୀଳକଇଁ , କାର୍ତ୍ତିକରେ ଫୁଟେ ଗେଣ୍ଡୁ , ମଗୁଶୁରରେ ଫୁଟେ ପଦ୍ମ , ପୁଷରେ ଫୁଟେ ସୋରିଷ , ମାଘରେ ଫୁଟେ ଅଶୋକ , ଫଗୁଣରେ ଫୁଟେ ପଳାଶ , ଚୈତ୍ରରେ ଫୁଟେ ନିମ୍ବ । ଏଇଠି ବୈଶାଖରେ ଫଳେ ତରଭୁଜ , ଜ୍ୟେଷ୍ଠରେ ପାଚେ ପଣସ, ଆଷାଢ଼ରେ ପାଚେ ତାଳ , ଶ୍ରାବଣରେ ଫଳେ କାଙ୍କଡ଼ , ଭାଦ୍ରବରେ ଫଳେ ମକା , ଆଶ୍ୱିନରେ ଫଳେ ଫୁଟିକାକୁଡି , କାର୍ତ୍ତିକରେ ଫଳେ ଓଉ , ମାର୍ଗଶିରରେ ପାଚେ ଧାନ , ପୁଷରେ ଫଳେ କନ୍ଦମୂଳ , ମାଘରେ ଫଳେ କରମଙ୍ଗା , ଫଗୁଣରେ ଫଳେ ଆମ୍ବ , ଚୈତରେ ଫଳେ କେନ୍ଦୁ।

ଏଇଠି ଜହ୍ନ ରଜତ ଜ୍ୟୋସ୍ନା ବୁଣେ । ଏଇଠି ସୂର୍ଯ୍ୟ ବାଦଲ ଉହାଡ଼ରୁ ଉଙ୍କି ମାରେ । ଏଇଠି ଇନ୍ଦ୍ରଧନୁ ସପ୍ତରଙ୍ଗୀ ଛଟା ଦେଖାଇ ଜନମନ ହରଣ କରେ । ଏଇଠି ପର୍ବପର୍ବାଣୀରେ ଥାଏ ଭାଇଚାରା। ଅନୁକୂଳରେ ବଣ୍ଟାଯାଏ ପିଠା । ମେଳାରେ ଡକାଯାନ୍ତି ସାଇପଡିଶା । ବିବାହ ବ୍ରତରେ ପଡେ ପଙ୍ଗତ । ଏକୋଇଶାରେ ବଣ୍ଟାଯାଏ ଶିରିଣୀ। ଏଇଠି ଘରେଘରେ କରାଯାଏ ଚକୁଳି , ଆରିସା , ମଣ୍ଡା , କାକରା , ମୁହାଣ୍ଡି , ଏଣ୍ଡୁରି , ପୋଡ଼ପିଠା। ଏଇଠି ମିଳେ ମୁଢି , ଖଇ , ଉଖୁଡା , ହୁଡୁମ୍ବ । ଏଇଠି ଅମଳ ହୁଏ ଧାନ , ଗହମ , ମକା , ବାଜରା , ମାଣ୍ଡିଆ , ଯଅ , ବିରି , ମୁଗ , କୋଳଥ , ଚିନାବାଦାମ , ହରଡ଼ , ସୋରିଷ , ଆଖୁ , ଝୋଟ ଓ ନାନାବିଧ ପନିପରିବା । ଏଇଠି ମିଳେ ଶୁଦ୍ଧ ଅମ୍ଳଜାନ। ଏଇଠି ମିଳେ ଖାଣ୍ଟି ଦୁଧ , ଦହି , ଛେନା , ଘିଅ । ଏଇଠି ମିଳନ୍ତି ନିଷ୍କପଟ ସରଳିଆ ମଣିଷ । ଏଇଠି ଶୁଭେ ପଦେ 'ଆହା'। ଏଇଠି ପର ମଣିଷ ଆଖିରୁ ବି ଅନ୍ୟ କାହାର କଷ୍ଟରେ ଝରିପଡ଼େ ଦି' ଟୋପା ଲୁହ। ଏଇଠି ଖେଳାଯାଏ ପହିଆଡାବଲ , ଲୁଡୁ , କିତିକିତି , ତାସ , ପଶା , ବୋହୁଚୋରୀ , ପୁଚି , ଦୌଡାଡିଆଁ , କାଚକଉଡ଼ି , କାଚଗୋଲି , ଦୋଳି । ଏଇଠି ଦେଖାଯାଏ ଢ଼ିଙ୍କି , ଅଙ୍କି , ଶିଳ , ଫେଶା , ଶଗଡ଼ , ଓଦର , ତାଟି , ତାଟ , ସିନ୍ଦୁକ , ପେଡି , ପୋଥି , ଘମା , ମାଠିଆ , ପଲମ , ହାଣ୍ଡି , ଠେକି , ଛଟାଙ୍କି । ଏଇଠି ଶୁଭେ ଗାଈମାନଙ୍କର ହମ୍ବା ରଡି , ଛେଳିମାନଙ୍କର ମେ ମେ , ବିଲେଇର ମିଆଁଉ ମିଆଁଉ , ଶୁଆର ମିଟୁ ମିଟୁ ,କୁକୁରମାନଙ୍କର ଭୋ ଭୋ , ବିଲୁଆର ହୁକେ ହୋ । ଏଇଠି ଗାଁ ଦାଣ୍ଡ ପାଣି ସୁଅରେ ଭାସେ କାଗଜ ଡଙ୍ଗା , ବର ଓହଳରେ ଖେଳାଯାଏ ଦୋଳି , ବଣବୁଦାରୁ ତୋଳାଯାଏ କୋଳି , ଝମ୍ପା-ବଜା -ମୁଗୁରା-ଜାଲ ପକାଇ ଧରାଯାଏ ମାଛ , କାଗଜ ଗୁଡି ତିଆରି କରି ଉଡାଯାଏ , ବିଲ ହିଡ ଓ ପାଳଗଦାରୁ ତୋଳାଯାଏ ଛତୁ ।

ଦିବାକର ବାବୁ ଏମିତି ଭାବୁଥିଲେ ଅନେକ କିଛି । ମନେପଡୁଥିଲା ହଜି ଯାଇଥିବା ତାଙ୍କର ପିଲାଦିନ । କେଉଁଆଡ଼େ ସାଙ୍ଗସାଥୀମାନେ କିଏ କେମିତି ହଜି ଗଲେଣି । ତଥାପି ଗାଆଁ ମଶାଣିର ସମାଧିଗୁଡିକୁ ଚାହିଁଦେଲେ ମନେପଡି ଯାଆନ୍ତି କେତେକେତେ ପୁରୁଣା ଲୋକ । ଗାଆଁ ପୋଖରୀର ଜଳ କେଉଁ ତୀର୍ଥସ୍ଥାନ ଜଳରୁ ଅଧିକ ପୁଣ୍ୟ ଦାୟକ ମନେହୁଏ । ଅବଶ୍ୟ ସମୟର ପରିବର୍ତ୍ତନ ଧାରାରେ ଗାଆଁର କଳେବର ଅନେକ ପରିବର୍ତ୍ତନ ହୋଇଛି ସତ ତଥାପି ଗାଆଁ ତାହାର ମୌଳିକତା ସମ୍ପୂର୍ଣ୍ଣ ଭାବରେ ହଜାଇ ପାରିନାହିଁ।

ଦିବାକର ବାବୁଙ୍କର ମନେ ପଡୁଥିଲା । ପାଠ ପଢିବା ପାଇଁ ସେତେବେଳେ ସେ ସହରକୁ ଗଲେ ଯେ ଆଉ ଗାଆଁକୁ ଫେରିଲେ ନାହିଁ । ପାଠପଢା ଶେଷ ହେବାପରେ ସରକାରୀ ଚାକିରୀ କରି ଏତେ ବ୍ୟସ୍ତ ରହିଲେ ଯେ ନିଜର ଜନ୍ମଭୂମି ଗାଆଁ ମାଟିକୁ ଏକରକମ ଭୁଲିଗଲେ । ଭଲ ଲାଗିଲା ନାହିଁ ପଚର ପଚର ଗାଆଁ ଦାଣ୍ଡ , ନାଳିଆ ସଡ଼କ , ଧାଡିଧାଡି ଚାଳ ଘର , ଡିବିରି ଆଲୁଅ , ମୁରୁଖ ମଣିଷ । ସହରରେ ଚାକିରୀ କରିବା ସହ ବିବାହ ପରେ ପିଲା ପରିବାର ଧରି ସହରରେ ରହିବା ଭିତରେ ସହରର ଚାକଚକ୍ୟ ଭିତରେ ହଜି ଯାଉଯାଉ ସହରରେ ଜାଗା କିଣି ଘର ତୋଳିବାର ନିଶାରେ ଦିବାକର ବାବୁ ହୋଇଗଲେ ସହରାଭିମୁଖି । ତାଙ୍କ ପରି ଗାଆଁର ଅନ୍ୟାନ୍ୟ ଶିକ୍ଷିତ ଯୁବକ ମାନେ ଚାକିରିବାକିରି ଅବା ବ୍ୟବସାୟରେ ନିୟୋଜିତ ରହି ସହରକୁ କରିନେଲେ ଖୁବ ଆପଣାର । ସହରରେ ଜାଗା କିଣି ବଡ଼ ବଡ଼ ପ୍ରାସାଦ ତୋଳିବାରେ ସରିଗଲା ଜୀବନର ଅନେକ ସମୟ।

ନିଜର ଚାକିରୀବାକିରି ସରିଗଲା ପରେ ରୁଟିନ ବନ୍ଧା ଜୀବନରୁ ବାହାରି ଆସିବା ପରେ ଦିବାକର ବାବୁ ନିଜକୁ ଘରର ଚାରିକାନ୍ଥ ମଧ୍ୟରେ ରହି ହୋଇଗଲେ ଅଣନିଶ୍ୱାସୀ । ସହରର ଲୋକମାନଙ୍କ ମାପଚୁପ ଚଳଣି ତାଙ୍କୁ ଅସ୍ତବ୍ୟସ୍ତ କରି ପକାଇଲା । ଆଜିକାଲି ଯୁଗର ମଣିଷ ପୁଅବୋହୂଙ୍କ ପାଖରେ ଚଳିବା ଯେ କେଡେ କଷ୍ଟକର ତାହା ଅନୁଭବି ହିଁ ଜାଣିପାରିବ । ବାଧହୋଇ ସେ ଖୋଜିଲେ ଟିକିଏ ମୁକ୍ତ ପବନ। ପଞ୍ଜୁରୀବଦ୍ଧ ନ ହୋଇ ସୁନୀଳ ଆକାଶ ବକ୍ଷରେ ଡେଣା ଝାଡ଼ି ଉଡିବାକୁ ମନ ପକ୍ଷୀ ହେଲା ଛଟପଟ। କେତେ ଅବା ଟିଭି , ରେଡ଼ିଓ , ମୋବାଇଲ , ପତ୍ରପତ୍ରିକା ଭିତରେ ନିଜକୁ ବାନ୍ଧି ରଖିଥାନ୍ତେ । ସହରର ଚଳଣି ଭିତରେ ମାପଚୁପ ଜୀବନ । ଚିହ୍ନା ମୁହଁ ସହରରେ ନିମିଷକେ ଅଚିହ୍ନା ପାଲଟେ। ସବୁ ଯେମିତି ସ୍ୱାର୍ଥ ଥିଲେ ସମ୍ପର୍କ ବାନ୍ଧିବାର ଜୀବନ । ଅନ୍ତରଙ୍ଗ ଅନ୍ତରିକତା ମିଳିବ କେଉଁଠୁ ?

ଦିନେ ଦିବାକର ବାବୁ ଚାକିରୀ କରିବା ପରେପରେ ସହରରେ ଘର ତୋଳିବାର ସ୍ୱପ୍ନ ଦେଖିଥିଲେ । ଲୋନ କରି ଜାଗା କିଣିବା ଠାରୁ ଆରମ୍ଭ କରି ଘର ତୋଳା ପର୍ଯ୍ୟନ୍ତ ସବୁକାର୍ଯ୍ୟ କରିଥିଲେ । ଗାଆଁ ଅପେକ୍ଷା ସହରରେ ସବୁ ପ୍ରକାର ସୁବିଧା ମିଳିବାର ମାନସିକତା ଅପେକ୍ଷା ସହରରେ ଘର ତୋଳିଲେ ଗୋଟିଏ ଅଲଗା ଖାତିର ମିଳେ ବୋଲି ଏକ ପ୍ରକାର ଧାରଣା ବସା ବାନ୍ଧିଥିଲା ତାଙ୍କ ମୁଣ୍ଡରେ । ଅବଶ୍ୟ ଏବେବି ଗାଆଁରେ ଥିବା ଲୋକେ ସହରରେ ଘର ଖଣ୍ଡିଏ ତୋଳିବାର ସ୍ୱପ୍ନ ନିଶ୍ଚିନ୍ତ ଦେଖୁଥାନ୍ତି ।

ଏମିତି ଏକ ବିବାଦୀୟ ପରିସ୍ଥିତିରେ ଦିବାକର ବାବୁଙ୍କ ମନେପଡ଼ିଲା ଗାଆଁ କଥା । ମାଟି ମାଆର ଶାଗୁଆ ପଣତକାନି ତାଙ୍କୁ ହାତଠାରି ଡାକୁଥିଲା ଯେମିତି ' ଧନରେ ........ ମୋ କୋଳକୁ ଆ । ଅନେକ ଦିନ ହେବ ଯାଇଛୁ ଯେ ଯାଇଛୁ । ମାଆ କଥା କେବେ ବି କ'ଣ ତୋର ମନେ ପଡୁନି ଧନ ?' ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ ଦିବାକର ବାବୁ । ଆଖି କୋଣରେ ଜମି ଆସିଲା ଲୁହ । ଆଖି ଆଗରେ ନାଚି ଉଠିଲା ଗାଆଁର ଶୋଭାଶିରୀ । ଗାଆଁର ପୋଖରୀ , ଦେଉଳ , ନଈ , ଝରଣା , ପାହାଡ଼ , ବିଦ୍ୟାଳୟ, ମଶାଣି , ଗୋଚାରଣ ଜମି , ସବୁଜ ଶସ୍ୟକ୍ଷେତ୍ର ଏବଂ ସର୍ବୋପରି ଚିହ୍ନାଜଣା ମଣିଷମାନଙ୍କର ମୁହଁ ତାଙ୍କୁ ଛଟପଟ କଲା । ସେ ଚିନ୍ତା କଲେ ଆଉ ନୁହେଁ । ସହରରେ ରହିବା ବହୁତ ହୋଇଗଲା ତାଙ୍କର । ଏବେ ସେ ଗାଆଁକୁ ଫେରିଯିବେ । ମାତ୍ର ମନରେ ପୁଣି ଏକ ଅଭୁତ ଖିଆଲ ପଶି ତାଙ୍କର ଭାବନାକୁ ଗୋଳମାଳିଆ କରିଦେଲା । ସେ ଗାଆଁକୁ ଫେରିଗଲେ ଗାଆଁର ଲୋକମାନେ ତାଙ୍କୁ ପୂର୍ବପରି ଆଦରି ନେବେ ତ ? ଭାଇକୁଟୁମ୍ବମାନେ ପଚାରିବେ ତ ? ଏତେଦିନ ଧରି ସେ ଗାଆଁର କୌଣସି ଯାନିଯାତ୍ରା, ମେଳାମଉଛବରେ ଭାଗ ନେଇ ନାହାନ୍ତି । ଭାଇକୁଟୁମ୍ବଙ୍କ ଶୁଦ୍ଧିକ୍ରିୟା , ବିବାହ , ଏକୋଇଶା ଇତ୍ୟାଦିରେ ଅଂଶଗ୍ରହଣ କରି ନାହାନ୍ତି। ଗାଆଁର କୌଣସି ବେକାରୀ ଯୁବକଯୁବତୀଙ୍କ ପାଇଁ କର୍ମସଂସ୍ଥାନ ଅବା ଅନ୍ନସଂସ୍ଥାନ ଯୋଗାଡ଼ କରାଇ ନାହାନ୍ତି । ଗାଆଁର ବିକାଶ ପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରି ନାହାନ୍ତି । ଏବେ ସେ ଗାଆଁକୁ ଫେରିଲେ କାହାକୁ ମୁହଁ ଦେଖାଇବେ ?

ଦିବାକର ବାବୁ ଏ ପ୍ରକାର ଗୋଲକଧନ୍ଦାରେ ପଡି ବଡ଼ ଡହଳବିକଳ ହେଲେ ସତ ମାତ୍ର ଗାଆଁର ଆକର୍ଷଣକୁ ଭୁଲି ପାରିଲେ ନାହିଁ । ମାଟି ମାଆର ଡ଼ାକରାରେ ସେ ଦିନେ ସହର ଛାଡି ଗାଆଁରେ ପହଞ୍ଚିଲେ । ସମ୍ପର୍କୀୟ ଦାଦାଖୁଡ଼ିଙ୍କୁ ସବୁଦିନ ପାଇଁ ଗାଆଁରେ ରହିବା କଥା ଜଣାଇଲେ । ସମସ୍ତେ ତାଙ୍କ କଥାକୁ ଅବିଶ୍ୱାସ କଲେ ମଧ୍ୟ ସେ କିନ୍ତୁ ନଛୋଡବନ୍ଧା । ଶେଷରେ ଠିକ ସେଇଆ ହିଁ ହେଲା। ଶ୍ରୀପଞ୍ଚମୀ ଦିନ ଶୁଭ ବେଳ ଦେଖି ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଦେଲେ ଦିବାକର ବାବୁ। ଏପଟରେ ଘର ତୋଳା ଚାଲିଲା । ସେପଟରେ ଗାଆଁର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଦିବାକର ବାବୁ ଆନନ୍ଦ ଅନୁଭବ କରିବାକୁ ଲାଗିଲେ। ଗାଆଁ ଲୋକମାନଙ୍କ ସହ ମିଶିବସି , ହସଖୁସି ହୋଇ ସମୟ କଟାଇବା ସହିତ ଗାଆଁର ଉନ୍ନତି ପାଇଁ ଯୁବକମାନଙ୍କୁ ଏକାଠି କରି ପକେଟରୁ ଟଙ୍କା ଖର୍ଚ୍ଚ କରି ସମସ୍ତଙ୍କ ସହଯୋଗରେ କାମଗୁଡିକୁ ଆଗେଇ ନେଲେ । ତାଙ୍କ ପ୍ରତି ଲୋକମାନଙ୍କର ଥିବା ଭୁଲ ଧାରଣା ଧୀରେ ଧୀରେ ହ୍ରାସ ପାଇଗଲା । ସେ ଏବେ ଗାଆଁଟା ଯାକର ଅନ୍ୟ ଏକ ମୁରବି ପାଲଟି ଗଲେ।


ଦିବାକର ବାବୁଙ୍କ ଏ ପ୍ରକାର କାର୍ଯ୍ୟକଳାପ ସହରରେ ରହୁଥିବା ତାଙ୍କ ଗାଆଁର ଅନ୍ୟାନ୍ୟ ଲୋକମାନଙ୍କ କାନରେ ପଡିବା କ୍ଷଣି ସେମାନେ ସମସ୍ତେ ଏବେ ନିଜର ଶେଷ ଜୀବନ ଗାଆଁଭୂଇଁରେ କଟାଇବା ପାଇଁ ଗାଆଁ ମୁହାଁ ହେଲେଣି । ଗାଆଁରେ ଏବେ ପ୍ରାୟ ଦଶପନ୍ଦରଜଣ ସହରୀଆଙ୍କର ଘର ତୋଳା ଚାଲିଛି । ସେମାନେ ମଧ୍ୟ ଗାଆଁର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ଆନନ୍ଦ ଅନୁଭବ କରୁଛନ୍ତି । ଘର ତୋଳା ସରିବା ପରେ ଗାଆଁରେ ସମସ୍ତେ ଅବସ୍ଥାନ କଲେ ଗାଆଁର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରି ଗାଆଁର ନାଆଁକୁ ଉଚ୍ଚସ୍ଥାନକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲେଣି । ଏବେ ଗାଆଁରେ ସହର ଫେରନ୍ତାଙ୍କୁ ନେଇ ଗଢ଼ା ହେଲାଣି ' ମୋ ଗାଆଁ ମୋ ମାଟି ' ଅନୁଷ୍ଠାନ। ଏହି ଅନୁଷ୍ଠାନ ଜରିଆରେ କ'ଣ କରାଗଲେ ଗାଆଁର ବିକାଶ ହୋଇପାରିବ ସେଥିପାଇଁ କର୍ମତତ୍ପରତା ପ୍ରକାଶ ପାଇଛି । ଏହି ଅନୁଷ୍ଠାନର ଆର୍ଥିକ ପ୍ରୋତ୍ସାହନରେ ଗାଆଁର ବୟୋଜ୍ୟେଷ୍ଠ ଓ ଯୁବକମାନଙ୍କ ସହଯୋଗରେ ଚାଲିଛି ଗାଆଁର ଅଭିନବ ବିକାଶ ।

ଦିବାକର ବାବୁ ଖୁସି ହେଉଥିଲେ । ଏହି ସମୟରେ ସହରରେ ରହୁଥିବା ତାଙ୍କର ବାଲ୍ୟବନ୍ଧୁ ବୀରବର ଫୋନ କରି କହୁଥିଲେ ଏସନ ରଙ୍ଗର ପର୍ବ ହୋଲି କିପରି ଧୁମଧାମରେ ପାଳନ କରାଯିବ । ଦିବାକର ବାବୁ ଭାବପ୍ରବଣ ହୋଇ ଉଠୁଥିଲେ । ତାଙ୍କର ସେଦିନର ସାମାନ୍ୟ ସ୍ୱପ୍ନ ଯେ ଆଜି ଏକ ବିରାଟ ରୂପ ଧାରଣ କରିପାରିବ ଏକଥା ସେ କଳ୍ପନା କରିପାରୁ ନ ଥିଲେ । ସେ ହସୁଥିଲେ ଆଉ ହସୁଥିଲେ। ଏତେ ଦିନେ ସେ ଅନୁଭବ କରି ପାରୁଥିଲେ ଯେ ସେ ଏକ ମହାନ କାର୍ଯ୍ୟ କରିଛନ୍ତି । ସୂର୍ଯ୍ୟଙ୍କ ପରି ଦିବାକର ନ ହୋଇ ମଧ୍ୟ ସହରୀଆମାନଙ୍କ ମନରେ ସେ ଯେଉଁ ପହିଲି ସକାଳର କିରଣ ବୁଣିଛନ୍ତି ତାହା ସେମାନଙ୍କୁ ନୂତନ ଦିଗଦର୍ଶନ ଦେଇଛି । ମାତୃଭୂମିର ସେବା କରି ସେ ଏବେ ପାଲଟି ଯାଇଛନ୍ତି ମାତୃସେବକ । ମାତୃ କୃପା ଲାଭ କରି ସେ ହୋଇପାରିଛନ୍ତି ମାତୃପ୍ରସାଦ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

# ମାଟିର ଶୋକ

ପ୍ରଫୁଲ୍ଲ ବାରିକ



ଦିନ ନଅଟାରୁ ମାଡି ଆସିଲାଣି ଖରା ବାଘ ପରି । ଶ୍ରାବଣ ମାସର ଖରା ବଳଉଚି ବୈଶାଖକୁ । ସବୁଆଡ଼େ ଶୁଖା ଖଡ଼ ଖଡ଼, ଖାଁ ଖାଁ ।

ପଦନ ବିଲରୁ ଉଠି ପଦା ବରଗଛ ଛାଇରେ ବସିଲା । କପାଳର ଝାଳ ଠପ ଠପ ପଡୁଛି ନାକ ଦେଇ । ମଥାରୁ ଠେକା ଖୋଲି ପୋଛି ହେଲା । ପୁବେଇ ପବନ ବହୁଛି । ଶୀତଳ ପବନ ଦେହରେ ବାଜି କୁତୁକୁତୁ ଲାଗୁଚି । ଟିକେ ସୁସ୍ଥ ହେଇ ପଦନ ଅନେଇଲା ବିଲ ଆଡ଼େ । କାଁ ଭାଁ କୋଉଠି ଲୋକ । ଟ୍ରାକ୍ଟର ଯୋଡ଼େ ତିନିଟା ଦୂରରେ ଘେଡ଼େ ଘେଡ଼େ ହଉଚନ୍ତି। ଗୋଟା ବିଲ ଶୂନଶାନ, ଖାଁ ଗୋଡ଼ଉଚି । ଶ୍ରାବଣ ମାସ । ଲୋକବାକରେ ବିଲ ଉଛୁଳିବା କଥା । ଧୂଳି ଉଡୁଛି । ରଜ ପରେପରେ ଯିଏ ଯିମିତି ଦି'ମୁଠା ବୁଣିଥିଲେ, କି ତଳି ପକେଇଥିଲେ, ସେତକ ସବୁଜ ଦିଶୁଚି । ଗତ କାଲି ଭଲିକି ଅସରେ ହେଇଥିଲା । ଆଜି ଯୋଉ କଥାକୁ ସେଇକଥା । ତଳି ତିନି ପଉଟି ଛାଟି ଦେଇଥିଲା ମାଟି ବତର ଦେଖି ରଜ ପରେପରେ । ଗଛ ଚାଖଣ୍ଡେ ଲେଖା ଏବେ । ହଳଦିଆ ହେଇ ଆସୁଥିଲା ପାଣି ଅଭାବରେ । ବର୍ଷାପାଣି ପାଇ ଏବେ ଜୀବନ ପାଇଲା । ସିଆକୁ ଦେଖିବାକୁ ଯାଇଥିଲା ସକାଳୁ ଅଘସା ପାଟିରେ । ଯମି ତିନି ମାଣକୁ ସମ୍ବଳ ସେତକ । ପ୍ରଭୁ ବଂଚେଇ ଦେଲେ ।

ତିନି ଚାରି ବର୍ଷ ହବ ଚାଷ ଛାଡି ଥିଲା । ଭାଗକୁ ନଦବାର ଗତି ନଥିଲା । ହଳବଳତ ଗଲାଣି । ଟ୍ରାକ୍ଟର ଘଣ୍ଟାକୁ ଆଠଶ' । ମଣିଷ ମଜୁରୀ ଦିନକୁ ପାଁ'ଶ । ପାଇଲେ ତ ? ଏକା କରିବା ସମ୍ଭବ ନୁହେଁ ଏତେଗୁଡା ଜମିକୁ ଆଜିର ଦିନରେ । ଟୋକାଟା ରହିଲା ଯାଇ ସୁରତରେ। ତାକୁ, ନା ତା ପଇସାକୁ ଭରଷା। ସେଥିପାଇଁ ଭାଗରେ ଦେଇ ବସିଥିଲା ହାତଗୋଡ଼ ଯୋଡି। କରୋନା ନ ହୁଏ, ଛାଡିବା ପରେ ଏବର୍ଷ ଚାଷକୁ ନଓହ୍ଲାଏ । ଏବେ ଭାବୁଛି ଭୁଲ ହେଲା ଚାଷ ହାତକୁ ନେଇ । ବୀରାଟ ଭୁଲ । ଆଉ ଫେରିବାର ବାଟ ନାଇଁ । ଯାହା ଉପରେ ଭରଷା କରିଥିଲା, ହାଟ ମଝିରେ ବସେଇ ସିଏ ଛୁ' ମାରିଲା । ଏବେକୁ ସମ୍ପୂର୍ଣ ଏକଲା ସିଏ ।

ପାଞ୍ଚବର୍ଷ ହବ ଗଲାଣି ସୁରଟ । ଖାଇ ପିଇ କେତେବେଳେ କଣ ଦିଏ, ତାର ହିସାବ ନାଇଁ । କରୋନାରେ ଛାଡି ପଳେଇ ଆସିଥିଲା। ରହିଲା ପାଖାପାଖି ଦି'ବର୍ଷ । କହିଲା, ଆଉତ ଯିବାର ନାଇଁ, ଏବର୍ଷ ଚାଷ ହାତେ କରିବା । ତା'ରି ଉପରେ ଭରଷା ରଖି ବିଲ ଚଷିବାକୁ ତଳି ପକେଇଥିଲା । କମରରେ ଜୋର ପାଇଥିଲା ପୁଅକୁ ପାଖରେ ପାଇ । ଆଗକୁ ମାଡିବାକୁ ଶକ୍ତି ଆସୁଥିଲା । ଟ୍ରାକ୍ଟର ପକେଇ ଗାରେ ଗାରେ ଦେଇବି ଦେଇଛି ଜମି ସବୁକୁ। ହଠାତ ଆକାଶରୁ ପଡିବା ପରି ବାହାରିଲା ଯିବାକୁ । ପଚାରିବାରୁ କହିଲା, କମ୍ପାନୀ ଡାକିଛି। ଯିବାକୁ ହବ । ଯାଇ ଟଙ୍କା ପଠେଇଲେ ବିଲ ଉଠିଆ ହବ । କାମ ହାତଛଡା କଲେ ମିଳିବନି । କହିଲା ଓ ରାତି ପାହିଲା ବେଳକୁ ଛୁ' । ସେ ଯିବାପରେ ପୃଥ୍ୱୀ ଅନ୍ଧାର । ହଳବଳ ବୁଡିବାକୁ,ଖାଲି ହାତରେ ଜମି ତିନିମାଣ । ନିକୁଛିରେ ଟଙ୍କା ଦଶବାର ହଜାର ଦର୍କାର ସାର ମସଲା ନେଇ। କୋଉଠୁ ପାଇବ? ପୁଅ ପଠେଇବ, ସିଏ ଚାଷ କରିବ? ରାତି ଦିନ କଟୁଚି ଚିନ୍ତାରେ ଚିନ୍ତାରେ। ତା ଉପରକୁ ପ୍ରକୃତିର ଦାଉ । ଶ୍ରାବଣ ମାସରେ ନଡ଼ିଆ ଭାଙ୍ଗୁଛି ବିଲରେ । ତଳିଗୁଡା ଜଳିବା ଉପରେ ଥିଲା । କାଲି ଭଲକି ଅସରେ ହେଇଥିଲା ବୋଲି ବଞ୍ଚିଗଲା । ରାତିକ ଭିତରେ ବୁଲି ଆସିଛି ସବୁଜିମା । ଆଉ ଦିନ ଆଠଟାରେ ଉପୁଡିବ । ପ୍ରଭୁ ବଂଚେଇ ଦେଲେ । ହେଲେ ଏବେ କରିବ କଣ ? ତଳି ପ୍ରସ୍ତୁତକୁ ବଳ ନାଇଁ ରୁଆକୁ । କିଛି ବୁଦ୍ଧିବାଟ ଦିଶୁନି । ସବୁ ସେଇ ପ୍ରଭୁଙ୍କ ଇଛା । ଉଠି ଝାଡ଼ି ହେଇ ଗୋଡ଼ ବଢ଼େଇଲା ଗାଁ ଆଡ଼େ। ଅଘସା ପାଟିରେ ପେଟ ମୋଡିଲାଣି । ଶୋଷରେ ତଣ୍ଟି ଶୁଖି ଅଠା ଅଠା।

ପଦନ ମନକୁ ଗୋଟେ ଅଜବ ଅନୁଭବ ଛୁଉଁଚି । ଚାଷ ପ୍ରତିଯୋଉ ନିସା , ମାଟି ପ୍ରତି ଯୋଉ ଆଦର, ଆଉ ନାଇଁ ଲୋକଙ୍କର। ଚାଷ ହେଲାଣି ଏଣିକି ଗୋଟେ ସଉକର କାମ। ହେଲାତ ହେଲା, ନାଇଁତ ନାଇଁ । ନହେଲେଯେ କୁଳ ଭାସିଯିବ, ସିଏ ଭୟ ତୁଟିଲାଣି । ବରଂ ହେଲେ ବିକି କମେଇବେ କଞ୍ଚା ପଇସା । ନା ଅଛି ଖଳା, ନା ଅମାର ଓଳିଆ ସାଇତିବାକୁ । ବିଲେ ବିଲେ ବେପାରୀ। ସବୁ ମୂଳରେ ଟଙ୍କିକିଆ ଚାଉଳ । ପେଟ ପୁରିଲାତ ଚିନ୍ତା କଣ? ତା ଉପରକୁ, ରାତି ପାହିଲେ ଯିମିତି ଯୋଜନାମାନ, ପାଇବାକୁ ସିମିତି ଧାଉଁଛନ୍ତି ଲୋକେ ପାଗଳ ହେଇ। ଚାଷକୁ ସମୟ କାଇଁ? ବୁଝୁ ନାହାନ୍ତି ସବୁରି ମୂଳରେ ମେହେନତି । ମେହେନତି ନେଇ ଅମଳ । ଅମଳ ନଥିଲେ କଣ ଖସିବ ସରଗରୁ? ନା ବୁଝୁଛନ୍ତି ସରକାର, ନା ଚାଷୀ, ଜନସାଧାରଣ? ହଉ,ଦେଖାଯାଉ କୋଉ ପାଣି କୁଆଡେ ଯାଉଛି ।

ଦୁଆରେ ପାଦଶବ୍ଦରେ ଭିତରୁ ଘରଣୀଙ୍କ ଡାକ - ଶୁଣୁଚ, ଆଡ଼େ ଆସ । ଭଲ ଖବର।

'ଭଲ ଖବର, ନା ଚୋପା । 'ବିଳିବିଳେଇ ହେଇ ପଦନ ଗଲା ଭିତରକୁ।

--- ପୁଅ ଫୋନ କରିଥିଲା । ଟଙ୍କା ଦଶ ହଜାର ପଠେଇଚି ବ୍ୟାଙ୍କକୁ । କହିଛି, ବାପାଙ୍କୁ କହିବୁ ଯାଇ ନେଇ ଆସିବେ । ମୁଁ ଆର ସପ୍ତାହକୁ ଯାଉଛି । ଚାଷ ଆରମ୍ଭ କରି ଦେଇଥିବେ । ମୁଁ ପହଁଚିଲେ ଆଉ ଯାହା ।

ପଦନ ଆଁ'ଟା କରି ଅନେଇଛି । କଣ କହୁଛି କୁନା ବୋଉ! ସତରେ କଣ କୁନା ଫୋନ କରିଥିଲା? ପଠେଇଚି ଟଙ୍କା? ପଦନ କହିଲା, ମୋ ଅବସ୍ଥା ଦେଖି ଥଟ୍ଟା କରୁନୁତ? ସତ କହ ।

--- କହିଲି ପରା । ଯାଉନ ପଚାରିବ ବୁଟୁଙ୍କୁ। ତା'ରି ପାଖକୁ କରି ମୋତେ ଡାକିଥିଲା କଥା ହେବାକୁ । ମୁଁ କଣ ମିଛ କହୁଛି?

ପଦନକୁ ଅମାବାସ୍ୟା ଆକାଶରେ ଚାନ୍ଦ ଦିଶିଲା । ଦୁଃଖର ଅନ୍ଧାର ହଟି ଯିମିତି ବିଞ୍ଚି ପଡୁଛି ସୋରି ସୋରି ଜୋଛନା । ତା ଛାତି କୁଣ୍ଢେ ମୋଟ ହେଇଗଲା । ହାତଗୋଡ଼ ଆଉ ଆୟତ୍ତରେ ରହିଲେନି । ସାଙ୍ଗେ ସାଙ୍ଗେ ଧୋତିଟା ଗୋଡେଇ ହେଇ କାମିଜ ପକେଟରେ ବ୍ୟାଙ୍କ ବହି ପୁରେଇ ଗୋଡ଼ କାଢିଲା ଘରୁ । ତା ସ୍ତ୍ରୀ ପଛରୁ ଡାକୁଚି, ଦାନ୍ତ ଘଷି ରୁଟି ଦି'ଖଣ୍ଡ ଖାଇ ଦେଇ ଯାଅ । ଆସୁ ଆସୁ ଡେରି ହେବ । ବ୍ୟାଙ୍କ କାମ ।

--- ରଖ ତୋ ରୁଟି । ଆଗ ଟଙ୍କା । ପଛେ ଖିଆ ପିଆ । ମୋ ଚାଷ ଉଜୁଡି ଯାଉଥିଲା । ରକ୍ଷା ହେଇଗଲା । ଜାଣିନୁକି, ଚାଷ ତରତର, ବଣିଜ ମଠ ।

ପଦନ ଦି' ପାହୁଣ୍ଡରେ ଉଭାନ ହେଇଗଲା । ତା ସ୍ତ୍ରୀ ଦାଣ୍ଡରୁ ଆଖି ଫେରେଇ କହୁଥାଏ - ଚାଷ ପାଇଁ ପାଗଳ ଲୋକଟା ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# କେନ୍ଦୁଝର ଜିଲ୍ଲା ପରିଷଦ ସଭ୍ୟାଙ୍କୁ ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ

## ମାନବାଧିକାର କମିଶନ ଓ ମହିଳା କମିଶନଙ୍କ ହସ୍ତକ୍ଷେପ ଲୋଡିଲା ମହିଳାମୋର୍ଚ୍ଚା

ଭୁବନେଶ୍ୱର,୪/୦୯ (ନି.ପ୍ର): ବିଜେପିର ଜିଲ୍ଲା ପରିଷଦ ସଭ୍ୟାଙ୍କୁ ବିଜେଡି ବିଧାୟକଙ୍କ ଦୁର୍ବ୍ୟବହାର କରିବା ପ୍ରସଙ୍ଗକୁ ନିନ୍ଦା କରିଛି ମହିଳା ମୋର୍ଚ୍ଚା। ଏହାର ପ୍ରତିବାଦରେ ଆଜି ଭାରତୀୟ ଜନତା ପାର୍ଟିର ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ମାନବାଧିକାର କମିଶନର ଅଧକ୍ଷ ଓ ରାଜ୍ୟ ମହିଳା କମିଶନ ଅଧକ୍ଷାଙ୍କୁ ଭେଟି ଦାବିପତ୍ର ଦେବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଯଦି ଆସନ୍ତା ୪୮ଘଂଟା ଭିତରେ ଆନନ୍ଦପୁର ପୁଲିସ ଶ୍ରୀମତୀ ଅସୀମା ମିଶ୍ରଙ୍କ ତରଫରୁ ଦାୟର କରାଯାଇଥିବା ଏତଲାକୁ ରେଜିଷ୍ଟ୍ରର କରି ତଦନ୍ତକୁ ଆଗକୁ ନନିଏ ତେବେ ବିଜେପି ମହିଳା ମୋର୍ଚ୍ଚା କେନ୍ଦୁଝର ଜିଲ୍ଲା ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି।

ଗତ ୩୦ତାରିଖ ଦିନ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପଂଚାୟତ ସମିତିର ବୈଠକରେ ବିଜେପିର ୩ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଅସୀମା ମିଶ୍ର ପୂର୍ବ ସଭାର ବିବରଣୀ ଏବଂ ତାର କ୍ରିୟାନ୍ୱୟନ ସମ୍ପର୍କରେ ଜାଣିବା ପାଇଁ ଚାହିଁବାରୁ, ସଭାରେ ଉପସ୍ଥିତ ଥିବା ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ଅଶ୍ରାଭ୍ୟ ଭାଷା ପ୍ରୟୋଗ କରି ବୈଠକ ଛାଡି ଚାଲିଯିବା ପାଇଁ କହିଥିଲେ। ତତ୍କ୍ଷଣାତ୍ ଶ୍ରୀମତୀ ମିଶ୍ର ନିଜକୁ ଅସୁରକ୍ଷିତ ମନେ କରି ବୈଠକ ଛାଡି ଚାଲିଆସିଲେ। ଘଟଣା ସମ୍ପର୍କରେ ଲିଖିତ ଏତଲା ଏବଂ କେନ୍ଦୁଝର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଜଣାଇଥିଲେ ମଧ ଅଦ୍ୟାବଧି ଥାନା ଅଧିକାରୀ ଏବଂ ଉପରିସ୍ଥ ଅଧିକାରୀ ଘଟଣାକୁ ଗୁରୁତ୍ୱ ନଦେଇ ଶାସକ ଦଳ ବିଧାୟକଙ୍କ ଚାପରେ ଚାପି ଦେବା ପାଇଁ ଚେଷ୍ଟା କରୁଛନ୍ତି।

ଏହି ପ୍ରତିନିଧି ମଣ୍ଡଳୀରେ ବିଜେପି ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ନଦୀ ସୁରକ୍ଷା ସମିତି(ନମାମି ଗଙ୍ଗେ) ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ, ପୃଥ୍ୱୀରାଜ କଅଁର ଓ ଆଲୋକ କୁମାର ସେଠୀ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ନିୟତୀ ଗିରି, ରାଜ୍ୟ ମହିଳାମୋର୍ଚ୍ଚା କାର୍ଯ୍ୟକାରଣୀ ସଦସ୍ୟା କିରଣବାଳା ନାୟକ, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ପ୍ରଦୀପ କୁମାର ମହାନ୍ତ, ମହିଳାମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି, କେନ୍ଦୁଝର ଜିଲ୍ଲା ସାଧାରଣ ସଂପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥ ଜମି ଅଧିଗ୍ରହଣ ପାଇଁ ଦିଆଗଲାଣି ୮୮ଲକ୍ଷ କ୍ଷତିପୂରଣ

ଭୁବନେଶ୍ୱର ,୪/୦୯ (ନି.ପ୍ର): ଜାତୀୟ ରାଜପଥର ଜମି ଅଧିଗ୍ରହଣ ପାଇଁ ଜମି ମାଲିକଙ୍କୁ ପ୍ରାୟ ୮୮ କୋଟି ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଛି। ଏହାସହ ୧୪ ପ୍ରକଳ୍ପର ପ୍ରାୟ ୩ଶହ ହେକ୍ଟର ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୩ ଜାତୀୟ ରାଜପଥ ପ୍ରକଳ୍ପର ଆକଳନ ଶେଷ ହୋଇ ୨୨୫ ହେକ୍ଟର ପାଇଁ ୩୦୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜାତୀୟ ରାଜପଥର ଜମି ଅଧିଗ୍ରହଣ ସଂପର୍କିତ ସମୀକ୍ଷା ବୈଠକରୁ ସୂଚନା ମିଳିଛି। କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ରାଜପଥ ଜମି ଅଧିଗ୍ରହଣ କାର୍ଯ୍ୟକ୍ଷମ ହେଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଏହି ବେ?ଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ନିର୍ମାଣାଧୀନ ଜାତୀୟ ରାଜପଥ ପ୍ରକଳ୍ପ, ସମସ୍ତ ଅନୁମୋଦିତ ପ୍ରକଳ୍ପ ଓ ଅନ୍ୟାନ୍ୟ ଜାତୀୟ ରାଜପଥ ପ୍ରକଳ୍ପର ତ୍ୱରିତ ଜମି ଅଧିଗ୍ରହଣ ଉପରେ ଆଲୋଚନା ହୋଇଥିଲା। ଏହାସହ ଗତ ୩ମାସ ମଧରେ ବହୁ ଦାଖଲ ଖାରଜ ମାମଲା ହୋଇ ରେକର୍ଡ ସଂଶୋଧନ କରାଯାଇ ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର କରାଯାଇଛି। ସେହିପରି ଜାତୀୟ ରାଜପଥ ୨୬ରେ ନବରଙ୍ଗପୁରରୁ ବୋରିଗୁମ୍ମା ଓ ବରଗଡ଼ରୁ ବରପାଲ୍ଲୀ, ଜାତୀୟ ରାଜପଥ ୫୯ରେ ମୁଣ୍ଡମରାଇରୁ ରତନପୁର, ବ୍ରହ୍ମପୁର ବାଇପାସ, ଜାତୀୟ ରାଜପଥ ୪୯ରେ ଝାରସୁଗୁଡ଼ାରେ ଭୋଜପୁର, ଜାତୀୟ ରାଜପଥ ୧୫୭ରେ ଭଞ୍ଜନଗରରୁ ଆସ୍କା, ଜାତୀୟ ରାଜପଥ ୫୭ରେ ନୟାଗଡ଼ରୁ ଖୋର୍ଧା ଓ ସୋନପୁରରୁ ମାଧପୁର, ଜାତୀୟ ରାଜପଥ ୨୨୦ରେ ତିରିଙ୍ଗରୁ ରାଇରଙ୍ଗପୁର, ଜାତୀୟ ରାଜପଥ ମାଲକାନଗିରିରୁ ମୋଟୁ ମଧରେ ସମସ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ଜାତୀୟ ରାଜପଥ କାର୍ଯ୍ୟ ଆଗେଇ ଚାଲିଛି। ବିଭିନ୍ନ କ୍ଷେତ୍ରାଧିକାରୀଙ୍କୁ ଜାତୀୟ ରାଜପଥର ଲଘୁ ଖଣିଜ ସଂପଦର ଆବଶ୍ୟକତା ପାଇଁ ସାମୟିକଭାବେ ଲଘୁ ଖଣିଜ ଉତ୍ସ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ନିର୍ମାଣ କରୁଥିବା କଣ୍ଟ୍ରାକ୍ଟରମାନଙ୍କୁ ବେଆଇନ ଲଘୁ ଖଣିଜ ସଂପଦ ବ୍ୟବହାର ନ କରିବାକୁ ସଚେତନ କରିବାକୁ କୁହାଯାଇଛି। ଜମି ଅଧିଗ୍ରହଣ ସଂପୂର୍ଣ୍ଣ ପରେ ଅଧିକାରୀମାନେ ତୁରନ୍ତ କାମ ଆରମ୍ଭ ଓ ତ୍ୱରାନ୍ୱିତ କରିବା, ହିତାଧିକାରୀଙ୍କୁ ନିୟମ ଅନୁଯାୟୀ ପ୍ରାପ୍ୟ ବଣ୍ଟନ ପରେ ତତ୍କାଳ ଦାଖଲ ଖାରଜ ଫଇସଲା କରି ଜମି ହସ୍ତାନ୍ତର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବେ?ଠକରେ କେନ୍ଦ୍ରସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ, ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ କ୍ଷେତ୍ରାଧିକାରୀମାନେ ଯୋଗ ଦେଇଥିଲେ।

# ପୁରୀ ନୀଳାଚଳ ହାଟରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା

ଭୁବନେଶ୍ୱର,୪/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ପୁରୀସ୍ଥିତ ନୀଳାଚଳ ହାଟଠାରେ ଆୟୋଜନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ଜଡ଼ିତ ଥିବା ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି କରି ତାଙ୍କୁ ନିୟମିତ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ 'ପୋହି ୨୦୨୨-୨୩' ଯୋଜନାରେ ଏହା ଅନୁଷ୍ଠିତ ହୋଇଛି। ଏହି ମେଳାରେ ରାଜ୍ୟର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୦୦ ମହିଳା ବୁଣାକାର ଓ ସମ୍ବଲପୁରୀ ବସ୍ତ୍ରାଳୟ ଅଧୀନରେ କାମ କରୁଥିବା ୪୦୦ ଜଣ ମହିଳା ବୁଣାକାର ତାଙ୍କର ଉତ୍ପାଦିତ ଲୁଗା ବିକ୍ରି କରିବାର ସୁବିଧା ପାଇବା ସଙ୍ଗେ ସଙ୍ଗେ ରୋଜଗାର ପାଇପାରିବେ। ଏହା ସେମାନଙ୍କୁ ନିଜର କଳା ଓ କୌଶଳକୁ ଗ୍ରାହକମାନଙ୍କ ଆଗରେ ଉତ୍ଥାପନ କରିବା ସଙ୍ଗେ ସଙ୍ଗେ ସେମାନଙ୍କଠାରୁ ଡିଜାଇନର ଉନ୍ନତିକରଣ ଓ ରଙ୍ଗ ସଜ୍ଜା ଉପରେ ମତାମତ ପାଇପାରିବେ। ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ଼, କଟକ, ସୋନପୁର, ଆଠଗଡ଼, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ବୟନମଣ୍ଡଳମାନଙ୍କରୁ ୨୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରୟ କରିବା ପାଇଁ ଯୋଗଦାନ କରିଛନ୍ତି ତଥା ୧୧ଟି ହସ୍ତଶିଳ୍ପ କାରିଗର ଯୋଗଦାନ କରିଛନ୍ତି। ଏଥି ସକାଶେ ସେମାନଙ୍କୁ ୩୩ଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ନୀଳାଚଳ ହାଟରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗଙ୍କ ପ୍ରଚେଷ୍ଟାରେ ୨୦୨୨ ଜୁନ୍ ୧୦ରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ହସ୍ତତନ୍ତ ବୁଣାକାର/ସଂସ୍ଥା ଓ ହସ୍ତଶିଳ୍ପ କାରିଗର ଭାଗ ନେଇ ଯଥାକ୍ରମେ ୯୮.୪୮ ଲକ୍ଷ ଟଙ୍କା ଓ ୧୪.୯୬ ଲକ୍ଷ ଟଙ୍କା, ଏହିପରି ମୋଟ ୧୦୩.୪୪ ଲକ୍ଷ ଟଙ୍କାର କାରବାର କରିପାରିଛନ୍ତି, ଯାହାକି ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ। ଉକ୍ତ ଅବଧି ମଧରେ ଏକାମ୍ର ହାଟ ମଧକୁ ୧.୧୪ ଲକ୍ଷ ଲୋକ ଆଗମନ କରିଛନ୍ତି। ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ମେଳାରେ ଗ୍ରାହକମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଉତ୍ପାଦିତ ହସ୍ତତନ୍ତ ଲୁଗା ସୁଲଭ ମୂଲ୍ୟରେ ୧୦% ସରକାରୀ ରିହାତିରେ କିଣିପାରିବେ। ଏହାର ସୁଯୋଗ ନେବା ପାଇଁ ସମିତି ତରଫରୁ ଗ୍ରାହକମାନଙ୍କୁ ଅନୁରୋଧ କରାଯାଇଛି।

# ମିଛ କହି ରାଜନୀତିରେ ସଫଳ ହୋଇପାର ହେଲେ ଆର୍ଥିକ ସ୍ଥିତି ସୁଧରିବ ନାହିଁ : ପଂଚାନନ କାନୁନଗୋ

ଭୁବନେଶ୍ୱର,୪/୦୯ (ନି.ପ୍ର): ଦେଶର ଆର୍ଥିକ ସ୍ଥିତି ସଂଗୀନ ଥିବାବେଳେ ଏବଂ ସରକାରଙ୍କ ଆର୍ଥିକ ପରିଚାଳନା ନେଇ ଦେଶ ବିଦେଶରେ ପ୍ରସିଦ୍ଧ ଅର୍ଥଶାସ୍ତ୍ରୀମାନେ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ମିଥ୍ୟା ଓ ଆଧାରହୀନ ବିବୃତି ଦେଇ ଦେଶବାସୀଙ୍କ ବିଭ୍ରାନ୍ତ କରିବାର ଅପଚେଷ୍ଟା କରୁଛନ୍ତି। କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ ଏହି ଅଭିଯୋଗ କରିଛନ୍ତି। ଶ୍ରୀ କାନୁନଗୋ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଶାସନର ୮ବର୍ଷ ଭିତରେ ଦେଶର ଅର୍ଥନୀତି ତଳକୁ ତଳକୁ ଚାଲି ଯାଉଛି। ତଥାପି ବାହାଦୁରିଆଙ୍କ ବାହାଦୁରି ଛାଡୁ ନାହିଁ। ଏବେ କିଛିଦିନ ତଳେ କେନ୍ଦ୍ର ସରକାର ତାଙ୍କ ମିଛ ହିସାବ ଖାତା ଧରି ଏପ୍ରିଲ-ଜୁନର ଅଭିବୃଦ୍ଧି ହାର ୧୩.୫ ପ୍ରତିଶତ ହୋଇଥିବା କଥା ଘୋଷଣା କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ଏପରି ଢ଼ଙ୍ଗରେ ଏହାର ପ୍ରଚାର କଲେ ଯେ ସତେଯେପରି ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ଦୁଇ ଅଙ୍କ ବିଶିଷ୍ଟ ହେବ। ବାସ୍ତବରେ ସମସ୍ତ ହିସାବ ଦେଖିଲେ ଚଳିତ ବର୍ଷର ଅଭିବୃଦ୍ଧି ହାର ୭.୨ ପ୍ରତିଶତ ପାଖାପାଖି ହିଁ ରହିବ। ଯଦିଓ ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ବ୍ୟବସ୍ଥାକୁ ଦେଖି ଆନ୍ତର୍ଜାତିୟ ସଂସ୍ଥା ମୁଡିସ ଭାରତର ଅଭିବୃଦ୍ଧି ହାର ୬.୭ ପ୍ରତିଶତ ହେବ ବୋଲି ଆକଳନ କରିଛନ୍ତି। ଦେଶର ଅର୍ଥନୀତି ତଳିତଳାନ୍ତ ହେଉଛି, ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇ ଏବେ ପ୍ରାୟ ୮୦ଟଙ୍କାରେ ପଂହଚିଲାଣି। କିନ୍ତୁ କେନ୍ଦ୍ର ସରକାର ୫ ଟ୍ରିଲିୟନ ଅର୍ଥନୀତିର ସ୍ୱପ୍ନ ଦେଖାଇବାରେ ବ୍ୟସ୍ତ। ବର୍ତମାନ ହାରରେ ଯଦି ଅର୍ଥନୀତି ଗତିକରେ ତେବେ ପ୍ରଧାନମନ୍ତ୍ରୀଙ୍କୁ ଶହେ ବର୍ଷ ହେଲାବେଳକୁ ମଧ ୫ ଟ୍ରିଲୟନ ଅର୍ଥନୀତିରେ ପଂହଚିବା ବି ଅସମ୍ଭବ। ଡଲାର ହିସାବକୁ ନେଲେ ଗତ ବର୍ଷ ତୁଳନାରେ ଏ ବର୍ଷର ଅଭିବୃଦ୍ଧି ୭ ପ୍ରତିଶତ ମଧ ଟପିବ ନାହିଁ। ତ୍ରୈମାସିକ ହିସାବ ଅନୁସାରେ ଘରୋଇ ଉପଯୋଗିତାରେ ୨୫.୯ ପ୍ରତିଶତ, ପ୍ରତିରକ୍ଷା କ୍ଷେତ୍ରରେ ୨୬.୩ ପ୍ରତିଶତ, ଘରୋଇ ନିବେସ କ୍ଷେତ୍ରରେ ୨୦.୧ ପ୍ରତିଶତ, ଦେଶର ନିଜସ୍ୱ କ୍ଷେତ୍ର କୃଷି ଜଙ୍ଗଲରେ ୪.୫ ପ୍ରତିଶତ, ଖଣି କ୍ଷେତ୍ରରେ ୬.୫ ପ୍ରତିଶତ, ବିଦ୍ୟୁତ, ଗ୍ୟାସ ଓ ଜଳ ଆଦି କ୍ଷେତ୍ରରେ ୧୪.୭ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ଦେଖାଯାଇଛି। ଜିଏସ୍‌ଟି ଆୟ ମାସିକ ୧.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ବୋଲି ଯାହା କୁହାଯାଉଛି ତାହା କ୍ରୟ ବିକ୍ରୟ ପରିମାଣ ବୃଦ୍ଧି ପାଇଁ ନୁହେଁ ବରଂ ଉତ୍ପାଦ ଗୁଡ଼ିକର ମଲ୍ୟ ବୃଦ୍ଧି ହେତୁ ହୋଇଥାଏ ବୋଲି ଶ୍ରୀ କାନୁନଗୋ କହିଛନ୍ତି। ଦେଶରେ ବେକାରୀ ବଢୁଛି, ରୋଜଗାର କମୁଛି ଓ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। କେବଳ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ପାଇଁ ଆମ ରାଜ୍ୟ ମଧ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱର ଭାବରେ କ୍ଷତିଗ୍ରସ୍ତ ହେଉଛି ଓ ଓଡ଼ିଶାର ଜନସାଧାରଣ ଏହାର କୁ ପ୍ରଭାବରେ ହନ୍ତସନ୍ତ ହେଉଛନ୍ତି। ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଦୁଇରେ ଦୁଇ ମିଶିଲେ ୨୨ ବୋଲି ମିଛି ହିସାବ ଦେଉଛନ୍ତି। ଲୋକଙ୍କୁ ମିଛ କହି ପ୍ରଧାନମନ୍ତ୍ରୀ କ୍ଷମତାରେ ରୁହନ୍ତୁ ହେଲେ, ମିଛ ହିସାବ ଓ ଭେଳିକି ପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧିର ବିଭ୍ରାନ୍ତିକର ତଥ୍ୟ ଦେଇ ଦେଶର ଅର୍ଥନୀତିକୁ ଏପରି ଦୁର୍ଗତି ଆଡ଼କୁ ଟାଣି ନ ନିଅନ୍ତୁ ବୋଲି ଶ୍ରୀ କାନୁନଗୋ ମତବ୍ୟକ୍ତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ଓ ମୁଖପାତ୍ର ଅମୀୟ ପାଣ୍ଡବ ଉପସ୍ଥିତ ଥିଲେ।

# ରାଜସ୍ୱ ବିଭାଗ ତରଫରୁ ଜାତୀୟ ରାଜପଥ ଭୂ-ଅଧିଗ୍ରହଣ ସମୀକ୍ଷା ବୈଠକ

ଭୁବନେଶ୍ୱର,୪/୦୯ (ନି.ପ୍ର): ଭାରତ ସରକାରଙ୍କର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ତରଫରୁ ଓଡ଼ିଶାରେ ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟକ୍ଷମ ହେଉଥିବା ସମସ୍ତ ଜାତୀୟ ରାଜପଥର ଜମି ଅଧିଗ୍ରହଣ ସଂପର୍କିତ ସମୀକ୍ଷା ବୈଠକ ଓଡିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ସରକାରଙ୍କର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ, ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ କ୍ଷେତ୍ରାଧିକାରୀମାନେ ଯୋଗ ଦେଇଥିଲେ।

ବୈଠକରେ ଭାରତ ସରକାରଙ୍କର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀଗଣ ଗତ ୩ ମାସ ମଧରେ ବିଭିନ୍ନ ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବୈଠକରେ ସମସ୍ତ ନିର୍ମାଣାଧୀନ ଜାତୀୟ ରାଜପଥ ପ୍ରକଳ୍ପ, ସମସ୍ତ ଅନୁମୋଦିତ ପ୍ରକଳ୍ପ ଓ ଅନ୍ୟାନ୍ୟ ଜାତୀୟ ରାଜପଥ ପ୍ରକଳ୍ପର ତ୍ୱରିତ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ବ୍ୟତୀତ ଗତ ତିନି ମାସ ମଧରେ ବହୁ ଦାଖଲ ଖାରଜ ମାମଲା ହୋଇ ରେକର୍ଡ କରେକ୍ସନ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର କରାଯାଇଛି।

ସେହିପରି ଜାତୀୟ ରାଜପଥ ୨୬ରେ ନବରଙ୍ଗପୁରରୁ ବୋରିଗୁମ୍ମା ଓ ବରଗଡରୁ ବରପାଲ୍ଲୀ, ଜାତୀୟ ରାଜପଥ ୫୯ରେ ମୁଣ୍ଡମରାଇରୁ ରତନପୁର, ବ୍ରହ୍ମପୁର ବାଇପାସ, ଜାତୀୟ ରାଜପଥ ୪୯ରେ ଝାସରୁଗୁଡ଼ାରୁ ଭୋଜପୁର, ଜାତୀୟ ରାଜପଥ ୧୫୭ରେ ଭଂଜନଗରରୁ ଆସ୍କା, ଜାତୀୟ ରାଜପଥ ୫୭ରେ ନୟାଗଡରୁ ଖୋର୍ଦ୍ଧା ଓ ସୋନପୁରରୁ ମାଧପୁର, ଜାତୀୟ ରାଜପଥ ୨୨୦ରେ ତିରିଙ୍ଗରୁ ରାଇରଙ୍ଗପୁର, ଜାତୀୟ ରାଜପଥ ମାଲକାନଗିରିରୁ ମୋଟୁ ମଧରେ ସମସ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଜାତୀୟ ରାଜପଥ କାର୍ଯ୍ୟ ଆଗେଇ ଚାଲିଛି। ବିଗତ ସମୀକ୍ଷା ବୈଠକ ପରେ ରାଜ୍ୟରେ ଜାତୀୟ ରାଜପଥର ଜମି ଅଧିଗ୍ରହଣ ନିମନ୍ତେ ଜମି ମାଲିକମାନଙ୍କୁ ପାଖାପାଖି ୮୮ କୋଟି ଟଙ୍କା କ୍ଷତିପୂରଣ ବାବଦରେଦିଆଯାଇଛି। ସେହିପରି ୧୪ ପ୍ରକଳ୍ପର ହାରାହାରି ୩୦୦ ହେକ୍ଟର ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପଇସାରିଛି ଏବଂ ୧୩ ଜାତୀୟ ରାଜପଥ ପ୍ରକଳ୍ପର ଆକଳନ ସମାପ୍ତ ହୋଇ ୨୨୫ ହେକ୍ଟର ପାଇଁ ୩୦୯ କୋଟି ଟଙ୍କା ମଂଜୁର ହୋଇସାରିଛି। ବିଭିନ୍ନ କ୍ଷେତ୍ରାଧିକାରୀମାନଙ୍କୁ ଜାତୀୟ ରାଜପଥର ଲଘୁ ଖଣିଜ ସମ୍ପଦର ଆବଶ୍ୟକତା ନିମନ୍ତେ ସାମୟିକ ଭାବେ ଲଘୁ ଖଣିଜ ଉତ୍ସ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦବ୍ୟତୀତ, ଜାତୀୟ ରାଜପଥ ନିର୍ମାଣ କରୁଥିବା କଂଟ୍ରାକ୍ଟରମାନଙ୍କୁ ବେଆଇନ ଲଘୁ ଖଣିଜ ସମ୍ପଦ ବ୍ୟବହାର ନ କରିବାକୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ପରେ ଅଧିକାରୀମାନେ ତୁରନ୍ତ କାମ ଆରମ୍ଭ ଓ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ହିତାଧିକାରୀଙ୍କୁ ନିୟମ ଅନୁଯାୟୀ ପ୍ରାପ୍ୟ ବଣ୍ଟନ ପରେ ତତ୍କାଳ ଦାଖଲ ଖାରଜ ଫଇସଲା କରି ଜମି ହସ୍ତାନ୍ତର ଉପରେ ଗୁରୁତ୍ୱାରୋପ କରିଥିଲେ।

# ଜିଲ୍ଲାପାଳମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର,୪/୦୯ (ନି.ପ୍ର): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଶନିବାର ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧମରେ ଏକ ସମୀକ୍ଷା ବୈଠକ କରିଥିଲେ। ରାଜ୍ୟରେ ଜାରି ରହିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ଏବଂ ଭୋଟର ଫଟୋ ପରିଚୟ ପତ୍ର ପ୍ରସ୍ତୁତି ଓ ଏହାର ବଂଟନ, ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ, ଭୋଟର ତାଲିକାରେ ନୂତନ ଭୋଟର ଭାବେ ନାମ ଅନ୍ତର୍ଭୁକ୍ତ କରିବା ଆଦି କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାରର ଫର୍ମ ମୁଖ୍ୟାଳୟରୁ ନେବା ସଂପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ରାଜ୍ୟରେ ନୂତନ ଭୋଟରମାନଙ୍କ ପାଇଁ ପ୍ରସ୍ତୁତ ହୋଇ ରହିଥିବା ଭୋଟର ଫଟୋ ପରିଚୟ ପତ୍ରଗୁଡ଼ିକୁ ଆସନ୍ତା ୧୫ ତାରିଖ ସୁଦ୍ଧା ସଂପୃକ୍ତ ଭୋଟରମାନଙ୍କ ନିକଟକୁ ଡାକ ଯୋଗେ ପଠାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲୁରହିଥିବା ସମୀକ୍ଷା ବୈଠକରୁ ଜଣାପଡ଼ିଛି। ରାଜ୍ୟର ସମୁଦାୟ ଭୋଟର ୩ କୋଟି ୨୫ ଲକ୍ଷ ୬୧ ହଜାର ୯୮୦ ଜଣଙ୍କ ମଧ୍ୟରୁ ଆଜି ସୁଦ୍ଧା ୧ କୋଟି ୮୦ ଲକ୍ଷ ୩୭ ହଜାର ୯୨୮ ଜଣ ଭୋଟର ସେମାନଙ୍କର ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିଛନ୍ତି, ଯାହାକି ଶତକଡ଼ା ୫୫.୪୦ ଭାଗ ଭୋଟର ଆଧାର ନମ୍ବର ଭୋଟର ଫଟୋ ପରିଚୟ ସହ ଯୋଗ କରିଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି। ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଶ୍ରେଷ୍ଠ ୫ଟି ଜିଲ୍ଲାର ଜିଲ୍ଲାପାଳ ତଥା ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ପ୍ରଶଂସା କରିଛନ୍ତି। ସେହି ଜିଲ୍ଲାଗୁଡ଼ିକ ହେଉଛି ନବରଙ୍ଗପୁର (୭୫.୭୩%), ମାଲକାନଗିରି (୭୨.୯୭%), କଳାହାଣ୍ଡି (୬୯.୪୬%), ଅନୁଗୋଳ (୬୮.୬୯%) ଏବଂ ସୁବର୍ଣ୍ଣପୁର (୬୬.୪୪%) ଭୋଟର ସେମାନଙ୍କର ଆଧାର ନମ୍ବର ଭୋଟର ଫଟୋ ପରିଚୟ ପତ୍ର ସହ ସଂଯୋଗ କରିଛନ୍ତି। ରାଜ୍ୟର ସହରାଂଚଳରେ ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ଧୀମା ହେଉଥିବାରୁ ସେଠାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସଂପୃକ୍ତ ଜିଲ୍ଲାପାଳ/ଉପଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ନିମନ୍ତେ, ବିଶେଷ କରି, ଯୁବଭୋଟରମାନଙ୍କୁ ଭୋଟର ହେଲପ୍‌ଲାଇନ୍ ଆପ୍ ମାଧ୍ୟମରେ ନିଜେ ନିଜେ ଅନ୍‌ଲାଇନ୍‌ରେ ଏହି କାର୍ଯ୍ୟ କରିବା ସଂପର୍କରେ ବ୍ୟାପକ ଭାବେ ସଚେତନ କରିବା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱାରୋପ କରିଛନ୍ତି। ଭିଡ଼ିଓ କନ୍‌ଫରେନ୍ସି ମାଧମରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ସଂଘମିତ୍ରା ଶତପଥୀ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଏଏସ୍‌ଇ ଇଦ୍ରିଶ ଅଲ୍ଲି ଖାନ୍, ଏଏସ୍‌ଇ ଯୋଗେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ ଜିଲ୍ଲାରୁ ୨୨୧ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୪/୦୯ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ଶହ ଉପରକୁ ଆସିଛି। ଗତକାଲି ୧୭୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୨୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧରୁ ୧୨୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୯୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧରେ ୪୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୫ଟି ଜିଲ୍ଲାରୁ ୨୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୯ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧରେ ବାଲେଶ୍ୱର ଜିଲ୍ଲାରୁ ୨, ବରଗଡ଼ରୁ ୩, ଭଦ୍ରକରୁ ୨, ବଲାଙ୍ଗୀରରୁ ୩ ଜଣ, କଟକରୁ ୩୧ ଜଣ, ଢେଙ୍କାନାଳରୁ ୨ ଜଣ, ଗଞ୍ଜାମରୁ ୫, ଜଗତସିଂହପୁରରୁ ୫ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୧, କଳାହାଣ୍ଡି ଜିଲ୍ଲାରୁ ୩ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୪, କେନ୍ଦୁଝରରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୪୮, କୋରାପୁଟରୁ ୫, ମୟୂରଭଞ୍ଜରୁ ୪ ଜଣ, ନବରଙ୍ଗପୁରରୁ ୫ ଜଣ, ନୟାଗଡ଼ ଜିଲ୍ଲାରୁ ୮ ଜଣ, ନୂଆପଡ଼ାରୁ ୮, ପୁରୀରୁ ୪ ଜଣ, ରାୟଗଡ଼ାରୁ ୨, ସମ୍ବଲପୁରରୁ ୨ ଜଣ, ସୋନପୁରରୁ ୩, ସୁନ୍ଦରଗଡ଼ରୁ ୪୯ ଜଣ ଓ ଷ୍ଟେଟପୁଲରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ମାମଲା ରୁଜୁରେ ରାଜ୍ୟ ଆଗୁଆ : ଚାର୍ଜସିଟ୍ ଦାଖଲରେ ପଛୁଆ

ଭୁବନେଶ୍ୱର ,୪/୦୯ (ନି.ପ୍ର): ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି) ପକ୍ଷରୁ ରାଜ୍ୟର ଅପରାଧକୁ ନେଇ ୨୦୨୧ ମସିହାର ତଥ୍ୟ ପ୍ରକାଶ ପାଇଛି। ଏହି କ୍ରମରେ ଦୁର୍ନୀତିକୁ ନେଇ ମଧ ଏନ୍‌ସିଆରବି ରିପୋର୍ଟ ପ୍ରଦାନ କରିଛି। ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି ଯେ ରାଜ୍ୟରେ ଭିଜିଲାନ୍ସ, ଏସିବି ଓ ଲୋକାୟୁକ୍ତ ମାମଲା ରୁଜୁ ଓ ବାନ୍ଧିବାରେ ଯେତିକି ତତ୍ପରତା ଦେଖାଉଛନ୍ତି, ଚାର୍ଜସିଟ୍ ଦାଖଲ ଓ ଦଣ୍ଡାଦେଶ ହାରକୁ ନେଇ ସେତିକି ଶିଥିଳତା ପ୍ରକାଶ ପାଉଛି। ଯେଉଁଥିପାଇଁ ଦୋଷୀ ସାବ୍ୟସ୍ତ ହାରଠୁ ନିର୍ଦ୍ଦୋଷଙ୍କ ସଂଖ୍ୟା ଅଧିକ ରହିଛି। ଏନ୍‌ସିଆରବି ରିପୋର୍ଟ ଅନୁସାରେ ୨୦୨୧ରେ ରାଜ୍ୟରେ ୨୬୫ଟି ଦୁର୍ନୀତି ମାମଲା ରୁଜୁ ହୋଇଥିଲା। ତନ୍ମଧ୍ୟରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଉପରୋକ୍ତ ୩ତଦନ୍ତକାରୀ ଦଳ ଦେଶରେ ସର୍ବାଧିକ ୯୨ଟି ମାମଲା ରୁଜୁ କରିଥିବା ବେଳେ ଲାଞ୍ଚ ନେଉଥିବା ସମୟରେ ୯୮ଜଣଙ୍କୁ ଗିରଫ କରିଛି। ଅପରପଟେ ଯେଉଁ ଗତିରେ ଭିଜିଲାନ୍ସ, ଏସିବି ଓ ଲୋକାୟୁକ୍ତ ମାମଲା ରୁଜୁ କରୁଛନ୍ତି, ସେହି ହାରରେ ଦୁର୍ନୀତିର ତଦନ୍ତ କରିବାରେ ସମର୍ଥ ହେଉନାହାନ୍ତି। ଯେଉଁଥିପାଇଁ ଏବେ ରାଜ୍ୟରେ ପ୍ରାୟ ୧୫୯୦ଟି ଦୁର୍ନୀତି ମାମଲାର ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ ହୋଇପାରିନାହିଁ। ସେହିଭଳି କୋର୍ଟରେ ମଧ ଦଶନ୍ଧି ଦଶନ୍ଧି ଧରି ମାମଲା ଗଡୁଛି। ପୂର୍ବରୁ ୩୪୬୫ଟି ମାମଲାର ବିଚାର ଆରମ୍ଭ ହୋଇପାରିନଥିବା ବେଳେ ୩ତଦନ୍ତକାରୀ ସଂସ୍ଥା ଆଉ ୨୪୨ଟି ମାମଲାର ଶେଷ ଚାର୍ଜସିଟ୍ ଦାଖଲ କରିଥିଲେ। ଏହି କ୍ରମରେ ୩୭୦୫ଟି ମାମଲାର ବିଚାର ୨୦୨୧ ଶେଷ ସୁଦ୍ଧା ହେବାର ଥିଲା। ସେଥିମଧରୁ କୋର୍ଟରେ ମାତ୍ର ୧୪୬ଟି ମାମଲାର ଶୁଣାଣି ଶେଷ ହୋଇଛି। ତେଣୁ ୨୦୨୧ ଶେଷ ସୁଦ୍ଧା ଆହୁରି ୩୫୫୯ ମାମଲା ବିଚାରାଧୀନ ଭାବେ କୋର୍ଟରେ ପଡ଼ିରହିଛି। ସେହିଭଳି ରାୟ ପ୍ରକାଶ ପାଇ ୧୪୬ଟି ମାମଲାରୁ ମାତ୍ର ୩୭ଟି ମାମଲାରେ ଦଣ୍ଡାଦେଶ ମିଳିଛି। ୫୦ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ଦୋଷୀ ସାବ୍ୟସ୍ତ ହାରରେ ବିହାର ଦେଶରେ ଶୀର୍ଷରେ ରହିଥିବା ବେଳେ ତାମିଲନାଡୁ ୮୫.୭ପ୍ରତିଶତ ସହ ଦ୍ୱିତୀୟ ଓ ୮୨.୭ ପ୍ରତିଶତ ମଧପ୍ରଦେଶ ତୃତୀୟରେ ରହିଛନ୍ତି। ସେହିଭଳି ଶୂନ୍ୟ ସହନଶୀଳତାର କଥା କହୁଥିବା ଓଡ଼ିଶା ସରକାର ଦୁର୍ନୀତିଖୋରଙ୍କ ପ୍ରତି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାରେ ମଧ ବିଫଳ ହୋଇଛନ୍ତି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୨୧ରେ ୫୪୮ଜଣ ଦୁର୍ନୀତିଖୋର ଅଭିଯୁକ୍ତଙ୍କ ବିରୋଧରେ ଭିଜିଲାନ୍ସ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ୧୭୫ଜଣଙ୍କୁ ଗିରଫ କରିଛି। ସେଥିମଧରୁ ୪୬ଜଣ ଦୁର୍ନୀତିଖୋର୍ ଦଣ୍ଡିତ ହୋଇଥିବା ବେଳେ ୬୬ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଆଉ ଏହି ୪୬ଜଣ ଦୁର୍ନୀତିଖୋରଙ୍କ ମଧରୁ ୧୨ଜଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ବର୍ଷା ଜଳ ସଂରକ୍ଷଣ ପାଇଁ ନୂଆ ଯୋଜନା 'ଛତା'

ଭୁବନେଶ୍ୱର,୪/୦୯ (ନି.ପ୍ର): ନିଜର ପରିଚାଳନାଗତ ତ୍ରୁଟି ପାଇଁ ବର୍ଷା ଜଳ ସଂରକ୍ଷଣ ଯୋଜନାକୁ ସଫଳ କରିପାରିନଥିବା ରାଜ୍ୟ ସରକାର ଏବେ ପୁଣି ନୂଆ ବୋତଲରେ ପୁରୁଣା ମଦ ପୁରାଇ ନିଜର ପ୍ରଚାରପ୍ରସାର କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ 'କମ୍ୟୁନିଟି ହାର୍ଭେସିଙ୍ଗ ଆଣ୍ଡ ହାରଭେଷ୍ଟିଙ୍ଗ ରେନ ୱାଟର ଆର୍ଟଫିସିଆଲି ଫର୍ମ ଟେରାସ ଟୁ ଆକ୍ୱିଫାୟାର' (ଛତା) ନାମରେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ଗତକାଲି ଏନେଇ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ବିଧିବଦ୍ଧ ସଂକଳ୍ପ ଜାରି ହୋଇଛି। ତେବେ ଗତ ୫ବର୍ଷ ଧରି ସରକାରୀ କୋଠାରେ ବର୍ଷା ଜଳ ସଂରକ୍ଷଣ ଯୋଜନା କରିବାରେ ବିଫଳ ଥିବା ଜଳସମ୍ପଦ ବିଭାଗ ଏବେ 'ଛତା' ନାଁରେ ୫ବର୍ଷିଆ ଯୋଜନା ଆଣି ସଫଳ ହେଉଛି ନା କେବଳ ଅର୍ଥ ଶ୍ରାଦ୍ଧ କରୁଛି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ସଂକଳ୍ପ ଅନୁସାରେ ବର୍ଷା ଜଳ ସଂରକ୍ଷଣ ପାଇଁ 'ଛତା' ଯୋଜନା ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୨୭ଟି ସହର ଓ ୫୨ଟି ଜଳାଭାବ ରହୁଥିବା ବ୍ଲକର ମୋଟ ୨୯୫୦୦ ଘରୋଇ କୋଠା ଓ ୧୯୨୫ଟି ସରକାରୀ କୋଠାରେ ଏହି ବର୍ଷା ଜଳ ସଂରକ୍ଷଣ କରାଯିବ। ଏଥିପାଇଁ ୨୭୦କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଛି।

## ପରମ୍ପରାରେ ଗୁରୁ ଓ ସର୍ବପଲ୍ଲୀ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)ପ୍ରତ୍ୟେକ ଶିକ୍ଷାର୍ଥୀ ଜନ୍ମରୁ, ସର୍ବପ୍ରଥମେ ପିତାମାତାଙ୍କଠାରୁ ପ୍ରାରମ୍ଭିକ ଶିକ୍ଷା ପାଇଥାଏ। ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ । ପରେ ଶିଶୁଟି ଖଡି ଧରିବା ଆରମ୍ଭ କରିଥାଏ । ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ । ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ । ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ନୁହେଁ । ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ । ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା । ସୁନାଗରିକଭାବେ ଜୀବନ ନିର୍ବାହ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ, ବିଜ୍ଞାନ, କୌଶଳ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରିବା ଓ ପରିପାର୍ଶ୍ୱ ପ୍ରତି ସମ୍ବେଦନଶୀଳ ହେବାକୁ ସଚେତନ କରିବା ହେଉଛି ଶିକ୍ଷକଙ୍କ କାର୍ଯ୍ୟ । ଆନ୍ତର୍ବିଦ୍ୟା ଓ ବହୁବିଷୟକ ଗବେଷଣା ମାଧ୍ୟମରେ ପ୍ରଗତିଶୀଳ, ଜ୍ଞାନ ସମ୍ଭବ ପୋଷଣୀୟ ସମାଜ ନିର୍ମାଣ କରିବା ପାଇଁ ଉଦ୍ୟମ ଜାରିରଖିବାକୁ ଆଦର୍ଶ ଶିକ୍ଷକ ହିଁ ଚେଷ୍ଟା କରିଥାନ୍ତି। ସମସ୍ୟା ସମାଧାନ, ସମ୍ମାନବୋଧ, ନେତୃତ୍ୱ ପ୍ରଦାନ ତଥା ମିଳିତକାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟିକରି, ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ନୈତିକତା, ଗୁଣବତ୍ତା ପ୍ରତି ପ୍ରତିଶ୍ରୁତିବଦ୍ଧ କରାଇବା ମୁକ୍ତଚିନ୍ତା, ସର୍ଜନା, ଆବିଷ୍କାର ଓ ବୃତ୍ତିଗତ ଜନ୍ମତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତକରିବା ଓ ଚେତନାର ଉତ୍ତରଣ ମାଧ୍ୟମରେ ଜଗତକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବାପାଇଁ ଯେଉଁ ଶିକ୍ଷକ ମାନେ ଚେଷ୍ଟା ଚଳାଇଛନ୍ତି ସେମାନେ ଆଜି ବନ୍ଦନୀୟ ଓ ସ୍ମରଣୀୟ।

ଛାତ୍ରଛାତ୍ରୀମାନଙ୍କୁ ନୂତନ ଚିନ୍ତାଧାରା, ଜ୍ଞାନ ଆହରଣର ନୂତନମାର୍ଗ ମାଧ୍ୟମରେ ଗତିଶୀଳ ଜ୍ଞାନଭିତ୍ତିକ ଅର୍ଥନୀତି ସଂପର୍କରେ ସଚେତନ କରିବା ତଥା ସେମାନଙ୍କ ବୌଦ୍ଧିକ ରୂପାନ୍ତର ଆଜିର ପ୍ରତ୍ୟେକ ଗୁରୁଙ୍କ ପବିତ୍ର ଦିବସର କାମ୍ୟ ହେଉ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋ: ୯୦୪୦୧୫ ୧୪୭୫**

## ଆକାଶଛୁଆଁ ଦରଦାମ ଓ ବେକାରୀବୃଦ୍ଧି ବିରୋଧରେ ଜଳେଶ୍ୱର କଂଗ୍ରେସର ହୋଲ୍ଲାବୋଲ

ଜଳେଶ୍ୱର, ୦୪/୦୯ (ନି.ପ୍ର): ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଇବାତେଲର ଦରବୃଦ୍ଧି ଲୋକଙ୍କୁ ଅତିଷ୍ଠ କଲାଣି। ଏପରିକି ଚୁଡାମୁଢି, ଗୁଡ, ଗହମ, ଚାଉଳ ଓ କ୍ଷୀର ଉପରେ ଜିଏସ୍‌ଟି ଦ୍ୱାରା ଶୋଷଣ କରାଯାଉଛି । ଦିଲ୍ଲୀରେ ଏହା ବିରୋଧରେ ବିରାଟ ସମାବେଶ ହୋଇଥିବା ବେଳେ ଜଳେଶ୍ୱରରେ ଏପରି ହୋଲାବଲ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ବସ୍‌ଷ୍ଟାଣ୍ଡ ଠାରେ ଅନୁଷ୍ଠିତ ସଭାରେ ଗିରିଜା ଶଂକର ଦାସ ସଭାପତିତ୍ୱ କରିଥିଲେ । କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ବଡବଜାରରୁ ଯାଇଥିବା ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚିଥିଲା । ବିଜେପି ଓ ବିଜେଡି ସରକାରଙ୍କ ଜନବିରୋଧି ନିତୀ ବିରୋଧରେ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟସୁନ୍ଦର ଦାସ, ରିଆଜ ଖାଁ, ସୁଦାମ ପାତ୍ର, ହେମନ୍ତ ଗିରି, ପଦ୍ମଲୋଚନ ବେହେରା, ରାଧାରାଣୀ ପାତ୍ର, ଜଗନ୍ନାଥ ମହାପାତ୍ର, ସବ୍ୟାସାଚୀ ଦାସ, ଗୋପାଳକୃଷ୍ଣ ଜେନା, ବିରେନ୍ ଦେ, ଜଗଦିଶ ନନ୍ଦି, ସଂଜୟ ଦାସ, ମନୋଜ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦୁର୍ଘଟଣାରେ ଚାଲିଗଲେ ଟାଟା....

ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଲାଭ କରିବା ପରେ ଲଣ୍ଡନର ଏମ୍ପରିଆଲ କଲେଜ୍‌ରୁ ଇଞ୍ଜିନିୟରିଂ ଏବଂ ଲଣ୍ଡନ ସ୍କୁଲ ଅଫ୍ ବିଜନେସ୍‌ରୁ ସ୍ନାତକଓ୍ୱାର ଲାଗ କରିଥିଲେ।୧୯୯୧ ମସିହାରେ ନିଜ ପିତାଙ୍କ ଶପୁରଜୀ ପାଲୋନ୍‌ଜୀ ଗ୍ରୁପର ବୋର୍ଡ ଅଫ୍ ଡାଇରେକ୍ଟର ପଦରେ ଦାୟିତ୍ୱ ସମ୍ଭାଳିଥିଲେ। ଏହାର ୩ ବର୍ଷ ପରେ ତାଙ୍କୁ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଭାବେ ନିଯୁକ୍ତି ମିଳିଥିଲା। ତାଙ୍କ ନେତୃତ୍ୱରେ ଶପୁରଜୀ ପାଲୋନ୍‌ଜୀ କମ୍ପାନିର ଆୟ ୨ କୋଟି ଡଲାରରୁ ବଢ଼ି ୧୫ କୋଟି ଡଲାର ପହଞ୍ଚିଥିଲା। ମିସ୍ତ୍ରୀଙ୍କ ବିଚକ୍ଷଣ ପ୍ରତିଭା ଏବଂ ନମ୍ରତା ଆଚରଣ ଦେଖି ଟାଟା କମ୍ପାନର ମାଲିକ ରତନ ଟାଟା ତାଙ୍କ ଉପରେ ବେଶ୍ ପ୍ରଭାବିତ ହୋଇଥିଲେ।୨୦୧୨ ମସିହାରେ ସାଇରସ୍ ମିସ୍ତ୍ରୀ ଟାଟା ସନ୍‌ସର ଚେୟାରମ୍ୟାନ୍ ଭାବେ ନିଯୁକ୍ତି ପାଇଥିଲେ। ଏହା ସହିତ ଟାଟା ଏଲେକ୍ସି ଏବଂ ଟାଟା ପାୱାରର ନିର୍ଦ୍ଦେଶକ ପଦ ମଧ୍ୟ ସମ୍ଭାଳିଥିଲେ। ଗୋଟେ ସମୟରେ ସେ ଥିଲେ ରତନ ଟାଟାଙ୍କ ଅତି ପାଖ ଲୋକ। ତେବେ ପରବର୍ତ୍ତୀ ସମୟରେ ଉଭୟଙ୍କ ବିଚାରଧାରାରେ ପରିବର୍ତ୍ତନ ଦେଖାଦେଲା। ନିଯୁକ୍ତି ମିଳିବାର ଦୁଇ ବର୍ଷ ପରେ ସାଇରସ୍‌ଙ୍କୁ କମ୍ପାନିର ଚେୟାରମ୍ୟାନ୍ ପଦରୁ ହଟାଇ ଦିଆଯାଇଥିଲା।

### ଆଜାଦଙ୍କ ନୂଆ ଦଳର....

କଂଗ୍ରେସ ଭୁଲି ଯାଇଛି। କମ୍ପ୍ୟୁଟର୍ କିମ୍ବା ଟ୍ୱିଟ୍‌ରେ ନୁହେଁ ଆମ ଦ୍ୱାରା ଓ ଆମ ରକ୍ତରେ ତିଆରି ହୋଇଛି କଂଗ୍ରେସ। ଲୋକେ ଆମକୁ ବଦନାମ କରିବାକୁ ଚାହୁଁଛନ୍ତି କିନ୍ତୁ ସେମାନେ କେବଳ ଟ୍ୱିଟ୍‌ର ଓ କମ୍ପ୍ୟୁଟର୍‌ରେ ସୀମିତ। ଏହି କାରଣରୁ କଂଗ୍ରେସ ଆଜି ଆଗକୁ ବଢ଼ି ପାରୁ ନାହିଁ ବୋଲି ଗୁଲାମ ନବୀ କହିଛନ୍ତି। ଗୁଲାମ ନବୀ ଆଜାଦ ଅଗଷ୍ଟ ୨୬ରେ କଂଗ୍ରେସଠାରୁ ସମସ୍ତ ସମ୍ପର୍କ ତୁଟାଇ ଇସ୍ତଫା ଦେଇଥିଲେ। ଏଥିସହ କଂଗ୍ରେସ ଦଳର ଅବନତି ପାଇଁ ସେ ରାହୁଲ ଗାନ୍ଧିଙ୍କୁ ଦାୟୀ କରିଥିଲେ। ଗୁଲାମ ନବୀ ଆଜାଦ କଂଗ୍ରେସ ଛାଡିବା ପରେ ଆଜି ଜମ୍ମୁରେ ତାଙ୍କର ପ୍ରଥମ ବଡ ରାଲି କରିଥିଲେ । ଏହି ରାଲିରେ ପ୍ରାୟ ୨୦,୦୦୦ରୁ ଅଧିକ ଜନସମାବେଶ ହୋଇଥିଲା। ଏଥିସହ କଂଗ୍ରେସରୁ ଇସ୍ତଫା ଦେଇଥିବା ଅନେକ ନେତାମାନେ ମଧ୍ୟ ଏହି ରାଲିରେ ଯୋଗ ଦେଇଥିଲେ।

### ଆଇଆଇଟି ଦିଲ୍ଲୀର ହୀରକ....

ନେବା ପାଇଁ ଆଇଆଇଟି ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରୁ । ଆମର ଆତ୍ମବିଶ୍ୱାସ ବଢ଼ିଛି, ଆମେ ବିଶ୍ୱର ନେତୃତ୍ୱ ନେବା । ଶିକ୍ଷାନୁଷ୍ଠାନ ଶିଳ୍ପସଂସ୍ଥାକୁ ସଦୃଢ଼ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ ଓ ନୀତି ନିର୍ଦ୍ଧାରିକଙ୍କୁ ଏକବିଂଶ ଶତାବ୍ଦୀର ଆକାଂକ୍ଷାକୁ ପୂରଣ କରି ଭାରତକୁ ବିଶ୍ୱର ୧ ନମ୍ବର ଅର୍ଥନୀତି ଭାବେ ପରିଣତ କରିବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

### କଂଗ୍ରେସକୁ ପୁଣି ଝଟ୍‌କା....

ନେଇଛନ୍ତି। ଜମ୍ମୁ କଶ୍ମୀରର ଜଣେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ୮ ଜଣ ପୂର୍ବତନ ମନ୍ତ୍ରୀ, ଜଣେ ପୂର୍ବତନ ସାଂସଦ, ୯ ଜଣ ବିଧାୟକ ଏବଂ ବହୁ ସଂଖ୍ୟକ ପଞ୍ଚାୟତ ରାଜ ସଂସ୍ଥାର ସଦସ୍ୟ, ପୌରପାଳିକା ପରିଷଦ ଏବଂ ତୃଣମୂଳ ସ୍ତରର କର୍ମଚାରୀଙ୍କ ଇସ୍ତଫା ପରେ ଅଶୋକ ଶର୍ମା ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ଅଶୋକ ଶର୍ମା ରଜୌରୀ ଜିଲ୍ଲାର କାଲାକୋଟ ନିର୍ବାଚନମଣ୍ଡଳୀରୁ ୧୯୯୬ରେ ବିଧାନସଭା ନିର୍ବାଚନ ଜିତିଥିଲେ। ସେ କହିଛନ୍ତି, 'ମୁଁ ମୋର ଦଳକୁ ହୃଦୟରୁ ଭଲ ପାଉଥିଲି ଏବଂ ଏହାକୁ ଦଶନ୍ଧି ଧରି ତୃଣମୂଳ ସ୍ତରରେ ନିର୍ମାଣ କରିବାକୁ ସଂଗ୍ରାମ କରିଥିଲି।'

## ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଜରୁରୀ ବୈଠକ

ଭଦ୍ରକ,୦୪/୦୯ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିରେ ଏକ ବୈଠକ ଭଦ୍ରକସ୍ଥ ବାଇପାସ୍ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଅଧ୍ୟକ୍ଷତା କରି ନିମ୍ନ ସୂଚୀତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶ୍ରୀ ଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ପୂର୍ବ ବୈଠକର ବିବରଣୀ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ପାଠ କରିଥିଲେ। ପୂର୍ବ ବୈଠକ ବିବରଣୀ ଅନୁଯାୟୀ ସମିତିର ପ୍ରଥମ ବ୍ଲକ ସ୍ତରୀୟ ବୈଠକ ବାସୁଦେବପୁର ଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇ ବିକାଶ ଚନ୍ଦ୍ର ଶତପଥୀ ଓ ସଦାନନ୍ଦ ପାଣିଗ୍ରାହୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସେଠାରେ ପ୍ରଚାର ସମିତିର ଏକ ଶାଖା ସମିତି ଗଠନ କରିବାକୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥିର କରାଗଲା। ତିହିଡ଼ି ବ୍ଲକ ନିମନ୍ତେ କମଳାକାନ୍ତ ମଲ୍ଲିକ ଓ ସୁଧାକର ଧନୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସେମାନେ ଶାଖା ସମିତି ଗଠନ ନିମନ୍ତେ ସେବକ ଚୟନ କରାଯିବାକୁ ସ୍ଥିର କରିବେ। ସେହିପରି ବନ୍ତ ବ୍ଲକ ନିମନ୍ତେ ଶାଖା ସମିତି ଗଠନ ନିମନ୍ତେ ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ତ୍ରିଲୋଚନ ପଣ୍ଡା ଓ ପାତଞ୍ଜଳୀ କରଶର୍ମାଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଅନ୍ୟଏକ ପ୍ରସ୍ତାବରେ ପୁରୀ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ଚତୁର୍ପାର୍ଶ୍ୱ ପ୍ରଶସ୍ତିକରଣରେ ଭଙ୍ଗାଯାଇଥିବା ମଠ ମନ୍ଦିର ଗୁଡ଼ିକୁ ଯଥା ଶୀଘ୍ର ପୁନଃନବୀକରଣ କରିବା ସହ ଓଡ଼ିଶାରେ ଥିବା ଅନ୍ୟାନ୍ୟ ମଠ ମନ୍ଦିରର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଗଲା। ଏହି ବୈଠକରେ ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ପ୍ରଧାନ, ବିଷ୍ଣୁ ମୋହନ ପଣ୍ଡା, କାହ୍ନୁଚରଣ ଦାସ, ମନ୍ଦିର ପୂଜକ ସମେତ ଅନ୍ୟାନ୍ୟ ବହୁ ସେବକ ଯେଗାଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବାର୍ଷିକୋତ୍ସବ ପାଇଁ ଅମ୍ବିକା ମନ୍ଦିରରେ ପ୍ରସ୍ତୁତି ବୈଠକ

ଖଇରା, ୦୪/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଗୁରୁବାର ଦିନ ଅମ୍ବିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ପ୍ରଫୁଲ୍ଲ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଅକ୍ଟୋବର ମାସ ୭ତାରିଖରେ ଆୟୋଜିତ ହେବାକୁ ଥିବା ବାର୍ଷୀକୋତ୍ସବ ପାଇଁ ବିଷଦ ଆଲୋଚନା କରାଯାଇଥିଲା । ମୁଖପତ୍ର ଅପରାହ୍ନ ପାଇଁ ଲେଖା ସମ୍ପାଦକଙ୍କ ନିକଟକୁ ପଠାଇବାକୁ ସଦସ୍ୟ ମାନଙ୍କୁ ଅନୁରୋଧ କରାଯାଇଥିଲା । ଉତ୍ସବର ସୁପରିଚାଳନା ପାଇଁ ୧୫ତାରିଖ ବୈଠକରେ ସମସ୍ତ ସଦସ୍ୟ ଉପସ୍ଥିତ ରହିବାକୁ ସଭାପତି ନିବେଦନ କରିଥିଲେ । ସମ୍ପାଦକ ଶତ୍ରୁଘ୍ନ ଦାସ,ବାସୁଦେବ ପଣ୍ଡା, ସୁଦର୍ଶନ ରାଉତ, ମନମୋହନ ପାଢୀ, ନାରାୟଣ ପେଡା,ରବିନ୍ଦ୍ର ଚୌଧୁରୀ, ଉମାକାନ୍ତ ଭୁଜବଳ, ପରେଶ ଦକ୍ଷିଣରାୟ, ଦାମୋଦର ସେଣ୍ଠ,ତପନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସାଂସଦ ଆଦର୍ଶ ଗ୍ରାମ ପଂଚାୟତ ଘୋଷଣା : ଜଳେଶ୍ୱରରୁ ବରଡିହା

ଜଳେଶ୍ୱର, ୦୪/୦୯ (ନି.ପ୍ର): କୌଣସି ଅନୁନ୍ନତ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ଲକ୍ଷ ରଖି ଅଧିକ ବିକଶିତ କରିବାଲାଗି ସାଂସଦ ଆଦର୍ଶ ଗ୍ରାମପଂଚାୟତ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏଠାରେ କହିଛନ୍ତି । କିନ୍ତୁ ଏହା ସେ ଅଂଚଳବାସୀଙ୍କ ଇଚ୍ଛାଶକ୍ତି, କ୍ରିୟାଶକ୍ତି ଓ ଏକତା ବଜାଇ ରହିଲେ ସଂପୂର୍ଣ୍ଣ ହୋଇ ପାରିବ ବୋଲି ଶ୍ରୀ ଷଡଙ୍ଗୀ କହିବା ସହିତ ଜିଲାର ୨ଟି ଆଦିବାସୀ ବହୁଳ ବ୍ଲକର ୩ଟି ପଂଚାୟତକୁ ସେ ଏଥିରେ ସାମିଲ କରିଥିବା କହିଥିଲେ। ଜଳେଶ୍ୱରର ବରଡିହା ପଂଚାୟତରେ ଆୟୋଜିତ ସାଂସଦ ଆଦର୍ଶ ଗ୍ରାମପଂଚାୟତ ପାଇଁ ଯୋଜନା ଓ ଜନଶୁଣାଣୀ ବୈଠକରେ ସାଂସଦ ଶ୍ରୀ ଷଡଙ୍ଗୀ ହୋଯଗ ଦେଇଥିଲେ। ବାଲେଶ୍ୱର ଜିଲାର ଜଳେଶ୍ୱର ଓ ନିଳଗିରି ଦୁଇଟି ଆଦିବାସୀ ବହୁଳ ବ୍ଲକ ଓ ଅନୁନ୍ନତ ଅଂଚ ହୋଇଥିବାରୁ ୩ଟି ପଂଚାୟତକୁ ସେ ପୋଷ୍ୟଭାବେ ଗ୍ରହଣ କରିଥିବା କହିଥିଲେ । ଜଳେଶ୍ୱର ବ୍ଲକର ବରଡିହା, ନିଳଗିରି ବ୍ଲକର ପିଠାଅତା ଓ ଆରବନ୍ଧ ପଂଚାୟତକୁ ସେ ଗ୍ରହଣ କରିଥିବା କହିଥିଲେ । କିନ୍ତୁ ସ୍ଥାନୀୟ ଲୋକଙ୍କ ଇଚ୍ଛାଶକ୍ତି ଓ ଏକତା ତଥା କ୍ରିୟାଶକ୍ତି ଅଧିକ ହେଲେ ଏହା ସଫଳ ହୋଇ ପାରିବ ବୋଲି ସେ ସୂଚନା ଦେବା ସହିତ ଜନଭାଗୀଦାରୀ ପ୍ରତି ଗୁରୁତ୍ୱ ଦେଇଥିଲେ । ଏହି ୩ ପଂଚାୟତର ବ୍ଲକୁ ପ୍ରିଣ୍ଟ କରାଯାଇଥିବା ସଂପର୍କରେ ସେ ପ୍ରକାଶ କରିବା ସହିତ ଆଗାମୀ ଦିନରେ ଏହି ୩ ଅଂଚଳର ସର୍ବାଙ୍ଗୀନ ବିକାଶ ହେବା ସଂପର୍କରେ କହିଥିଲେ। ଏହି ଆଲୋଚନାଚକ୍ରରେ ଜିଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ଜଳେଶ୍ୱର ବ୍ଲକ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ମଣ୍ଡଳ ସଭାପତି ତରୁଣ ପଟନାୟକ, ଦିବ୍ୟେନ୍ଦୁ ଦାସ, ସୁଜୟ ଜେନାଙ୍କ ସହିତ ଅଂଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

## ବିହାରର ଯୁବକ ଜଳେଶ୍ୱରରୁ ଉଦ୍ଧାର : ପରିବାରକୁ ହସ୍ତାନ୍ତର



ଜଳେଶ୍ୱର, ୦୪/୦୯ (ନି.ପ୍ର): ଜଳେଶ୍ୱର ବଡବଜାରରୁ ବିହାରର ଜଣେ ମାନସିକ ବିକୃତ ଯୁବକକୁ ଉଦ୍ଧାର କରି ତାର ପରିବାରକୁ ହସ୍ତାନ୍ତର କରାଯାଇଛି । ଗତ ୨ ତାରିଖ ରାତିରେ ବଜାରରେ ସନ୍ଦେହଜନକଭାବେ ବୁଲୁଥିବା ଏହି ଯୁବକକୁ ଭୋଲାଭଣ୍ଡାରୀ ଅନ୍ନଦାତା ସଂଘର ପ୍ରମୁଖ ହରିଶଂକର ପଣ୍ଡା ଅଟକାଇ ତାର ପରିଚୟ ସଂପର୍କରେ ଜାଣିବାକୁ ଚାହିଁଥିଲେ । କଥାବାର୍ତ୍ତାରୁ ଯୁବକର ଘର ବିହାର ଅଂଚଳର ଜାଣିବାପରେ ସେ ମାନସିକ ରୋଗୀ ବୋଲି ଜାଣିବାପରେ ତା ନିକଟରୁ ଏକ ଫୋନ ନମ୍ବର ସଂଗ୍ରହ କରିଥିଲେ। ବିହାରର ହରିବିଶ ଗଞ୍ଜ ଥାନାର ମୋହନ ସାହାଙ୍କ ପୁଅ ରବିକୁମାର ସାହା(୨୩) ବୋଲି ଜାଣିବାପରେ ତାଙ୍କ ଭାଇ ରବିନ୍ ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ରବି କୁମାର ପେଶାରେ ଜଣେ ରୋଷେୟା ଓ ତାକୁ ନିଶା ସେବନ କରାଯାଇଥିବାର ପରିବାର ସୂତ୍ରରୁ ଜଣାପଡିଥିଲା । ଆଜି ତାର ବଡ ଭାଇ ରବିନ୍ ଓ ପରିବାର ଲୋକେ ତାକୁ ନେଇ ଯାଇଥିବା ଜଣାଯାଇଛି ।

## ବ୍ୟାଙ୍କ କର୍ମଚାରୀଙ୍କ ଅକାଳ ବିୟୋଗ

ଖଇରା, ୦୪/୦୯ (ନି.ପ୍ର): ଔପଦା ବ୍ଲକ ଫତେପୁର ପଞ୍ଚାୟତ ଫତେପୁର ଷ୍ଟେଟ ବ୍ୟାଙ୍କ କ୍ୟାଶିଅର ଅନିରୁଦ୍ଧ ମହାନ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ମୃତ ମହାନ୍ତି ଆଜି ସଂଧ୍ୟାରେ ବଜାରରୁ ବସା ଘରକୁ ଫେରୁଥିବା ସମୟରେ ରାସ୍ତା ପାଖରେ ଥିବା ଗଡିଆରେ ପଡିଯାଇଥିଲେ । ରାସ୍ତାରେ ଯାଉଥିବା ଲୋକ ଦେଖି ତାଙ୍କୁ ପାଣିରୁ ବାହାର କରି ଖଇରା ମେଡିକାଲକୁ ନେଇ ଆସିଥିଲେ । ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା । ତାଙ୍କର ଘର ବାଲେଶ୍ୱର ବଇଚା ଅଟେ । ମୃତ୍ୟୁ ମହାନ୍ତିଙ୍କ ର ବିଧବା ପତ୍ନୀ ସହିତ ୨ଝିଅ ୧ପୁଅ ଅଛନ୍ତି । ସେ ୨୩ ବର୍ଷ ଧରି ଫତେପୁର ଷ୍ଟେଟ ବ୍ୟାଙ୍କରେ କର୍ଯ୍ୟରତ ଥିଲେ । ତାଙ୍କ ମୃତ୍ୟୁରେ ସମ୍ପୃକ୍ତ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ସତ୍ୟନାଥ ମାଝୀଙ୍କ ଅକାଳ ବିୟୋଗରେ ଶୋକ

ବାଲେଶ୍ୱର,୦୪/୦୯ (ନି.ପ୍ର): ସିନ୍ଦୁରୀ ଅଞ୍ଚଳର ଜଣାଶୁଣା କଳାକାର, ସମାଜସେବୀ ତଥା ଯୁବ ସଂଗଠକ ଦିବଂଗତ ସତ୍ୟନାଥ ମାଝୀ (ବାବୁଲି)ଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ସ୍ଥାନୀୟ ସାଥ ଫେରେ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ କଳାକାର ତଥା ସମାଜସେବୀ ସୁଶାନ୍ତ ଶତପଥୀ ସଭାପତିତ୍ୱ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସାମ୍ବାଦିକ ସନ୍ଦୀପ୍ତ କୁମାର ଦାସ, ସାରଗାଁ ସରପଞ୍ଚ ସାବିତ୍ରୀ ଶତପଥୀ, ଅଜିତ ମହାକୁଡ଼, ଲକ୍ଷ୍ମୀଧର ସ୍ୱାଇଁ, ଦେବାଶିଷ ଦାଶ, ପୂର୍ବତନ ସରପଞ୍ଚ ଘନଶ୍ୟାମ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ମାଝୀଙ୍କ ଜୀବନାଦର୍ଶ ତଥା ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ମୋବାଇଲ ଚୋରି ଘଟଣାରେ ୨ ଗିରଫ

ପୁରୀ, ୦୪/୦୯ (ନି.ପ୍ର): ସହରରେ ମାତିଛନ୍ତି ମୋବାଇଲ ଚୋର । ପ୍ରତିଦିନ ସମୁଦ୍ରକୂଳ ଓ ବଡ଼ଦାଣ୍ଡରୁ ମୋବାଇଲ ଚୋରି ଘଟଣା ବୃଦ୍ଧି ପାଉଛି । ଗତ ୨ ତାରିଖ ଦିନ ମୋବାଇଲ ଚୋରି ଘଟଣାରେ ବଳିଆପଣ୍ଡା ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ଠାରୁ ୩ଟି ମୋବାଇଲ ଜବତ କରାଯାଇଛି । ଗ୍ରାମ୍ୟ ବ୍ୟାଙ୍କ ଛକର ଗୋବିନ୍ଦ ପ୍ରଧାନ ଏ ସଂପର୍କରେ ବଳିଆପଣ୍ଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପକ୍ଷରୁ ୧୧୨/୨୨ରେ ମାମାଲ ରୁଜୁ କରାଯାଇ ଘଟଣାର ଛନଭିନ କରାଯାଇଥିଲା । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହି ବିଧବା ଆଶ୍ରମ ଛକର ସନ୍ତୋଷ ବାରିକ (୨୦) ଓ ରବି ସାହୁ (୨୨)। ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଲିଙ୍ଗରାଜ ଷ୍ଟେସନର ନବୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହେବ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ଏକାମ୍ର ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ରେଳ ଷ୍ଟେସନର ନବୀନକରଣ ପାଇଁ ୨କୋଟି ୧୧ଲକ୍ଷ୍ୟ ବ୍ୟୟ ଅଟକଳରେ ଗତକାଲି ଟେଣ୍ଡର ପ୍ରକାଶ ପାଇଛି ଏବଂ ଖୁବ ଶୀଘ୍ର ଏହାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଆରମ୍ଭ ହେବ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସ୍ଥାନୀୟ ଜନସାଧାରଣ ବିଶେଷଭାବରେ ବରିଷ୍ଠ ନାଗରିକ ମାନଙ୍କ ଆଗ୍ରହ କ୍ରମେ ଏକାମ୍ର ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ରେଳ ଷ୍ଟେସନର ନବୀନକରଣ ପାଇଁ ପ୍ରୟାସ କରିଆସୁଥିଲୁ କ୍ଷ ଏହି ପରିପ୍ରେକ୍ଷୀରେ ୨କୋଟି ୧୧ଲକ୍ଷ୍ୟ ବ୍ୟୟ ଅଟକଳରେ ଗତକାଲି ଟେଣ୍ଡର ପ୍ରକାଶ ପାଇଛି । ଏହି କାରଣରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏ ସମ୍ପର୍କରେ ଆଜି ଏକ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ସମସ୍ତେ ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ସ୍ଥାନୀୟ ନେତୃତ୍ୱ ସୁଭାଷିନୀ ପୃଷ୍ଟି କର୍ପୋରେଟର-ମଧୁସ୍ମିତା ପ୍ରଧାନ, କର୍ପୋରେଟର ଶିବାନନ୍ଦ ରାୟ ସମସ୍ତ ବରିଷ୍ଠ ନାଗରିକ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ ।

## ବିଜେଡି ଶାସନରେ ମହିଳା ବିପଦରେ, ସରକାରଙ୍କୁ ଘେରିବ ମହିଳାମୋର୍ଚ୍ଚା : ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ୨୩ ବର୍ଷର ନିରୁଙ୍କଶ ଶାସନ ପରେ ମଧ୍ୟ ଓଡିଶାର ମା ଓ ଭଉଣୀମାନେ ନ୍ୟାୟ ପାଇବା ସାତ ସ୍ୱପ୍ନ। ଏନସିଆରବି ରିପୋର୍ଟ-୨୦୨୧ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ରାଜ୍ୟରେ ମହିଳା ବିରୋଧୀ ହିଂସା, ମହିଳା ଅପହରଣ, ମହିଳା ଅସଦାଚରଣ, ବଳାତ୍କାର, ନାବାଳିକା ଯୌନ ନିର୍ଯ୍ୟାତନା, ମହିଳା ଉତ୍ପୀଡନ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି। ନାରୀ ସଶକ୍ତିକରଣର କଥା କହି ମିଛ ବାହାସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛି। ଏନେଇ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ଆଗାମୀ ଦିନରେ ଏହି ବିରୋଧରେ ଆନ୍ଦୋଳନ ପର୍ଯ୍ୟାୟ କ୍ରମରେ କରିବ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ସୂଚନାଥାଉ କି, ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ବ୍ୟବସ୍ଥା ଓ ପକ୍ଷପାତିତା କାରଣରୁ ଲୋକେ ଆଇନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇ ବସିଛନ୍ତି। ଓଡ଼ିଶାରେ ମହିଳା ଅସୁରକ୍ଷିତ ଥିବାରୁ ଭାରତୀୟ ଜନତା ପାର୍ଟିର ମହିଳା ମୋର୍ଚ୍ଚା ପକ୍ଷରୁ ଗତ ୬ ଓ ୭ ତାରିଖ ଦୁଇଦିନ ଧରି ସଭା କରି ଏନସିଆରବି ରିପୋର୍ଟ ତର୍ଜମା କବାର ନିଷ୍ପତି ହୋଇଥିବା ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ସେହିପରି ମହିଳାମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୭ ଓ ୮ତାରିଖ ଦିନ ମହିଳା ଯାତ୍ରା ଓ ସାଧାରଣ ସଭା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମଣ୍ଡଳ ସ୍ତରରେ ଦସ୍ତଖତ ଅଭିଯାନ କରିବାର ନିଷ୍ପତି ହୋଇଛି।

## ଦୃଷ୍ଟିହୀନ ବିଦ୍ୟାଳୟର ପିଲାମାନଙ୍କ ଗହଣରେ ଜନ୍ମଦିନ ପାଳିଲେ ସବ୍ୟସାଚୀ

ନୀଳଗିରି,୦୪/୦୯ (ନି.ପ୍ର): ନୀଳଗିରିର ଯୁବସମାଜସେବୀ ସବ୍ୟସାଚୀ ମହାପାତ୍ର (ଟୁବୁଲୁ) ୩୯ତମ ଜନ୍ମଦିନ ବାଲେଶ୍ୱର ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ପିଲାମାନଙ୍କ ଗହଣରେ କେକ୍ କାଟି ଜନ୍ମଦିନ ପାଳନ କରିବା ଏକ ନିଆରା ଢ଼ଙ୍ଗରେ ପାଳନ କରିଥିଲେ। ଏହି ଅବସରରେ ଦୃଷ୍ଟିହୀନ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କେକ୍ ବଂଟନ କରିଥିଲା ବେଳେ ସମସ୍ତ ପିଲାମାନଙ୍କ ପାଇଁ ରାତ୍ରିଭୋଜନର ବ୍ୟବସ୍ଥା କରିଥିଲେ । ଏଥିପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖୁବ୍ ମଜା ଉଠାଇଥିଲେ। ଅନୁରୂପଭାବେ ୩୯ତମ ଜନ୍ମଦିନ ପାଳନ ଉପଲକ୍ଷେ ନୀଳଗିରିରେ ଥିବା ଅଲସିଜିନ୍ ସ୍ୱଟସ କ୍ଲବ ପକ୍ଷରୁ ପୋଷ୍ଟ ଅଫିସ ନିକଟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଓ ଅସ୍ତ୍ରପଚାର କରାଯାଇଥିଲା । ଏହି ଶିବିରକୁ କ୍ଲବର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପାତ୍ର ଉଦଘାଟନ କରିଥିଲେ। ୧୨୭ଜଣ ରୋଗୀ ପଂଜୀକରଣ କରିଥିବା ବେଳେ ୩୨ଜଣ ରୋଗୀଙ୍କ ଠାରେ ମୋତିଆବିନ୍ଦୁଚିହ୍ନଟ କରାଯାଇଥିଲା । ସେମାନଙ୍କୁ ଅସ୍ତ୍ରପଚାର ପାଇଁ ବାଲେଶ୍ୱର ଲାୟନସ ଚକ୍ଷୁହସପିଟାଲ କୁ ପଠାଯାଇଥିଲା । କ୍ଲବର ସଭ୍ୟ ସବ୍ୟସାଚୀ ମହାପାତ୍ର, ନିଗମ ମହାପାତ୍ର, ଶିବୁସିଂ, ପ୍ରତାପ ସେଠୀ, କମଳଲୋଚନ ମିଶ୍ର, ମନୋରଂଜନ ବେହେରା, ଚିନ୍ମୟ ମହାପାତ୍ର, ଭବାନୀ ରଣା ସମେତ କ୍ଲବର ଅନ୍ୟସଦସ୍ୟମାନେ ସହଯୋଗ କରିଥିଲେ । ଯୁବ ସମାଜ ସେବୀ ସବ୍ୟସାଚୀ ମହାପାତ୍ରଙ୍କ ଜନ୍ମଦିବସରେ ଏଭଳି କାର୍ଯ୍ୟକ୍ରମକୁ ବାଲେଶ୍ୱର ତଥା ନୀଳଗିରି ର ବୁଦ୍ଧିଜୀବୀ ତଥା ଜନସାଧାରଣ ଭୂୟସୀ ପ୍ରଶଂସା କରିଛନ୍ତି ।



## ସାମ୍ବାଦିକଙ୍କ ଗାଡ଼ିକୁ ଧକ୍କା : ଅବସ୍ଥା ଗୁରୁତର

ଖୋର୍ଦ୍ଧା, ୦୪/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ଈଶ୍ୱର ଚଂଦ୍ର ମଙ୍ଗରାଜ ଓ ପୂର୍ବତନ ସ୍ୱାସ୍ଥ୍ୟ ସେବା, ଶିକ୍ଷ୍ୟା ଚିକିତ୍ସା ପର୍ଯ୍ୟବେକ୍ଷକ, ଗତ ୨୬,୮,୦୨୨ ସନ୍ଧ୍ୟା ସମୟ, ପ୍ରାୟ ୭ ଟାରେ ତାଙ୍କ ଜଣେ ବନ୍ଧୁ କଳିଙ୍ଗ ବିହାର ଭୁବନେଶ୍ୱର ଖୋର୍ଦ୍ଧା ମଝିରେ ଦେଖା କରିବାକୁ ଯାଇ ଖୋର୍ଦ୍ଧା ମକୁନ୍ଦ ପ୍ରସାଦ ଏକ ସମ୍ବାଦ ସଂଗ୍ରହ କରିବାକୁ ଆସୁଥିଲେ। ଫେରିବା ସମୟରେ ମକୁନ୍ଦ ପ୍ରସାଦ ପିତାପଲି ମଝି ଛକ ପାଖେ ଏକ ଫୋନ ଆସିବାରୁ ସେ ବାମ ପଟେ ଗାଡ଼ି ସାଇଡି କରି ଠିଆ ହୋଇଥିଲେ ଫୋନ୍ ଉଠାଇବା ପାଇଁ । ଏହି ସମୟରେ ଜଣେ ଯୁବକ ଏକ ବୁଲେଟ ଆଣି ମାଡ଼ କରିଥିଲା ତାଙ୍କ ଗାଡିକୁ । ତାଙ୍କ ସଂଗେ ତାଙ୍କ ସ୍ତ୍ରୀ ପଛରେ ବସିଥିଲେ । ଗାଡି ଧକାରେ ମଙ୍ଗରାଜ ଗାଡିରୁ ଛିଟିକି ପଡ଼ିଥିଲେ ଓ ତାଙ୍କ ସ୍ତ୍ରୀ ବିନୋଦିନୀ ମଙ୍ଗରାଜ ବହୁ ଦୂର ଛିଟିକୀ ନାଳରେ ପଡ଼ି ମୂର୍ଚ୍ଛା ହୋଇଯାଇଥିଲେ। ତାଙ୍କ ମୁଣ୍ଡ ହେଲମେଟ ଫିତା ଛିଡି ବାହାରି ଯାଇଥିଲା । ତାଙ୍କ ମୁଣ୍ଡ ଆଘାତ, ଲାଗିବା ସହ ଡ଼ାହାଣ ହାତ ପାପୁଲି ଆଙ୍ଗୁଠି କଟି ରକ୍ତ ବାହାରୁଥିଲା । ସ୍ଥାନୀୟ ଯୁବକ ଦେଖି ଗଙ୍ଗପଡ଼ା ଓ ପିତାପଲ୍ଲୀ ଯୁବକ ତାଙ୍କ ସ୍ତ୍ରୀକୁ ଖୋର୍ଦ୍ଧା ମୂଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ। ନିକଟରେ କାଗଜରେ ଖୋର୍ଦ୍ଧା ବ୍ଲକ୍‌ରେ କ୍ରସରରୁ ସ୍ଥାନୀୟ ରାଜସ୍ୱ ବିଭାଗ ହାକିମ ବହୁ କ୍ରସର ମାଲିକ୍‌ଙ୍କୁ ଡକାଇ, ଧମକ ଚମକ ଦେଖାଇ, ହଇରାଣ କରୁଥିଲେ। ଏହି ଖବର ମଙ୍ଗରାଜ ବାହାର କରିଛନ୍ତି ବୋଲି ସନ୍ଦେହ କରି ଜଣେ ରାଜସ୍ୱ ଅଧିକାରୀ ତାଙ୍କୁ ଅନ୍ୟ ଜଣେ କର୍ମଚାରୀ ଦ୍ୱାରା ଧମକ ଦେଉଥିଲେ । ଧକା କରୁଥିବା ଲୋକକୁ, ଉପସ୍ଥିତ ଲୋକ ଧରିବା ପାଇଁ ଚେଷ୍ଟା କରିଥିଲେ ମାତ୍ର ସେ ଗାଡି ଧରି ପଳାଇ ଥିଲା। କିଛି ଲୋକ ତାଙ୍କୁ ଚିହ୍ନି, ଥିବା କହୁଥିଲା ବେଳେ ତାଙ୍କ ହେଲମେଟ ମାସ ଲଗାଇ ଥିବାରୁ ଭଲ ଭାବେ ଜାଣି ନ ଥିଲେ ମଧ୍ୟ, ସେ ଖୋର୍ଦ୍ଧା ନବିନା ବାଗ ଲୋକ ବୋଲି ସନ୍ଦେହ। ମଙ୍ଗରାଜ ଘର ଖୋର୍ଦ୍ଧା ପାଖ । ପିତାପଲ୍ଲୀ ଚନ୍ଦକା ଛକ ପୋଲିସ ତାକୁ ଦେଖି ଛାଡ଼ି ଦେଇଥିଲେ। ତାର ଲୋକ ତାକୁ ଆସି ଖୋଜୁଥିବା ସେଠୀ ଉପସ୍ଥିତ ଲୋକଙ୍କ ଠାରୁ ପ୍ରକାଶ। ମଙ୍ଗରାଜ ସ୍ତ୍ରୀ ବିନୋଦିନୀ ମଙ୍ଗରାଜ ରାଜଧାନୀ ଡାକ୍ତଖାନାକୁ ଯାଇ ମୁଣ୍ଡ ସ୍କାନିଂ କରିଥିଲେ । ଡାକ୍ତର କହିବା ଅନୁଯାଇ ମାସେ ରେଷ୍ଟ ଓ ଔଷଧ ଖାଇଲେ ଭଲ ହୋଇ ଯିବ। ବର୍ତ୍ତମାନ ଅବସ୍ଥା ସ୍ଥିର ଅଛି। ଖୋର୍ଦ୍ଧା ପୋଲିସ ଓ ଜଟଣୀ ପୋଲିସ ମିଳିତ ଚଢାଉ କରି, ପାଖରେ ଥିବା ସିସିଟିଭି ଦ୍ୱାରା ୨୬.୮.୦୨୨ ସଂଧ୍ୟା ୬ଟାରୁ ରାତି ୮ଟା ଚେକ କଲେ ଠିଆ ହୋଇ ଥିବା ଲୋକକୁ କିଏ କାହିଁକି ଧକା ଦେଲା ଜଣାପଡ଼ିବ । ଦୁର୍ଘଟଣା ନା ସାମ୍ବାଦିକ ଉପରେ ଆକ୍ରୋଶ ଶିକାର । ଖଣି ଖାଦନ ଓ କ୍ରସରରୁ ସ୍ଥାନୀୟ ରାଜସ୍ୱ ବିଭାଗ ନାମରେ କିଏ ଖବର କେଉଁ କାଗଜରେ ବାହାର କଲା ମଙ୍ଗରାଜ ଉପରେ ଦାଉ ସାଜିଲେ । ଖୋର୍ଦ୍ଧା ଜିଲ୍ଲାପାଳ ଓ ଏସପି ଖୋର୍ଦ୍ଧା ତଦନ୍ତ କରିବା ଆବଶ୍ୟକ। ଈଶ୍ୱର ମଙ୍ଗରାଜ ଘର୍ କାଇପଦର ଗ୍ରାମ ପାହାଡ ଓ କ୍ରସର, ଜଗନାଥ ଅଞ୍ଚଳରେ। ସେ ବରିଷ୍ଠ ନାଗରିକ ଓ ବରିଷ୍ଠ ନିରପେକ୍ଷ ସାମ୍ବାଦିକ ଓ ଖୋର୍ଦ୍ଧା ପ୍ରତିଷ୍ଠିତ ଲୋକ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପ୍ରେରଣା ଦିବସ

ବାଲେଶ୍ୱର,୦୪/୦୯ (ନି.ପ୍ର): ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର 'ପ୍ରେରଣା ଦିବସ'ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସଭାଗୃହରେ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠାରେ କ୍ରିୟାନୁଷ୍ଠାନ କମିଟିର ଅବଦାନ ଇତିହାସ ହୋଇ ରହିବ ବୋଲି ମତ ଦେଇଥିଲେ। ଭୁବନେଶ୍ୱରରେ ଗଣଧାରଣା, ବାଲେଶ୍ୱରରେ ବରିଷ୍ଠ ସଦସ୍ୟଙ୍କ ୭ଦିନ ବ୍ୟାପୀ ଆମରଣ ଅନଶନ, ଭୁବନେଶ୍ୱରରୁ ଫେରୁଥିବା ଗଣଧାରଣାକାରୀଙ୍କ ବସ୍ ଦୁର୍ଘଟଣାରେ ଆହତମାନଙ୍କ ତ୍ୟାଗକୁ ବାଲେଶ୍ୱରବାସୀ କେବେ ଭୁଲିପାରିବେ ନାହିଁ। ଲଗାତର ଉଦ୍ୟମ କରି ସଫଳତା ପାଇବା ଏକ ବିରଳ ଦୃଷ୍ଟାନ୍ତ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ବରିଷ୍ଠ ଉପଦେଷ୍ଟା ଶମ୍ଭୁନାଥ ମହାନ୍ତି, ପ୍ରଫେସର ଅନନ୍ତ ପ୍ରଧାନ, ଭଗବାନ ଚନ୍ଦ୍ର ରାଉତ, ଦିଲୀ କମିଟିର ସଭାପତି ପ୍ରଫେସର ଅଜୟ ପଟ୍ଟନାୟକଙ୍କ ସମେତ ସନ୍ୟାସୀ ବେହେରା ଓ ସରସ୍ୱତୀ ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କମିଟିର ଗୌରବମୟ ଆନ୍ଦୋଳନର ତ୍ୟାଗ ଜିଲାବାସୀଙ୍କ ପାଇଁ ସବୁଦିନ ସ୍ମୃତି ରହିବା ସହ ପ୍ରେରଣା ଦେଉଥିବ ବୋଲି ମତ ପ୍ରକାଶ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ପ୍ରେରଣା ଦିବସର ତାତ୍ପର୍ଯ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେଇ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନଙ୍କ ସହ ଏକ ଆଲୋଚନା ତୁରନ୍ତ କରାଇବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ସାଧାରଣ ସଂପାଦକ ଇଂ. ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଶତାଧିକ ସଦସ୍ୟ ସଦସ୍ୟା ଏହି ସଭାରେ ଉପସ୍ଥିତ ଥିଲେ।

# ନିରନ୍ତର ପ୍ରଗତି ପଥେ ଭାରତୀୟ ଅର୍ଥବ୍ୟବସ୍ଥା ପରମ ସନ୍ତୋଷର ବିଷୟ : ଅନୁରାଗ ସିଂ ଠାକୁର



ଭୁବନେଶ୍ୱର,୦୪/୦୯ (ନି.ପ୍ର): ହୁଏତ' ଏହା ସଂଯୋଗବଶତଃ ହୋଇ ଥାଇପାରେ, କିନ୍ତୁ ବ୍ରିଟିଶ ସାମ୍ରାଜ୍ୟ ଠାରୁ ସ୍ୱାଧୀନତା ପାଇବାର ୭୫ତମ ବର୍ଷରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିଶ୍ଚିତ ଭାବେ ପରମ ସନ୍ତୋଷର ବିଷୟ । ଏହି ଉପଲବ୍ଧି ଏପରି ଏକ ସମୟରେ ଆସିଛି ଯେତେବେଳେ ବ୍ରିଟେନ ନିଜ ଆର୍ଥିକ ଅଧୋଗତି ଏବଂ ବର୍ଦ୍ଧିତ ମୁଦ୍ରାସ୍ଫିତୀର ମୁକାବିଲା କରିବା ଲାଗି ସଂଘର୍ଷ କରୁଛି । ବ୍ରିଟେନ, ୟୁରୋପ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଜନସାଧାରଣଙ୍କ ଜୀବନଧାରଣ କଳ୍ପନାତୀତ ଭାବେ ଅତ୍ୟନ୍ତ ମହଙ୍ଗା ହୋଇପଡ଼ିଛି । ଯେଉଁ ତଥାକଥିତ ଅର୍ଥ ବିଶାରଦମାନେ ଲଗାତାର ଭାରତୀୟ ଅର୍ଥବ୍ୟବସ୍ଥାକୁ ସମାଲୋଚନା କରି ଆସୁଥିଲେ ସେମାନେ ବ୍ରିଟେନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସଙ୍କଟକୁ ଆକଳନ କରିବାରେ ବିଫଳ ହୋଇଥିବା କାରଣରୁ ହତପ୍ରଭ ହୋଇ ପଡ଼ିଛନ୍ତି । ଏହି ପରିପ୍ରେକ୍ଷୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମ୍ମାନୁଏଲ ମ୍ୟାକ୍ରଁଙ୍କ ଉକ୍ତି ବାସ୍ତବରେ ପ୍ରଣିଧାନଯୋଗ୍ୟ- ସେମାନଙ୍କ ପାଇଁ ପ୍ରାଚୁର୍ଯ୍ୟର ଦିନ ପ୍ରକୃତରେ ଶେଷ ହୋଇଯାଇଛି । ଆଉ ବୋଧେ ଏହା ଆମ ପାଇଁ ଆରମ୍ଭ ହେଉଛି । ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥା ହେବାର ଖବର ପ୍ରଥମେ ବ୍ଲୁମବର୍ଗରେ ପ୍ରକାଶ ପାଇଥିଲା । ଏହି ଖବରକୁ ଏକ ଔପନିବେଶିକ ରଙ୍ଗ ଦେଇ ବ୍ଲୁମବର୍ଗ ଲେଖିଥିଲା ଯେ, ଏକ ସାମ୍ରାଜ୍ୟବାଦୀକୁ ଏହାର ପୂର୍ବତନ ସାମ୍ରାଜ୍ୟ ପଛରେ ପକାଇ ଦେଇଛି । ବହୁପୂର୍ବରୁ ସମ୍ରାଟଙ୍କ ଠାରୁ ସାମ୍ରାଜ୍ୟ ଓ ବୈଭବ, ଉଭୟ ହାତଛଡ଼ା ହୋଇଯାଇଥିଲା । କାଳକ୍ରମେ ଗ୍ରେଟ୍ ବ୍ରିଟେନ୍ ସଙ୍କୁଚିତ ହୋଇ ଏକ ଛୋଟ ଇଂଲଣ୍ଡରେ ପରିଣତ ହୋଇଥିଲା; କିନ୍ତୁ ଏହାର ଅର୍ଥବ୍ୟବସ୍ଥା ସୁଦୃଢ଼ ରହିଥିଲା ଏବଂ ୟୁକେ (ୟୁନାଇଟେଡ୍ କିଙ୍ଗଡମ୍) ବିଶ୍ୱର ଶୀର୍ଷ ପାଞ୍ଚଟି ଅର୍ଥବ୍ୟବସ୍ଥା ତାଲିକାରେ ନିଜର ସ୍ଥାନ ବଜାୟ ରଖିପାରିଥିଲା । ଏହା ନିଃସନ୍ଦେହ ଯେ ବ୍ଲୁମବର୍ଗର ରିପୋର୍ଟରେ ଔପନିବେଶିକ ସନ୍ଦର୍ଭ ଉଲ୍ଲେଖ କରାଯିବା ଆପତ୍ତିଜନକ । ତା'ଛଡ଼ା ୧୯୪୭ରେ ବ୍ରିଟିଶ ଶାସକମାନେ ଅସହାୟ, କ୍ଷତାକ୍ତ ଓ ଲହୁଲୁହାଣ କରି ଛାଡ଼ି ଚାଲି ଯାଇଥିବା ଏକ ରାଷ୍ଟ୍ର କ୍ରମାଗତ ଉନ୍ନତି କରିବା ସହିତ ଆର୍ଥିକ ସମୃଦ୍ଧି ଓ ଶକ୍ତି ହାସଲ କରିବାର ଦିଗକୁ ଏଥିରେ ଅଣଦେଖା କରାଯାଇଛି । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ଅତୀତକୁ ସମାଧି ଦେଇ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନୂତନ ଆରମ୍ଭ କରିଥିଲେ ଯାହାକି ଅଧିକାଂଶ ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା, ସେମାନଙ୍କର ସମ୍ଭାବନାକୁ ଉଜାଗର କରିବା ଏବଂ ଏହି ମହାନ ରାଷ୍ଟ୍ରକୁ ପ୍ରଗତି ପଥକୁ ଆଣିବା ଲାଗି ଉଦ୍ଦିଷ୍ଟ ଥିଲା । ସମୃଦ୍ଧ ଓ ସଶକ୍ତ ଭାରତର ଅନ୍ତିମ ପଙ୍କ୍ତିରେ ଛିଡ଼ା ହୋଇଥିବା ଅନ୍ତିମ ବ୍ୟକ୍ତିକୁ ସୁବିଧା ପ୍ରଦାନ କରାଯିବା ସୁନିଶ୍ଚିତ କରାଗଲା। ପ୍ରଧାନମନ୍ତ୍ରୀ ମୋଦୀ ଆଣିଥିବା ସ୍ଥିର ପରିବର୍ତ୍ତନର ପ୍ରଭାବ ଏହି ଆଠ ବର୍ଷ ମଧ୍ୟରେ ଦେଖିବାକୁ ମିଳିଛି । ଭାରତର କାହାଣୀ ସାରା ବିଶ୍ୱରେ ସବୁଠୁ ପ୍ରାସଙ୍ଗିକ ପାଲଟିଛି । ପରିସଂଖ୍ୟାନରୁ କେବଳ ଆଂଶିକ ତଥ୍ୟ ମିଳିଥାଏ । ୨୦୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପିର ସାଙ୍କେତିକ ଅଭିବୃଦ୍ଧି ସ୍ତର ୧୩.୫ ପ୍ରତିଶତ ହେବା କ୍ଷେତ୍ରରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ବୋଲି କୁହାଯାଉଛି । କ୍ରୟ ଶକ୍ତି ଆଧାରରେ ଆକଳନ କଲେ, ଆମେରିକା ଓ ଚୀନ ପରେ ଭାରତର ଜିଡିପି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ମାନ୍ୟତା ପାଇବ । ବର୍ତ୍ତମାନ ଉପଲବ୍ଧ ସବୁ ସଙ୍କେତ ଓ ଆକଳନରୁ ସୂଚନା ମିଳୁଛି ଯେ, ଅନ୍ୟ ସବୁ ରାଷ୍ଟ୍ରର ଜିଡିପି ସ୍ଥିର କିମ୍ବା ନିମ୍ନଗାମୀ ଥିବା ବେଳେ ଭାରତୀୟ ଅର୍ଥବ୍ୟବସ୍ଥା କ୍ରମାଗତ ଭାବେ ପ୍ରଗତି ହାସଲ କରୁଛି । ଏହାର ଅର୍ଥ ହେଉଛି ଭାରତ କ୍ରମାଗତ ଭାବେ ଅଗ୍ରଣୀ ସ୍ଥାନ ବଜାୟ ରଖିବା ସହିତ ଦ୍ରୁତ ଗତିରେ ବର୍ତ୍ତମାନର ଶୂନ୍ୟସ୍ଥାନଗୁଡ଼ିକ ଦୂର କରୁଛି ।

## ପାରାଦୀପରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ, ୦୪/୦୯ (ନି.ପ୍ର): ଆଜି ପୂର୍ବାହ୍ନରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟର ସମ୍ମିଳନୀ କକ୍ଷରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ ଏବଂ କଟକର କାର୍ସିନୋଭା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର କ୍ଷିତୀଶ ଚନ୍ଦ୍ର ମିଶ୍ର, ଯନ୍ତ୍ରଣା ଓ ଉପଶମ ବିଭାଗ ଡାକ୍ତର ଶୋଭନ କୁମାର ରଥ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ଏବଂ ବାଜପେୟୀ ଟ୍ରଷ୍ଟ ଅଧ୍ୟକ୍ଷ ଅଜିତ କୁମାର ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ଅବସରରେ ଡାକ୍ତର ମିଶ୍ର ତାଙ୍କ ପ୍ରଚେଷ୍ଟାରେ କଟକ ସହରରେ ଗଢ଼ାଯାଇଥିବା କାର୍ସିନୋଭା କ୍ୟାନ୍ସର ହସ୍ପିଟାଲରେ ଗରିବ ଅନଗ୍ରସର ଲୋକଙ୍କୁ ମାଗଣାରେ କର୍କଟ ରୋଗର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି କହିଥିଲେ । ଏପରିକି କାର୍ସିନୋଭା ଫାଉଣ୍ଡେସନ ସବୁବେଳେ ଗରିବଙ୍କ ସାଥିରେ ରହିଛି ବୋଲି ଡାକ୍ତର ମିଶ୍ର କହିଥିଲେ। ବିଭିନ୍ନ କାରଣରୁ ଏବେ ସମଗ୍ର ଦେଶ ତଥା ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ମାତ୍ର ଜନ ସଚେତନତା ଦ୍ୱାରା ଏହି ରୋଗକୁ ଅନେକାଂଶରେ ନିୟନ୍ତ୍ରଣ କରିହେବ ବୋଲି ବିଶିଷ୍ଟ ବ୍ୟକ୍ତି ତଥା ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଥିରେ ଏନଓସି ଫାଉଣ୍ଡେସନର ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତି, ବାଜପେୟୀ ଟ୍ରଷ୍ଟର ସମ୍ପାଦକ ଅରୁଣ ସ୍ୱାଇଁ, ଅନିଲ ସେନାପତି ଏବଂ ଏହାର କର୍ମକର୍ତ୍ତା ମାନଙ୍କ ସମେତ କାର୍ଯ୍ୟରତ ସାମ୍ବାଦିକ ସଞ୍ଜୟ ମିଶ୍ର, ଦୀପକ ଦାସ, ଜଗନ୍ନାଥ ଶତପଥି ପ୍ରମୁଖ ସହଯୋଗ କରିଥିଲେ ।

## 'ସ୍ମୃତିରେ ବୋଉ' ଲୋକାର୍ପିତ



ବାଲେଶ୍ୱର: ୪/୯: ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପରିଷଦର ପ୍ରାକ୍ତନ ସଂପାଦକ ଡା. କୁମାର ଗୋପାଲ ସଂପାଦିତ 'ସ୍ମୃତିରେ ବୋଉ' ପରିଚୟ ପତ୍ରିକାରର ସଂପାଦିକା ସୁଶ୍ରୀ ଅରୁଣା ରାୟଙ୍କଦ୍ୱାରା ଏକ ଭାବପୂର୍ଣ୍ଣ ପରିବେଶରେ ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ବକ୍ତା ଭାବରେ ଯୋଗ ଦେଇ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ଗବେଷକ ଡ. ଭାଗବତ ପ୍ରସାଦ ଦାସ, ଉପସଭାପତି ପ୍ରଦୀପ ଚାଟାର୍ଜୀ 'ବୋଉ' ବା ମାତୃଜାତି ପ୍ରତି ନିଜ ନିଜର ଶବ୍ଦ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। 'ବୋଉ' ଏକ ଅନ୍ତହୀନ ଅନୁଭବ। କେତୋଟି ଶବ୍ଦରେ ବୋଉର ଗୁଣଗାନ କରିବା ଅସମ୍ଭବ। ତଥାପି ବୋଉ ପ୍ରତି ନିଜର ସମର୍ପିତ ଭାବକୁ ନେଇ ଡାକ୍ତର ଗୋପାଲଙ୍କ ଏତାଦୃଶ ଉଦ୍ୟମକୁ ବକ୍ତାମାନେ ଉଚ୍ଚ ପ୍ରଶଂସା କରିଥିଲେ। ସ୍ନିଗ୍ଧା ସାମନ୍ତରାୟ, ପ୍ରତିମା ପଣ୍ଡା ଓ ସୁବ୍ରତା ମହାନ୍ତି ସ୍ୱରଚିତ ବୋଉ ସଂପର୍କିତ କବିତା ପାଠ କରିଥିବାବେଳେ କଲ୍ୟାଣୀ ନନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ ଓ ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଶେଷରେ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜୋନ୍‌ସ୍ତରୀୟ ପ୍ରତିଯୋଗିତା

ବାଲେଶ୍ୱର,୦୪/୦୯ (ନି.ପ୍ର): ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜୋନ୍‌ସ୍ତରୀୟ କ୍ଷୁଦ୍ର ନାଟକ, ବକ୍ତୃତା, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି ।ଏହି ପ୍ରତିଯୋଗିତାରେ ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲାର ସ୍କୁଲ ଲିଗାଲ ଲିଟେରେସି କ୍ଲବ୍‌ର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଜୋନ ସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଭଦ୍ରକର ବରାସ ଜବାହାର ନବୋଦୟ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଲେଶ୍ୱରର ରସାଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ମୟୁରଭଂଜ ରାଣିଭୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିଭଳି ରଚନାରେ ଭଦ୍ରକ ବରାସ ଜବହାର ନବୋଦୟ ବିଦ୍ୟାଳୟ ଛାତ୍ର ପ୍ରଦୋଷ କୁମାର ପଣ୍ଡା ପ୍ରଥମ, ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶିଳ୍ପୀ ସମୃଦ୍ଧି ମଲ୍ଲିକ ଦ୍ୱିତୀୟ ଏବଂ ମୟୁରଭଂଜ ମହୁଲିଆ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଜୟନ୍ତ କୁମାର ଜେନା ତୃତୀୟ ହୋଇଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ଭଦ୍ରକର ବରାସ ଜବାହାର ନବୋଦୟ ବିଦ୍ୟାଳୟ ଛାତ୍ରୀ ଜ୍ୟୋତିପ୍ରଭା ସାହୁ ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟ ମହୁଲିଆ ମୟୁରଭଂଜର ଛାତ୍ର ଅଭିଜିତ୍ ଘୋଷ ଦ୍ୱିତୀୟ ଏବଂ ରେମୁଣା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଇତିଶ୍ରୀ ଆଚାର୍ଯ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୁରୂପ ଭାବେ ଚିତ୍ରାଙ୍କନ ପ୍ରତିଯୋଗିତାରେ ନୟନା କୁମାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିପ୍ତୀରାଣୀ ଘଡାଇ ପ୍ରଥମ, ଜବାହାର ନବୋଦୟ, ବିଦ୍ୟାଳୟ ବରାସ, ଭଦ୍ରକ ଛାତ୍ର ଓମ୍ ପ୍ରକାଶ ପୋଇ ଦ୍ୱିତୀୟ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ମହୁଲିଆ ମୟୁରଂଜର ଛାତ୍ରୀ ଶ୍ରଦ୍ଧାରାଣୀ ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଲେଶ୍ୱର ଜିଲ୍ଲାଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ର ଅଧ୍ୟକ୍ଷ ଭଗବାନ ପ୍ରଧାନ କୃତୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ ସହ ପୁରସ୍କୃତ କରିଥିଲେ।

### ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ହେବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ଭୁବନେଶ୍ୱର,୦୪/୦୯ (ନି.ପ୍ର): ପ୍ରଫେସର ଗଣେଶୀ ଲାଲ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ଦେଇଛନ୍ତି। ଶ୍ରୀ ପଣ୍ଡା ଆସନ୍ତା ୪ ବର୍ଷ ପାଇଁ ଏହି ଦାୟିତ୍ୱ ତୁଲାଇବେ। ସୂଚନା ଅନୁସାରେ ସେ ବର୍ତ୍ତମାନ ଗୁଜୁରାତ ଅହମ୍ମଦାବାଦର ବରୋଦା ସ୍ଥିତ ମହାରାଜା ସାୟାଜୀରାଓ ବିଶ୍ୱବିଦ୍ୟାଳୟର ସଂସ୍କୃତ, ପାଲି ଏବଂ ପ୍ରାକୃତ ବିଭାଗର ଅଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି ।

## ଏନ୍.ପି.ଏସ୍ ଶିକ୍ଷକସଂଘ ମୟୂରଭଞ୍ଜର ସେପ୍ଟେମ୍ବର-୧୧ ମହାଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ




ବାରିପଦା, ୦୪/୦୯ (ନି.ପ୍ର): ସ୍ଥାନୀୟ ଏମ୍.କେ.ସି. ହାଇସ୍କୁଲ ସଭାଗୃହରେ ଏନ୍.ପି.ଏସ୍ ଶିକ୍ଷକସଂଘର ସଭାପତି ଜ୍ଞାନରଞ୍ଜନ ଆଚାର୍ଯ୍ୟ ଙ୍କ ସଭାପତିତ୍ୱରେ ଶିକ୍ଷକ ସଂଘର ସେପ୍ଟେମ୍ବର-୧୧ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ଏନ୍.ପି.ଏସ୍ ଶିକ୍ଷକ ସଂଘର ସଂପାଦକ ରଞ୍ଜନ କୁମାର ନନ୍ଦ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ପୂର୍ବତନ ସଂପାଦକ ଅଜିତ ମହାନ୍ତି, ବରିଷ୍ଠ ସଦସ୍ୟ ମନୋଜ କୁମାର ପାତ୍ର, ମନୋଜ ପରିଡା ଏବଂ ମୟୂରଭଞ୍ଜ ଇନିସିଆଲ ଆପଏଣ୍ଟି ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅଭିନନ୍ଦନ ମହୁରୀ ପ୍ରମୁଖ ମଞ୍ଚାସୀନ ରହି ସଂଘର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଏବଂ କାର୍ଯ୍ୟଧାରା ଉପରେ ଆଲୋକପାତ କରି, ଆଗାମୀ ସେପ୍ଟେମ୍ବର-୧୧ ତାରିଖ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ମହାଆନ୍ଦୋଳନରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର ସେଠୀ, ଶିକ୍ଷୟିତ୍ରୀ ଆରତୀ ଟୁଡୁ, ଶିକ୍ଷକ ଶିଶିର ନାୟକ, ଜୟନ୍ତ ଛାଟିଆ, ଅରୁଣ ମହାନ୍ତି, ବିଜୟ ସି, ଗୋକୁଳ ଦାସ, ସୀମା ଦାସ, କୁଞ୍ଜବାଳା ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉକ୍ତ ପ୍ରସ୍ତୁତ ବୈଠକରେ ମୟୂରଭଞ୍ଜର ୨୬ଟି ବ୍ଲକ୍‌ରୁ ବହୁ ସଂଖ୍ୟକ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସୂଚନା ଥାଉକି ୨୦୦୪ ମସିହା ଠାରୁ ୨୦୨୨ ମସିହା ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ନିଯୁକ୍ତ ଏନ୍.ପି.ଏସ୍ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଆଗ୍ରହର ସହିତ ଯୋଗଦେଇ ସେପ୍ଟେମ୍ବର-୧୧ ମହାରାଲିକୁ ସଫଳ କରାଇବା ପାଇଁ ଶପଥ ନେଇଥିଲେ। ୬ ବର୍ଷର ଚୁକ୍ତି ଅବଧିକୁ ମୂଳଚାକିରୀ ସମୟ ମଧ୍ୟରେ ସାମିଲ କରିବା, ଚୁକ୍ତି ଭିତ୍ତିକ ନିଯୁକ୍ତିକୁ ପ୍ରଥାକୁ ଉଚ୍ଛେଦ କରିବା ଏବଂ ପୁରାତନ ପେନ୍‌ସନ୍ ନିୟମ ଲାଗୁ କରିବା ଦାବି ନେଇ ମହାଆନ୍ଦୋଳନର ରୂପରେଖ ପ୍ରସ୍ତୁତ ହୋଇଛି । କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ରାଜୀବଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ମାସ ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟସୂଚୀ

ବାରିପଦା, ୦୪/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ମାସର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଅଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଯଥାକ୍ରମେ ପ୍ରଥମ ସୋମବାର-ତା.୦୫.୦୯.୨୦୨୨ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ କେନ୍ଦ୍ର, ଦ୍ୱିତୀୟ ସୋମବାର-ତା.୧୨.୦୯.୨୦୨୨ ରିଖରେ ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ତୃତୀୟ ସୋମବାର ତା.୧୯.୦୯.୨୦୨୨ ରିଖରେ ପାଂଚପୀଢ ଉପଖଣ୍ଡ କରଂଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ଚତୁର୍ଥ ସୋମବାର ତା.୨୬.୦୯.୨୦୨୨ ରିଖରେ କପ୍ତିପଦା ଉପଖଣ୍ଡ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠଠାରେ ଅନୁଷ୍ଠିତ ହେବ। ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ / ଉପଖଣ୍ଡର ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସିଡିପିଓ, ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମରେ ସଂପୃକ୍ତ ଅଚଂଳର ଜନ ସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସଂପର୍କୀତ ଅଭିଯୋଗ ଲିଖିତ ଅଥବା ମୌଖିକ ଭାବେ ଶିବିରରେ ଉପସ୍ଥିତ ରହି ଜଣାଇ ପାରିବେ।

## ନିଶା ବିରୋଧରେ ବୃହତ୍ତର ଆନ୍ଦୋଳନ ପାଇଁ ଜିଲ୍ଲା ସ୍ତରୀୟ କନ୍‌ଭେନ୍



ଭଦ୍ରକ,୦୪/୦୯ (ନି.ପ୍ର): ସଂପ୍ରତି ରାଜ୍ୟ ସରକାର ନିଜର ରାଜନୈତିକ ଫାଇଦା ପାଇଁ ମଦ ବ୍ୟବସାୟର ସଂପ୍ରସାରଣ ଦୃତ ବେଗରେ କରି ଚାଲିଛନ୍ତି। ଏବେ ଖାଲି ବିଧାନସଭା ବା ସଂସଦ ନିର୍ବାଚନ ବେଳେ ଟଙ୍କା ଛଡ଼ା ମଦ ଦିଆଯାଉନାହିଁ, ପଞ୍ଚାୟତ ନିର୍ବାଚନରେ ଜିତିବା ପାଇଁ ମଧ ଭୋଟରମାନଙ୍କୁ ମଦ ଦିଆଯାଉଛି। ମଦ ଦେଇ ବିଶେଷ କରି ଯୁବକ ମାନଙ୍କୁ ଆକୃଷ୍ଟ କରି ନିର୍ବାଚନ ଅଫିସକୁ ଆଣିବା ଏବଂ ପ୍ରଚାର କରି ରୋଡ଼ ସୋ ଜମାଇବା ଆଦି କାର୍ଯ୍ୟ କରୁଛନ୍ତି। ମାତ୍ର ସରକାରୀ ଦଳର ନେତାମାନେ ଦୁର୍ନୀତିରେ ସଂପୃକ୍ତ ରହି ସେ ଯୋଜନା ଗୁଡ଼ିକୁ ବିଫଳତା ପହଞ୍ଚାଇଛନ୍ତି। ତେଣୁ ନିର୍ବାଚନ ୧ ମାସ ପୂର୍ବରୁ ଭୋଟରମାନଙ୍କୁ ସମ୍ମୋହିତ କରି ଟଙ୍କା ଛଡ଼ା ମଦକୁ କରୁଛନ୍ତି ବ୍ରହ୍ମାସ୍ତ୍ର। ରାଜ୍ୟରେ ମଦ ବିରୋଧରେ ଆନ୍ଦୋଳନ ଜାରି ରହିଥିଲେ ବି ସରକାର ନିର୍ଲଜ ଭାବେ ଯୁକ୍ତ କରୁଛନ୍ତି, ସରକାରୀ ଭାବେ ମଦ ପ୍ରଚଳନ ବନ୍ଦ କରିଦେଲେ ଲୋକେ ବେଆଇନ ଭାବେ ମଦ ତିଆରି କରି ପିଇବେ ଏବଂ ମୃତ୍ୟୁ ବରଣ କରିବେ। ଏହା ଏକ ଅମୂଳକ ଯୁକ୍ତି ଏବଂ ମାନବ ସମାଜ ପାଇଁ ଏକ କଳଙ୍କିତ ସରକାରୀ ବିଚାରଧାରା ବୋଲି ମତବ୍ୟକ୍ତ କରିଛନ୍ତି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓଡ଼ିଶା ରାଜ୍ୟ ସଭାପତି ତଥା ସର୍ବ ଭାରତୀୟ ଆବାହକ ପ୍ରାକ୍ତନ ବିଧାୟକ ପଦ୍ମ ଚରଣ ନାୟକ। ଭଦ୍ରକ ପୁରୁଣା କଚେରୀ ପ୍ରାଙ୍ଗଣ ସ୍ଥିତ ଓକିଲ ସଂଘ କନ୍‌ଫରେନ୍ସ ହଲ୍‌ରେ ଭଦ୍ରକର ବର୍ଷୀୟାନ ସାମାଜିକ କର୍ମୀ ତଥା ଆଜୀବନ ସଂଗ୍ରାମୀ ନିରାକାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କନ୍‌ଭେନ୍‌ସନ୍‌ରେ ଏହା କହିଛନ୍ତି। ଆସନ୍ତା ନଭେମ୍ବର ୨୩ ତାରିଖ ଜିଲ୍ଲାସ୍ତରୀୟ ଆନ୍ଦୋଳନକୁ ଜୋରଦାର୍ କରିବାକୁ ଆହ୍ୱାନ ଦିଆ ଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାକୁ ମଦମୁକ୍ତ କରିବାକୁ ଏବଂ ବୃହତ୍ତର ଆନ୍ଦୋଳନ ଗଢି ତୋଳିବାକୁ ମଧ ଆହ୍ୱାନ ଦେଇଥିଲେ। ଉକ୍ତ କନ୍‌ଭେନ୍‌ସନ୍ ଜରିଆରେ ଭଦ୍ରକ ଜିଲ୍ଲାର କାର୍ଯ୍ୟରତ ଜିଲ୍ଲା କମିଟିକୁ ପରିବର୍ଦ୍ଧିତ କରାଯାଇଛି। ଜିଲ୍ଲା ସଭାପତି ନିରାକାର ଜେନାଙ୍କ ପ୍ରସ୍ତାବ ଏବଂ ଜିଲ୍ଲା ସଂପାଦକ ଆଡ୍‌ଭୋକେଟ ଗିରିଧାରୀ ନାଥଙ୍କ ସଂଗଠନିକ ଆଲୋଚନା କ୍ରମେ ସାରା ଜିଲ୍ଲାରେ ୭ଟି ବ୍ଲକରରୁ ପ୍ରତିନିଧି ନିର୍ବାଚିତ କରାଯାଇ ସେମାନଙ୍କୁ ଜିଲ୍ଲା କମିଟିରେ ସ୍ଥାନିତ କରାଯାଇଛି। ଜିଲ୍ଲାରେ ନିଶାମୁକ୍ତ ଆନ୍ଦୋଳନ ପାଇଁ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବରେ ସାମିଲ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗ୍ରାମ୍ୟସ୍ତର ଠାରୁ ପଞ୍ଚାୟତ ଏବଂ ସଦର ମହକୁମାରେ ବିଜ୍ଞାପିତ ପୌରାଞ୍ଚଳ ଶାଖା ଗଠନ କରି ନିଶା ବିରୋଧୀ ଆନ୍ଦୋଳନରେ ଯୁବକ ଯୁବତୀ, ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ସାମିଲ କରିବାକୁ ମଧ ନିଷ୍ପତ୍ତି ଗ୍ରହଣ ହୋଇଛି।

## ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ବ୍ଲକ ସ୍ତରୀୟ ବାର୍ଷିକ ସଂସ୍କୃତ ସଂଗୋଷ୍ଠୀ ସମାରୋହ




ଜଳେଶ୍ୱର, ୦୪/୦୯ (ନି.ପ୍ର): ସଂସ୍କୃତ ଓ ସଂସ୍କୃତି ଏକ ମୁଦ୍ରାର ଦୁଇ ଫଳକ । ସଂସ୍କୃତ ଏକ ଭାଷା ନୁହେଁ ବରଂ ସମସ୍ତଙ୍କୁ ଶୁଦ୍ଧିକରଣ କରିବାର ପରିଭାଷା ବୋଲି ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ ସଂସ୍କୃତ ସଂଗୋଷ୍ଠୀ ସମାରୋହ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସର୍ବପୁରାତନ ୧୧୬ ବର୍ଷର ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡ. ବିବେକାନନ୍ଦ ସାହୁ ଅଧ୍ୟକ୍ଷତା କରି ସଂସ୍କୃତ ଓ ସଂସ୍କୃତି ଭାରତୀୟ ଇତିହାସକୁ ସମୃଦ୍ଧ କରିଛି ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ ଯୋଗ ଦେଇ ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ ରୁମନ୍ଥନ କଲେ ଶିକ୍ଷାକୁ ବ୍ୟବସାୟ କରଣ କରାନଯିବା ଉଚିତ୍ , ବରଂ ଗାନ୍ଧିଙ୍କ ଭାଷାରେ ଶିଶୁର ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ଲାଗି କାର୍ଯ୍ୟ କରାଯିବା ଉଚିତ୍ ବୋଲି କହିଥିଲେ । ମୁଖ୍ୟବକ୍ତଭାବେ ପଣ୍ଡିତ ସଂଜୟ କୁମାର ପଣ୍ଡା ଯୋଗ ଦେଇ ସମଗ୍ର ଭାରତ ବର୍ଷରେ ସଂସ୍କୃତ ଓ ସଂସ୍କୃତିକୁ ଗୁରୁତ୍ୱ ଦେଇ 'ସଂସ୍କୃତ ଦିବସ ପାଳିତ ହେଉଥିବା ବେଳେ ସଂସ୍କୃତ ଭାଷାକୁ ଗୁରୁତ୍ୱ ନ ହେବା ନୈରାଶ୍ୟଜନ ବୋଲି କହିଥିଲେ । ବେଦ, ପୁରାଣ, ଗୀତା ସଂସ୍କୃତରେ ଲିଖିତ ହୋଇଥିବାରୁ ଏହି ଭାଷାକୁ ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଆବାହକ ସଂଜୟ ଦାସ, ଗିରିଶଚନ୍ଦ୍ର ପାଣିଗ୍ରାହୀ, ସରପଂଚ ତପନୀ ଭୂୟାଁ, ଭବାନୀଶଂକର ପାଳ, ସମିତି ସଦସ୍ୟ ମଧୁମିତା ମହାନ୍ତି, ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ସ୍ତରୀୟ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ଓ ମ୍ୟାଟ୍ରିକ ପରୀକ୍ଷାରେ ସଂସ୍କୃତରେ ଶତପ୍ରତିଶତ ନମ୍ବର ରଖିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ୫ଜଣ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତ୍ରୟୋମାସିକ ସଂସ୍କୃତ ପତ୍ରିକା 'ସୁଶ୍ରୀ' ଉନ୍ମୋଚିତ ହୋଇଥିବା ବେଳେ ପ୍ରଭୁରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo